

'ସ୍ପିରିଟ୍'ରୁ ହଟିଲେ ଦୀପିକା
▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-328 •BHUBANESWAR •TUESDAY •27 MAY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୨୮ •ଭୁବନେଶ୍ୱର •ମଙ୍ଗଳବାର •୨୭ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



**Admission Going on for +2 1st Yr. Sc.(CHSE & CBSE), JEE & NEET - 2025-26**

# TETRAHEDRON
## GROUP OF INSTITUTIONS

Tangi,Cuttack, For Admission Contact : 8093064522, 8093064525,9040363480, 7008222977

## OUR CHSE RESULT -2025

99% 1st Division

- RESULT : 99.7%
- ABOVE 95% : 13
- ABOVE 560 : 51
- ABOVE 90% : 185
- ABOVE 89% : 229
- ABOVE 88% : 280
- ABOVE 85% : 446
- ABOVE 500 : 534
- ABOVE 80% : 712
- ABOVE 75% : 902
- ABOVE 70% : 1023
- ABOVE 60% : 1120



581
ABINASH PANDA
R. NO. : 312CZ142
MOB. : 8926374475

| Mark | Name | R.NO. | M. |
|---|---|---|---|
| 578 | ANUNJAYA | 312CZ044 | 9937820270 |
| 575 | HARAPRASAD | 312CZ052 | 9777635809 |
| 574 | ANANYA ANUPRITA | 321CZ001 | 6372522094 |
| 574 | ANANYA | 321CZ018 | 9178552089 |
| 574 | PRIYADARSHINI | 321CZ020 | 8456010982 |
| 574 | RUTUPURNA | 321CZ025 | 8908000397 |
| 573 | ASHUTOSH | 312CZ009 | 7008710810 |
| 573 | SWARNA PRAVA | 321CZ002 | 9348538749 |
| 572 | SOUMYAK | 312CZ015 | 6372996292 |
| 572 | SANDEEP | 312CZ021 | 9438775289 |
| 571 | PRIYANKA | 321CZ016 | 8328937059 |
| 570 | SWAYAM | 312CZ039 | 9583495922 |
| 569 | ARPIT | 312CZ011 | 7894911960 |
| 568 | SUBHALAXMI | 321CZ017 | 6371705857 |
| 568 | BHAGYASHREE | 321CZ509 | 9853578058 |
| 568 | SWAYAMSHREE | 321CZ510 | 9827872997 |
| 567 | SATYAJIT | 312CZ010 | 7978274905 |
| 567 | SUBHASHREE SUBHASMITA | 321CZ068 | 7978768887 |
| 567 | ASHASRI | 321CZ111 | 9237473625 |
| 566 | SAI ARPIT | 312CZ118 | 8917543238 |
| 566 | RUMITA | 321CZ024 | 9178152840 |
| 565 | SUBHAM HARAPRIYA | 312CZ033 | 9668325122 |
| 564 | SHUBHAM | 312CZ007 | 9937533036 |
| 564 | SUBHANKAR | 312CZ026 | 7064837405 |
| 564 | BABUL | 312CZ093 | 7381834918 |
| 564 | PRAGYNA PARMITA | 321CZ065 | 9937431840 |
| 564 | BINODINI | 321CZ072 | 9438279824 |
| 564 | TANUSHREE | 321CZ082 | 8457958145 |
| 563 | MOHIT | 312CZ003 | 7042591220 |
| 563 | RUTENDRA | 312CZ005 | 8376946436 |
| 563 | RAJESH | 312CZ008 | 9437824159 |
| 563 | CHINMAYA | 312CZ097 | 7750985855 |
| 563 | RUDRA NARAYAN | 312CZ104 | 7908558686 |
| 563 | PRIYANKA | 321CZ039 | 9883320962 |
| 563 | ANANYA | 321CZ063 | 7894879290 |
| 563 | RASHMITA | 321CZ122 | 8249824883 |
| 562 | DIBYAJYOTI | 312CZ086 | 9692268696 |
| 562 | JYOTI RANJAN | 312CZ153 | 9861434928 |
| 561 | SITANSHU | 312CZ105 | 9178515603 |
| 561 | PRITISMITA | 321CZ007 | 9861306001 |
| 561 | PRIYANSHA | 321CZ010 | 8961657265 |
| 561 | SOUVAGYALAXMI | 321CZ022 | 9658552663 |
| 561 | PRAVASINI | 321CZ173 | 9348692263 |
| 560 | TANMAY | 312CZ006 | 9439099339 |
| 560 | RAJESH | 312CZ145 | 8328867688 |
| 560 | SOUMYA RANJAN | 312CZ158 | 9938372676 |
| 560 | PRATEEK | 312CZ234 | 9777204680 |
| 560 | RUDDHI SWASTIK | 312CZ581 | 7539031933 |
| 560 | SUBHASMITA | 321CZ011 | 8338816946 |
| 560 | PRANGYA | 321CZ511 | 6370197299 |

to be continued.....

**We are expecting 140 to 180 Govt. MBBS Admissions in 2025**

**71 MBBS IN 2024** | **54 MBBS IN 2023**

## OUR ACHIEVERS IN AIIMS

| Score | Name | Mobile | AIIMS |
|---|---|---|---|
| 710 | KAMALAKANTA | Mob. : 8249906661 | AIIMS,BBSR(2024) |
| 700 | RAHUL | M. : 6372741832 | AIIMS,RAIPUR(2024) |
| 697 | SUSHREE SANGITA | Mob. : 9810975701 | AIIMS,DELHI(2021) |
| 695 | OMM PRAKASH | M. : 6372521307 | AIIMS,GRORAKHAPUR(2024) |
| 695 | SWAGATIKA | M. : 7381845430 | AIIMS GORAKHAPUR(2024) |
| 680 | DEVASIS SAHOO | Mob. : 9861492793 | AIIMS BBSR(2021) |
| 675 | ASHIRBAD BISWAL | Mob. : 7846821473 | AIIMS GORAKHPUR(2023) |
| 670 | ADITYA NARAYAN | M. : 8260333635 | AIIMS MADURA(2024) |
| 670 | ANUPAM NAYAK | Mob. : 7205755502 | AIIMS KALYANI (2023) |
| 665 | SATYAJIT NAYAK | Mob. : 8260601336 | AIIMS RAIPUR(2022) |

**We are expecting 10 to 20 IIT & NIT Admissions in 2025**

## Qualifying & Scholarship Test for NEET :

1st June and 9th June 2025 (any one)
Exam from 11am. to 2.00pm. (Reporting at 10.00am.)
FOR ONLINE REGISTRATION VISIT OUR WEBSITE : https://neet.tetrahedroncoaching.com

**Name of the Exam Centres :**

| | | | | | |
|---|---|---|---|---|---|
| TETRAHEDRON Group of Institutions Tangi, Cuttack M. : 9040363480 | TETRAHEDRON Coaching Arunodaya Nagar, Cuttack M. : 8093064572 | OASIS Gopabandhu Square Bhubaneswar M. : 8093064525 | SRIRAM HIGHER Secondary School Soro, Near NH-16,Balasore M. : 8093664112 | ARYAVAT Higher Secondary School Soubhagya Nagar, Angul M. : 9348300700 | SANDILYA College of Science Dehuripali, Budharaja,Sambalpur M. : 9040363480 |

**One Year NEET Coaching Starts from 29th May, 4th June & 22nd June 2025**

# TETRAHEDRON
HIGHER SECONDARY SCHOOL
WOMEN'S HIGHER SECONDARY SCHOOL
RESIDENTIAL COACHING FOR NEET & JEE
www.tetrahedroncoaching.com



Admission Going on for +2 1st Yr. Sc.(CHSE & CBSE), JEE & NEET - 2025-26
TETRAHEDRON GROUP OF INSTITUTIONS
TANGI, CUTTACK
Tangi,Cuttack, For Admission Contact : 8093064522, 8093064525,9040363480, 7008222977
559 SWATA SUMAN R.NO. : 321CZ041
559 SANDEEPA R.NO. : 321CZ110
559 BIKASH R.NO. : 312CZ040
559 HRUSIKESH R.NO. : 312CZ045
558 PRIYANSHI R.NO. : 321CZ004
558 LICHISNA R.NO. : 321CZ027
558 DEBAKANTA R.NO. : 312CZ066
558 OMM PRAKASH R.NO. : 312CZ090
558 BIDYA BIBHUSAN R.NO. : 312CZ229
557 TAPASWINI R.NO. : 321CZ031
557 OMM PRAKASH R.NO. : 312CZ001
556 SNIGDHARANI R.NO. : 321CZ003
556 SUSHREE SHREEKRISHNA R.NO. : 321CZ055
556 SWAGATIKA R.NO. : 321CZ059
556 ARJYA NATASHA R.NO. : 321CZ078
556 ASHMIREKHA R.NO. : 321CZ113
556 SUREKHA R.NO. : 321CZ181
556 BIKRAM R.NO. : 312CZ050
556 OMPRAKASH R.NO. : 312CZ062
556 SWAGATJYOTI R.NO. : 312CZ091
556 ASWINI R.NO. : 312CZ119
556 MOHIT R.NO. : 312CZ143
555 RAJALXMI R.NO. : 321CZ079
555 BHASWATI R.NO. : 321CZ123
555 DIPTI KRISHNA R.NO. : 321CZ013
555 LALATENDU R.NO. : 312CZ094
555 ARJYAN R.NO. : 312CZ148
554 PRACHI PRIYADARSANI R.NO. : 321CZ008
554 SHREEYASHREE R.NO. : 321CZ042
554 SWATISASWATI R.NO. : 321CZ243
554 SUBHAM SEKHAR R.NO. : 312CZ023
554 SOUMYA PRIYANSU R.NO. : 312CZ027
554 OMM ANSHUMAN R.NO. : 312CZ043
99% 1st Division
RESULT : 99.7%
ABOVE 95% : 13
ABOVE 560 : 51
ABOVE 90% : 185
ABOVE 89% : 229
ABOVE 88% : 280
ABOVE 85% : 446
ABOVE 500 : 534
ABOVE 80% : 712
ABOVE 75% : 902
ABOVE 70% : 1023
ABOVE 60% : 1120
554 NITYANANDA R.NO. : 312CZ070
554 SAIPRAKASH R.NO. : 312CZ108
554 CHINMAY R.NO. : 312CZ282
554 SAMPAD R.NO. : 312CZ320
553 IPSITA R.NO. : 321CZ006
553 SAMIKSHA R.NO. : 321CZ019
553 SRADHA SUMAN R.NO. : 321CZ047
553 ARCHANA R.NO. : 321CZ118
553 SUBHAKANTA R.NO. : 312CZ055
553 SMRUTI RANJAN R.NO. : 312CZ135
552 SUBHRANSU R.NO. : 312CZ002
552 OM ASISH R.NO. : 312CZ020
552 ALOK KUMAR R.NO. : 312CZ076
552 SATYAJIT R.NO. : 312CZ202
552 OMM PRASAD R.NO. : 312CZ259
551 PRITIPRANGYA R.NO. : 321CZ036
551 ALISHA R.NO. : 321CZ074
551 SUBHASHREETA R.NO. : 321CZ084
551 SRADHANJALI R.NO. : 321CZ103
551 ANKITA R.NO. : 321CZ301
551 ANKITA SAHOO R.NO. : 321CZ302
550 SUCHARITA R.NO. : 321CZ028
550 PRITIMAYEE R.NO. : 321CZ029
550 SHUBHRAKANTA R.NO. : 312CZ024
550 BIBHABA SINDHU R.NO. : 312CZ098
550 PABITRA R.NO. : 312CZ368
549 PRIYANKA R.NO. : 321CZ009
549 BUDHADITYA R.NO. : 312CZ025
549 AMAN R.NO. : 312CZ056
549 SWASTIK SWARAJ R.NO. : 312CZ077
548 SWASTHIREKHA R.NO. : 321CZ052
548 ARPITA R.NO. : 321CZ057
548 SWAGATIKA R.NO. : 321CZ077
548 SHITAL SUKANYA R.NO. : 321CZ080
548 ANITA R.NO. : 321CZ105
548 POONAM R.NO. : 321CZ115
548 PRIYANKA PRIYADARSHANI R.NO. : 321CZ296
548 SWADHIN R.NO. : 312CZ004
548 AYUSH R.NO. : 312CZ031
548 ABHILAS R.NO. : 312CZ089
548 BISWAJIT R.NO. : 312CZ150
547 EBANJALI R.NO. : 321CZ151
547 PRIYANKA R.NO. : 321CZ271
547 DEBASHISH R.NO. : 312CZ075
547 SUDDHI SUNDAR R.NO. : 312CZ198
546 PRIYANKA R.NO. : 321CZ013
546 SWATISHREE R.NO. : 321CZ026
546 ABHIPSA R.NO. : 321CZ076
546 SUBHALAXMI R.NO. : 321CZ089
546 ANKITA R.NO. : 321CZ518
546 SRIYANSU R.NO. : 312CZ195
546 SUBRAT R.NO. : 312CZ196
546 SOUBHAGYA R.NO. : 312CZ593
545 ASHUTOSH R.NO. : 312CZ022
545 LOKANATH R.NO. : 312CZ030
545 SATYAJIT R.NO. : 312CZ084
545 PARTHASARATHI R.NO. : 312CZ173
545 PRATIK R.NO. : 312CZ184
545 SUSHIL R.NO. : 312CZ250
545 BISWAJIT R.NO. : 312CZ268
545 DIBYAJYOTI R.NO. : 312CZ441
544 N S SHAKTIRUPA R.NO. : 321CZ021
544 DEBASMITA R.NO. : 321CZ049
544 PRIYABRATA R.NO. : 312CZ016
544 DEBENDRA R.NO. : 312CZ042
544 SOURAV R.NO. : 312CZ222
544 ABHISEK R.NO. : 312CZ263
544 RUDRAPRASAD R.NO. : 312CZ266
543 PRIYANKA PRIYADARSHINI R.NO. : 321CZ219
543 SAMIT R.NO. : 312CZ149
542 SIMRAN R.NO. : 321CZ214
542 SHREEYA SARGAM R.NO. : 321CZ253
542 GYANA RANJAN R.NO. : 312CZ069
542 ATANU R.NO. : 312CZ083
542 SK ABID R.NO. : 312CZ109
542 SOMEN R.NO. : 312CZ176
541 LAXMIPRIYA R.NO. : 321CZ083
541 ANKITA PRIYADARSINI R.NO. : 321CZ147
541 MANISHARANI R.NO. : 321CZ396
541 SUBHASHREE PRIYADARSHINI R.NO. : 321CZ522
541 BISHNU PRASAD R.NO. : 312CZ028
541 OMPRAKASH R.NO. : 312CZ121
541 SANKALP R.NO. : 312CZ172
541 RABINARAYAN R.NO. : 312CZ188
541 SHUBHAM R.NO. : 312CZ235
541 ASHIT R.NO. : 312CZ363
541 SAI PRASAD R.NO. : 312CZ379
540 PRIYANKA PRIYADARSHANI R.NO. : 321CZ023
540 S BIJAYAKRANTI R.NO. : 321CZ053
540 MANYATA R.NO. : 321CZ152
540 BISWANATH R.NO. : 312CZ014
540 SMRUTI RANJAN R.NO. : 312CZ017
540 ABINASH R.NO. : 312CZ079
540 GAJENDRA NATH R.NO. : 312CZ085
540 DIBYAJYOTI R.NO. : 312CZ099
540 SAI JAGADISH R.NO. : 312CZ112
540 DEBASISH PRIYDARSHI R.NO. : 312CZ133
540 ADARSHA RANJAN R.NO. : 312CZ156
540 GUNASAGAR R.NO. : 312CZ194
540 SUVAM R.NO. : 312CZ582
540 HIMANSU R.NO. : 312CZ587
We are expecting 140 to 180 Govt. MBBS Admissions in 2025
71 MBBS IN 2024
5 Students got admission in AIIMS
8 Students got admission in SCB MCH, Cuttack
9 Students got admission in MKCG, Berhampur
6 Students got admission in VIMSAR, Burla
We are expecting 10 to 20 IIT & NIT Admissions in 2025.
TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON RESIDENTIAL COACHING FOR NEET & JEE
54 MBBS IN 2023
2 Students got admission in AIIMS
9 Students got admission in SCB MCH, Cuttack
5 Students got admission in VIMSAR, Burla
13 Students got admission in MKCG, Berhampur
One Year NEET Coaching Starts from 29th May, 4th June & 22nd June 2025

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 42 ◆ISSUE-328 ◆BHUBANESWAR ◆TUESDAY ◆27 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୨୮ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୭ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କାୟା ମେଲାଉଛି କରୋନା

### ସଂକ୍ରମଣ ୧୦୦୦ ଟପିଲା

■ **ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି):** ଦେଶରେ କରୋନା ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ସପ୍ତାହରେ ୭୫୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ସହିତ ସକ୍ରିୟ ରୋଗୀ ସଂଖ୍ୟା ୧୦୦୯ରେ ପହଞ୍ଚି ଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ଏହି ରୋଗୀଙ୍କ ମଧ୍ୟରେ କେରଳ, ମହାରାଷ୍ଟ୍ର ଏବଂ ଦିଲ୍ଲୀର ସର୍ବାଧିକ ସଂକ୍ରମିତ



ସାମିଲ ଅଛନ୍ତି। କେରଳରୁ ସର୍ବାଧିକ ୩୩୫ଟି ନୂଆ ମାମଲା ସାମ୍ନାକୁ ଆସିଛି। ଏଥିସହିତ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୪୩୦ରେ ପହଞ୍ଚି ଯାଇଛି। ଦିଲ୍ଲୀରେ ସକ୍ରିୟ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୪କୁ ବୃଦ୍ଧି ପାଇଛି। ଏଥିରୁ ୯୯ଟି ମାମଲା କେବଳ ଗତ ସପ୍ତାହରେ ସାମ୍ନାକୁ ଆସିଥିଲା। ସେହିପରି ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ▶ପୃଷ୍ଠା-୭

## ଛେଚିଲା ମୌସୁମୀ
# ମୁମ୍ବାଇ ଉବୁଟୁବୁ

■ **ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି):** ଏସନ ସଅଳ ଆସିଥିବା ମୌସୁମୀ ଦେଶର ଆଜିସୁଦ୍ଧା ୯ ରାଜ୍ୟକୁ ଛୁଇଁଛି। ଏହାର ପ୍ରଭାବରେ ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି। ଦୀର୍ଘ ୩୫ ବର୍ଷ ପରେ ମୌସୁମୀ ଧାର୍ଯ୍ୟ ସମୟ ପୂର୍ବରୁ ଦେଶର

**୯ ରାଜ୍ୟକୁ ଛୁଇଁଲା ମୌସୁମୀ**

**ମୁମ୍ବାଇ ମେଟ୍ରୋରେ ପଶିଲା ପାଣି**

**କେରଳରେ ସ୍କୁଲ, କଲେଜ ବନ୍ଦ**



ଆର୍ଥିକ ରାଜଧାନୀ ମୁମ୍ବାଇକୁ ଛୁଇଁଛି। ଏହାର ପ୍ରଭାବରେ ତୁହାକୁ ତୁହା ବର୍ଷା ସାଙ୍ଗକୁ ୭୦ରୁ ୮୦ କିମି ବେଗରେ ପବନ ବହୁଛି। ମୌସୁମୀର ମୂଷଳ ବର୍ଷା ବନ୍ୟାର ଭ୍ରମ ସୃଷ୍ଟି କରିଛି। ମେ’ ମାସରେ ଏହି ବର୍ଷା ୧୦୭ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ବର୍ଷାରେ ବେହାଲ ମୁମ୍ବାଇର ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମେଟ୍ରୋ ଷ୍ଟେସନ, ରେଳ ଧାରଣା, ବସ୍ ଷ୍ଟାଣ୍ଡ, ଘର ଆଦିରେ ବର୍ଷା ପାଣି ପଶି ପ୍ରବଳ କ୍ଷୟକ୍ଷତି କରିଛି। ହଜାର ହଜାର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ପ୍ରାୟ ୨୦୦ ଘରେ ପାଣି ପଶି ଯାଇଛି। ସ୍ଥିତିକୁ ଦେଖି ଏନ୍‌ଡିଆର୍‌ଏଫ୍‌ର ୨ଟି ଟିମ୍ ମୁତୟନ କରାଯାଇଛି। ▶ପୃଷ୍ଠା-୭

## ଆଜି ଲଘୁଚାପ; ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୨୬।୫ (ସମିସ):** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୪-୫ ଦିନ ମଧ୍ୟରେ ଓଡ଼ିଶା ଛୁଇଁପାରେ। ମଙ୍ଗଳବାର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପ୍ରଭାବରେ ମୌସୁମୀ ଅଧିକ ସକ୍ରିୟ ହେବ ଓ ଏହା ଓଡ଼ିଶାକୁ ଅଗ୍ରସର ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁଁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ସହ ଅନେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିପାରେ। ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ଘଣ୍ଟା ପ୍ରତି ୫୦ କିମି ବେଗରେ ପବନ ▶ପୃଷ୍ଠା-୭

## ବିଦ୍ୟୁତ୍ ଆଘାତରେ ମାଆ-ପୁଅ ମୃତ

■ **ଭବାନୀପାଟଣା, ୨୬।୫(ସମିସ):** ୮ ମାସ ତଳେ ସ୍ୱାମୀ ଆରପାରିକୁ ଚାଲିଯିବା ପରେ ଫୁଲମତୀଙ୍କ କାନ୍ଧରେ ପରିବାରର ସବୁ ବୋଝ ଅଜାଡ଼ି ହୋଇପଡ଼ିଥିଲା। କ୍ଷୀରଖିଆ ଛୁଆ ସାଙ୍ଗକୁ ୮ ବର୍ଷର ପୁଅକୁ ନେଇ ଦୁଃଖେକଷ୍ଟେ ସଂସାର ଚଳାଇଥିଲେ ଫୁଲମତି। କିନ୍ତୁ ବିଧାତା ଆଖିରେ ସେତକ ବି ଗଲାନି; ବିଦ୍ୟୁତ୍ ଆଘାତରେ ୭ ମାସର ଶିଶୁ ସାଙ୍ଗକୁ ଫୁଲମତିର ଜୀବନ ▶ପୃଷ୍ଠା-୭







## ଯେତେ ମନ୍ତ୍ରୀ, ସେତେ ମତ
# ମେଟ୍ରୋ ଭବିଷ୍ୟତ ଅନ୍ଧାର

■ **ଭୁବନେଶ୍ୱର, ୨୬।୫ (ସମିସ):** ରାଜ୍ୟ ସରକାରଙ୍କ ଯେତେ ମନ୍ତ୍ରୀ; ସେତେ ମତ। ପୁଣି ମନ୍ତ୍ରୀମାନଙ୍କର ଘଡ଼ିକୁ ଘଡ଼ି ମତ ପରିବର୍ତ୍ତନ ଏବେ ରାଜ୍ୟର ବହୁ ପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପର ଭବିଷ୍ୟତକୁ ଅନ୍ଧାର କରିଦେଇଛି। ଏକ ପକ୍ଷରେ ଟ୍ୱିନ୍ ସିଟିରେ ମେଟ୍ରୋ ନିର୍ମାଣ କାମ ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଥିବାବେଳେ ଜଣକ ପରେ ଜଣେ ମନ୍ତ୍ରୀ ରାଜ୍ୟବାସୀଙ୍କୁ ନୂଆ ନୂଆ ସ୍ୱପ୍ନ ଦେଖାଇବାରେ ଲାଗିଛନ୍ତି। ତେବେ ମେଟ୍ରୋ ସଂପର୍କରେ ମନ୍ତ୍ରୀମାନଙ୍କ ମତ ପାର୍ଥକ୍ୟ ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିଛି। କେଇଦିନ ତଳେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ମେଟ୍ରୋ ପ୍ରକଳ୍ପ ଉପରେ ଉପରେ ଯିବ ବୋଲି କହିଥିଲେ। ଏବେ ପୂର୍ତ୍ତମନ୍ତ୍ରୀ ମେଟ୍ରୋ ପ୍ରକଳ୍ପ ମାଟି ତଳେ ହେବ ବୋଲି କହିଲେଣି। ତେଣୁ ରାଜ୍ୟର ପ୍ରଥମ ମେଟ୍ରୋ ପ୍ରକଳ୍ପ ମାଟି ତଳେ ଯିବ ନା ଶୂନ୍ୟେଶୂନ୍ୟେ ଯିବ ତାହା ବୁଝି ହେଉନାହିଁ। ପୂର୍ବ ସରକାର ୨୦୨୬ ସୁଦ୍ଧା ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଯୋଜନା କରିଥିଲେ, ଏଥିପାଇଁ ବଜେଟରେ ଆନୁଷଙ୍ଗିକ ଅର୍ଥ ବ୍ୟବସ୍ଥା ବି କରିଥିଲେ। ସରକାର ପରିବର୍ତ୍ତନ ପରେ ମେଟ୍ରୋ ସ୍ୱପ୍ନ ତୁଟିବା ଆରମ୍ଭ ହୋଇଛି ଓ ମନ୍ତ୍ରୀମାନେ ନିଜକୁ ସୁହାଇବା ପରି ମନ୍ତବ୍ୟ ଦେଇ ଲୋକମାନଙ୍କୁ ଭିନ୍ନଭିନ୍ନ କାହାଣୀ ଶୁଣାଉଛନ୍ତି।

ଏବେ ସରକାରରେ ମନ୍ତ୍ରୀମାନେ ଯିଏ ଯେମିତି ପାରୁଛି ପ୍ରସ୍ତାବିତ ମେଟ୍ରୋ ଟ୍ରେନ୍‌କୁ ସେମିତି ଚଳାଉଛନ୍ତି। କିଏ କଟକ ଏସ୍‌ସିବି ଯାଏଁ ନେଲାଣି ତ କିଏ ମେଟ୍ରୋ ଟ୍ରେନ୍‌କୁ ୧୩ ମିଟର ଉପରେ ଉଡ଼ାଉଛି। ଏହି ପରିପ୍ରେକ୍ଷୀରେ ସରକାର ମେଟ୍ରା ପ୍ରକଳ୍ପ କରିବେ କି ନାହିଁ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ପୂର୍ବରୁ ଏଲିଭେଟେଡ୍ ମେଟ୍ରୋ ପାଇଁ ▶ପୃଷ୍ଠା-୭

# ସ୍ନାନଯାତ୍ରା ଓ ରଥଯାତ୍ରା ନୀତିକାନ୍ତିରେ ବାଜିଲା ମୋହର

- **ସକାଳ ୯ରୁ ପହଣ୍ଡି, ଅପରାହ୍ଣ ୪ରେ ରଥଟଣା**
- **ଭୋର୍ ୫ରୁ ସ୍ନାନ ପହଣ୍ଡି, ଅପରାହ୍ଣ ସାଢ଼େ ୪ରୁ ହାତୀବେଶ**

ପୁରୀ,୨୬।୫(ସମିସ):ଦେବସ୍ନାନପୂର୍ଣ୍ଣିମାଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡ଼ା, ସୁନାବେଶ, ନୀଳାଦ୍ରିବିଜେ ଆଦି ବିଶେଷ ପର୍ବପର୍ବାଣୀ ଆଜି ନୀତିନିର୍ଘଣ୍ଟ ହୋଇଛି। ସୋମବାର ପରିଚାଳନା କମିଟିର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜେନ୍ଦ୍ରାଭିଷକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ଅନୁମୋଦନ କରାଯାଇଛି।

ଜୁନ୍ ୨୭, ରଥଯାତ୍ରା ଦିନ ସକାଳ ୯ଟାରେ ତିନିରଥ ପ୍ରତିଷ୍ଠା କରାଯିବା ପରେ ୯ଟା ୧୫ରେ ମଙ୍ଗଳାର୍ପଣ ଏବଂ ସାଢ଼େ ୯ଟାରୁ ଠାକୁରଙ୍କ ପହଣ୍ଡି କରାଯିବ। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ଦାରୁବିଗ୍ରହମାନେ ରଥାରୂଢ଼ ହେବା ପରେ ମଦନମୋହନ ବିଜେ କରିବେ। ଚିତା ଲାଗି ପରେ ବେଶ ଶେଷ ହେବ। ଅପରାହ୍ଣ ସାଢ଼େ ୨ଟାରୁ ୪ଟା ମଧ୍ୟରେ ଛେରାପହଁରା ଶେଷ ହେବା ପରେ ଚାରମାଳ ଫିଟାଯାଇ ଘୋଡ଼ା ଓ ସାରଥୀ ଲାଗିବେ। ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଣ୍ଟ କରାଯାଇଛି।

ସେହିପରି ଜୁନ୍ ୧୧ରେ ଦେବସ୍ନାନ ପୂର୍ଣ୍ଣିମା। ପୂର୍ବରାତି ସାଢ଼େ ୪ଟାରେ ମଙ୍ଗଳାର୍ପଣ ସରି ଭୋର୍ ୫ଟାରୁ ପହଣ୍ଡି ଆରମ୍ଭ ହେବ। ସକାଳ ୭ଟାରେ ପହଣ୍ଡି ସରି ୯ଟାରେ ମଙ୍ଗଳ ଆଳତି ବଢ଼ିବ। ମଧ୍ୟାହ୍ନ ସାଢ଼େ ୧୨ରୁ ଅପରାହ୍ଣ ୧ଟା ୪୫ ମଧ୍ୟରେ ଜଳବିଜେ, ପୂଜା ଓ ଠାକୁରଙ୍କ ସ୍ନାନ ସରିବ। ସାଢ଼େ ୩ଟାରେ ଛେରାପହଁରା ପରେ ସାଢ଼େ ୪ଟାରେ ଠାକୁରଙ୍କ ହାତୀବେଶ କରାଯିବ। ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୧୦ଟା ଅର୍ଥାତ୍ ୩ ଘଣ୍ଟା ସାହାଣମେଳା ଦର୍ଶନ ରହିଛି। ସ୍ନାନଯାତ୍ରାର ବାହୁଡ଼ା ପହଣ୍ଡି ରାତି ସାଢ଼େ ୧୧ଟାରୁ ଆରମ୍ଭ ହୋଇ ରାତି ୨ଟାରେ ଶେଷ ହେବ। ପରେ ଠାକୁରଙ୍କ ସୁନାଚିତା ଏବଂ ରାହୁରେଖା ମଇଲମ ହେବ।

ସେହିପରି ବୈଠକରେ ଜୁଲାଇ ୫ ତାରିଖ ବାହୁଡ଼ା ଯାତ୍ରା ପାଇଁ ନୀତିନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟାରୁ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୨ଟାରେ ପହଣ୍ଡି ଶେଷ ହେବ। ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ଶେଷ ହୋଇ ଅପରାହ୍ଣ ୪ଟାରେ ରଥଟଣା ଯିବ। ଜୁଲାଇ ୬ ତାରିଖ ଅପରାହ୍ଣ ୫ଟାରୁ ସନ୍ଧ୍ୟା ସାଢ଼େ ୬ଟା ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ରାତି ୧୦ରୁ ୧୧ଟା ମଧ୍ୟରେ ବେଶ ମଇଲମ କରାଯିବ। ୭ ତାରିଖ ରାତି ୮ଟାରେ ଅଧରପଣା ନୀତି ସମ୍ପନ୍ନ ହେବ। ୮ ତାରିଖରେ ମହାପ୍ରଭୁ ନୀଳାଦ୍ରିବିଜେ ଅର୍ଥାତ୍ ରତ୍ନସିଂହାସନକୁ ବିଜେ କରିବେ ବୋଲି ନୀତି ଚୂଡ଼ାନ୍ତ ହୋଇଛି।

ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ୍ ଅଗ୍ରୱାଲ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ସାବିତ୍ରୀରେ ବିଷାଦ

# ଦୁର୍ଘଟଣାରେ ଚାଲିଗଲା ୨ ସତ୍ୟବାନଙ୍କ ଜୀବନ

ଭଞ୍ଜନଗର, ୨୬।୫ (ସମିସ): ସାବିତ୍ରୀରେ ଦୁର୍ଘଟଣାରେ ଚାଲିଗଲା ୨ ସତ୍ୟବାନଙ୍କ ଜୀବନ। ଗଂଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳରେ ଆଜି ଏପରି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗାଙ୍ଗପୁର ଥାନା ଅଧୀନ ସିଂହମର୍ଦ୍ଦନ ଗ୍ରାମର ବିରଞ୍ଚି ଭୂୟାଁ (୩୦) ଓ ନୟାଗଡ଼ ସଦର ଥାନା ଭାଟସାହି ପଞ୍ଚାୟତ ଡିଆଁପଡ଼ା ଗ୍ରାମର ପ୍ରଭାତ କୁମାର ପ୍ରଧାନ (୪୫)। ଭଞ୍ଜନଗର-ସୋରଡ଼ା ମୁଖ୍ୟ ରାସ୍ତାର ଲାଠିପଡ଼ା ନିକଟରେ ସୋମବାର ଗୋଟିଏ ବୁଲେଟ୍ ଓ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ଏହି ଦୁର୍ଘଟଣାରେ ଆଉ ୩ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଭଞ୍ଜନଗର ଓ ସୋରଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଡିଆଁପଡାର କାହ୍ନୁଚରଣ ପ୍ରଧାନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସାବିତ୍ରୀ ବ୍ରତ ଉପଲକ୍ଷେ ଦୁଇ ସମ୍ପର୍କୀୟଙ୍କ ସହ ବିରଞ୍ଚି ସୋମବାର ପୂର୍ବାହ୍ନରେ ବାଇକ୍‌ରେ ଶ୍ୱଶୁରଘର ଗୁଡ଼ିପଲ୍ଲୀକୁ ଯାଉଥିଲେ। ଏହି ସମୟରେ ଅନ୍ୟ ଏକ ବାଇକ୍‌ରେ ବିପରୀତ ଦିଗରୁ ଆସୁଥିବା ନୟାଗଡ଼ର ପ୍ରଭାତ ଓ କାହ୍ନୁ ଆସୁଥିଲେ। ଲାଠିପଡ଼ା ଓ କୁଲାଙ୍ଗି ଗ୍ରାମ ନିକଟରେ ଦୁହିଁଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବିରଞ୍ଚି, ପ୍ରଭାତ, କାହ୍ନୁଚରଣ, ସାଗର ଓ ରୋହିତ ଗୁରୁତର ହୋଇଥିଲେ। ପ୍ରଭାତ ଓ କାହ୍ନୁଚରଣଙ୍କୁ ଭଞ୍ଜନଗର ଏବଂ ବିରଞ୍ଚି, ସାଗର ଓ ରୋହିତଙ୍କୁ ସୋରଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ବିରଞ୍ଚି ଓ ପ୍ରଭାତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

**■ ଅସହ୍ୟ ହେଲା ରୋଗ ଯନ୍ତ୍ରଣା**

# ବେକରେ ଗାମୁଛା ଦେଇ ଝୁଲିପଡ଼ିଲେ

ବାହାନଗା, ୨୬।୫(ସମିସ): ସାବିତ୍ରୀ ବ୍ରତ ଉପଲକ୍ଷେ ସ୍ୱାମୀଙ୍କ ଦୀର୍ଘାୟୁ ମନାସି ମନ୍ଦିରକୁ ଯାଇଥିଲେ। ଦିନ ଦିନ ଧରି ରୋଗ ଯନ୍ତ୍ରଣାରୁ ସ୍ୱାମୀଙ୍କୁ ମୁକ୍ତ କରିବାକୁ ମା'ଙ୍କ ଆଗରେ କେତେ ନେହୁରା ହୋଇଥିଲେ। କିନ୍ତୁ, ମନ୍ଦିରରୁ ଫେରିବା ବେଳକୁ ତାଙ୍କ ସଂସାର ଉଜୁଡ଼ି ସାରିଥିଲା। ଅସହ୍ୟ ରୋଗ ଯନ୍ତ୍ରଣାରେ ପୀଡ଼ିତ ସ୍ୱାମୀ ବେକରେ ଗାମୁଛା ଲଗାଇ ଜୀବନ ହାରିଦେଇଥିଲେ। ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ପଣପଣା ପଞ୍ଚାୟତ ମାଳଦାପଡ଼ା ଗ୍ରାମରେ ଆଜି ଏଭଳି ଏକ ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଲେ, ଗ୍ରାମର ହରିହର ବେହେରାଙ୍କ ପୁଅ ପଦ୍ମଲୋଚନ (୪୫)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ସୂଚନାନୁଯାୟୀ, ରାଜମିସ୍ତ୍ରି ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ପଦ୍ମଲୋଚନ ୩ ମାସ ତଳେ ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ସେବେଠାରୁ ସେ ଚାଲିପାରୁନଥିଲେ। ଯନ୍ତ୍ରଣାରେ ନିଜେ ଅହରହ କଷ୍ଟ ପାଉଥିବା ବେଳେ ରୋଜଗାର ଚାଲି ଯାଇଥିବାରୁ ଅଭାବ ଅନଟନରେ ଚଳୁଥିବା ତାଙ୍କର ପରିବାରର ଦୁଃଖକଷ୍ଟ ବି ତାଙ୍କ ଆଖିରେ ଯାଉନଥିଲା। ଏଥିପାଇଁ ସେ ପ୍ରାୟ ସମୟରେ ମାନସିକ ବିଷାଦଗ୍ରସ୍ତ ରହୁଥିଲେ। ଆଜି ସାବିତ୍ରୀ ବ୍ରତ ଉପଲକ୍ଷେ ତାଙ୍କ ସ୍ତ୍ରୀ ଜୟନ୍ତୀ ମନ୍ଦିରକୁ ଯାଇଥିବା ବେଳେ ସେ ବେକରେ ଗାମୁଛା ଗୁଡ଼ାଇ ଆତ୍ମହତ୍ୟା କରିଥିଲେ। ଏହା ଜଣାପଡ଼ିବା ପରେ ପରିବାରଲୋକ ତାଙ୍କୁ ଉଦ୍ଧାର କରି ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ୬ 'ସାବିତ୍ରୀ'ଙ୍କୁ ବିନ୍ଧି ଦେଲେ ମହୁମାଛି

ବେଲବାହାଲି, ୨୬।୫(ସମିସ): ସାବିତ୍ରୀ ବ୍ରତ ପାଇଁ ପୂଜା ଚାଲିଥିଲା। ନୂଆ ଲୁଗା ସାଙ୍ଗକୁ ଶଙ୍ଖା-ସିନ୍ଦୂର ପିନ୍ଧି ଜଣଙ୍କ ପରେ ଜଣେ ମହିଳା ମା'ଙ୍କୁ ପୂଜାର୍ଚ୍ଚନା କରୁଥିଲେ। ହୁଳହୁଳି, ଘଣ୍ଟଘଣ୍ଟାରେ ମନ୍ଦିର ପରିସର ଚଳଚଞ୍ଚଳ ଥିବା ବେଳେ ହଠାତ୍ ମହୁମାଛି ଆସି ବିନ୍ଧି ପକାଇଲେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ହରିଡ଼ାପାଳ ପଞ୍ଚାୟତ ଅଧୀନ ଟୋଲଙ୍କପଡ଼ା ମା' କୁରୁମେଇ ପୀଠରେ ଆଜି ଏପରି ଏକ ଅଘଟଣ ଘଟିଛି। ଏଥିରେ ୬ ବ୍ରତଧାରୀ ମହିଳାଙ୍କ ସହ ମନ୍ଦିରର ପୂଜକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ଗ୍ରାମର ରୀତାରାଣୀ ମହାରଣା (୪୩), ଅନିତା ସାହୁ(୩୨), ସୁଲୋଚନା ସାହୁ(୫୫), ସୁକାନ୍ତି ବେଜ (୩୨), ସନ୍ତୋଷୀ ମହାରଣା (୪୪), ସଞ୍ଜୁଲତା ସେଠି (୪୭) ଏବଂ ପୂଜକ ପବନା ପଣ୍ଡା (୪୫)। ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ ଏକ ଘରୋଇ କ୍ଲିନିକ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି।

# ମନ୍ଦିରକୁ ଯିବା ବେଳେ ଝୁଣ୍ଟି ପଡ଼ି ଚାଲିଗଲା ଜୀବନ

ଓଡ଼ଗାଁ, ୨୬।୫ (ସମିସ): ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିବା ପାଇଁ ମନଖୁସିରେ ମନ୍ଦିରକୁ ପୂଜା କରିବା ପାଇଁ ବାହାରିଥିଲେ। କିନ୍ତୁ ମନ୍ଦିର ଯିବା ବାଟରେ ଉଡ଼ିଗଲା ପ୍ରାଣବାୟୁ। ଏଭଳି ଘଟଣା ଘଟିଛି, ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ବାଣ୍ଡପୁର ପଞ୍ଚାୟତ କନ୍ଧ ନୂଆସାହି ଗାଁରେ। ମୃତକ ହେଲେ, ଉକ୍ତ ଗ୍ରାମର ଅଭି ନାୟକଙ୍କ ସ୍ତ୍ରୀ ସୋରିଷା ନାୟକ(୬୫)।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୧୦ଟା ବେଳେ ସୋରିଷା ଗୌଡ଼ଡପୁଟ ଶିବ ମନ୍ଦିରକୁ ବାହାରିଥିଲେ। ରାସ୍ତାରେ ଝୁଣ୍ଟିବାରୁ ସେ ପଡ଼ି ଯାଇଥିଲେ। ଏଥିରେ ତାଙ୍କ ମୁଣ୍ଡ ପଛ ପାଖରେ ଗଭୀର ଆଘାତ ଲାଗିଥିଲା। ସଙ୍ଗେସଙ୍ଗେ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ନୟାଗଡ଼ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଓଡ଼ଗାଁ ଥାନାରେ ଅଭିଯୋଗ ପରେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ପିପିଲିରେ ପୁଣି ଲଜ୍ଜା

# ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଦୁଷ୍କର୍ମ

ପିପିଲି, ୨୬।୫(ସମିସ): ପିପିଲିରେ ପୁଣି ଲଜ୍ଜା। ସାତଶଙ୍ଖ ଫାଣ୍ଡି ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଦୁଷ୍କର୍ମ କରିବା ସହ ତଣ୍ଟି ଚିପି ମାରିବାକୁ ଉଦ୍ୟମ କରାଯାଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସ୍ୱାଇଁ(୩୨)କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ପଦାକୁ ଆସିବା ପରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ନାବାଳିକାଜଣଙ୍କ ଆଜି ଘରେ ଏକୁଟିଆ ଥିବା ବେଳେ ସୂର୍ଯ୍ୟକାନ୍ତ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିଲା। ପରେ ତାଙ୍କ ତଣ୍ଟି ଚିପି ମାରିବାକୁ ମଧ୍ୟ ଉଦ୍ୟମ କରିଥିଲା। ସ୍ଥାନୀୟ ଅଞ୍ଚଳର ଜଣେ ନାବାଳକ ଏହା ଦେଖି ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ପଡ଼ୋଶୀମାନେ ଘଟଣାସ୍ଥଳରେ ପହଞ୍ଚି ସୂର୍ଯ୍ୟକାନ୍ତକୁ ଧରିବାକୁ ଉଦ୍ୟମ କରିଥିଲେ ହେଁ ସେ ସମସ୍ତଙ୍କୁ ଧକ୍କା ମାରି ଘଟଣାସ୍ଥଳରୁ ଖସି ପଳାଇଥିଲା। ପରେ ଏନେଇ ପରିବାରଲୋକ ଥାନାର ଦ୍ୱାରସ୍ଥ ହେବାରୁ ପିପିଲି ପୁଲିସ୍ ନମ୍ବର ୩୨୮/୨୫ରେ ଏକ ମାମଲା ରୁଜୁ କରି ସୂର୍ଯ୍ୟକାନ୍ତକୁ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପିପିଲି ଥାନା ଅଞ୍ଚଳରେ ଦିନକୁ ଦିନ ଦୁଷ୍କର୍ମ ଭଳି ନାରୀ ଅତ୍ୟାଚାର ଘଟଣା ବଢ଼ିବାରେ ଲାଗିଛି। ଆଜକୁ ମିଶାଇ ଚଳିତ ବର୍ଷ ପିପିଲି ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇସାରିଲାଣି।

# ମହିଳା ଆର୍‌ଆଇଙ୍କୁ ଅତିରିକ୍ତ ତହସିଲ୍‌ଦାରଙ୍କ ଅସଦାଚରଣ

ପିପିଲି, ୨୬।୫ (ସମିସ): ପିପିଲି ଅତିରିକ୍ତ ତହସିଲ୍‌ଦାର ପ୍ରବୋଧ ମହାନ୍ତିଙ୍କ ନାମରେ ଏକ ସଂଗିନ୍ ଅଭିଯୋଗ ଆସିଛି। ଜଣେ ମହିଳା ଆର୍‌ଆଇଙ୍କୁ ସେ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପିପିଲି ପୁଲିସ୍ ନମ୍ବର ୩୨୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପିପିଲି ବ୍ଲକ୍ ଅଞ୍ଚଳରେ ଲଗାତାର ଭାବେ ନାରୀ ନିର୍ଯାତନା ବଢ଼ି ଚାଲିଥିବା ବେଳେ ଏହି ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ମହିଳା ଆର୍‌ଆଇଙ୍କ ଅଭିଯୋଗ ଅନୁସାରେ, ଗତ ୨୪ତାରିଖ ଦିନ ପ୍ରାୟ ୨ଟା ବେଳେ ପିପିଲି ତହସିଲଦାରଙ୍କ ପ୍ରକୋଷ୍ଠରେ ସବୁ ସର୍କଲର ଆର୍‌ଆଇଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ଶେଷ ହେବା ବେଳକୁ ପ୍ରବଳ ବର୍ଷା ହେଉଥିଲା। ତେବେ ଅନ୍ୟମାନେ ଚାଲିଯାଇଥିବା ବେଳେ ମହିଳା ଆର୍‌ଆଇଜଣଙ୍କ ଏକାକୀ ସେଠାରେ ବସି ରହିଥିଲେ। ଏହାର ଫାଇଦା ନେଇ ଅତିରିକ୍ତ ତହସିଲଦାର ଶ୍ରୀ ମହାନ୍ତି ତାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ଅସଦାଚରଣ କରିଥିଲେ। ତେବେ, ଶ୍ରୀ ମହାନ୍ତିଙ୍କ ମନ୍ଦ ଉଦ୍ଦେଶ୍ୟ ସଂପର୍କରେ ଜାଣିପାରି ମହିଳାଜଣଙ୍କ ସେ ରୁମ୍ ଛାଡ଼ି ପଳାଇବାକୁ ଉଦ୍ୟମ କରିବାରୁ ଅଭିଯୁକ୍ତଜଣଙ୍କ ତାଙ୍କ ହାତକୁ ଭିଡ଼ି ନେଇ ଜୋର୍‌ଜବରଦସ୍ତ ବସାଇ ଦେଇଥିଲେ। ଏ ସମ୍ପର୍କରେ ଆର୍‌ଆଇ ଏବଂ ଅତିରିକ୍ତ ତହସିଲ୍‌ଦାରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବପର ହୋଇନଥିଲା।

## ଓଡ଼ିଶାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ

# ଇଚ୍ଛା ଦୋହରାଇଲେ ଅନୀଲ ଅଗ୍ରୱାଲ

- **ବଡ଼ ବିଶ୍ୱ ବିଦ୍ୟାଳୟ ନିର୍ମାଣ କ୍ଷେତ୍ରରେ ଜାଗା ବାଧକ ହେବା ଉଚିତ୍ ନୁହେଁ**
- **ପ୍ରସ୍ତାବିତ ବିଦ୍ୟାଳୟରେ ଦେଶର ଶ୍ରେଷ୍ଠ ଶିକ୍ଷାବିତଙ୍କୁ କରାଯିବ ନିଯୁକ୍ତ**

ଭୁବନେଶ୍ୱର,୨୬।୫(ସମିସ): ହାଭାର୍ଡ ବିଶ୍ୱ ବିଦ୍ୟାଳୟରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଦେଶ ଛାତ୍ରଛାତ୍ରୀଙ୍କ ଉପରେ ପ୍ରତିବନ୍ଧକ ଲଗାଇବା ପରେ ଏହାକୁ ଭିତ୍ତି କରି ସାମାଜିକ ଗଣମାଧ୍ୟମ ଏକ୍ସରେ ମତ ରଖିଛନ୍ତି ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ। ବଡ଼ ବିଶ୍ୱ ବିଦ୍ୟାଳୟ ନିର୍ମାଣ କ୍ଷେତ୍ରରେ ଭୂମି ଏକ ବାଧକ ହେବା ଉଚିତ ନୁହେଁ ବୋଲି ଉଲ୍ଲେଖ କରି ପୁରୀରେ ଦୀର୍ଘଦିନରୁ ପ୍ରସ୍ତାବିତ ବେଦାନ୍ତ ବିଶ୍ୱ ବିଦ୍ୟାଳୟ ସଂକ୍ରାନ୍ତରେ ନିଜର ଇଚ୍ଛାବ୍ୟକ୍ତ କରିଛନ୍ତି।

ଶ୍ରୀ ଅଗ୍ରୱାଲ କହିଛନ୍ତି ଯେ ଅଧିକରୁ ଅଧିକ ଭାରତୀୟ ବିଶ୍ୱସ୍ତରୀୟ ଶିକ୍ଷା ହାସଲ କରିବାକୁ ଚାହାନ୍ତି। ମାତ୍ର ବିଶ୍ୱର ପଶ୍ଚିମ ଦେଶଗୁଡ଼ିକ ଉଚ୍ଚଶିକ୍ଷା କ୍ଷେତ୍ରରେ ଥିବା ଦ୍ୱାରକୁ ବନ୍ଦ କରୁଛନ୍ତି। ହାଭାର୍ଡ ବିଶ୍ୱ ବିଦ୍ୟାଳୟର ପ୍ରାୟ ୮୦୦ ଭାରତୀୟ ଛାତ୍ର ବର୍ତ୍ତମାନ ଅଭାବନୀୟ ପରିସ୍ଥିତିର ସାମ୍ନା କରୁଛନ୍ତି। ଆମମାନଙ୍କୁ ଭାରତରେ ହାଭାର୍ଡ ଏବଂ ଏମଆଇଟି ପରି ଶିକ୍ଷାନୁଷ୍ଠାନ କରିବାର ଆବଶ୍ୟକତା ରହିଛି। ଭାରତରେ ବହୁଳ ସଂଖ୍ୟାରେ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି। ବେଦାନ୍ତ ନିକଟରେ ପୁରୀଠାରେ ସେହିଭଳି ଏକ ସଂସ୍ଥାନ ନିର୍ମାଣର ଯୋଜନା ରହିଛି। ଏହି ସଂସ୍ଥାନ ଏକ ଅଣଲାଭକାରୀ ବିଶ୍ୱ ବିଦ୍ୟାଳୟ ହେବ ଯେଉଁଠାରେ ଦେଶର ଶ୍ରେଷ୍ଠ ଶିକ୍ଷାବିତ୍, ଛାତ୍ରଙ୍କ ସମେତ ବିଦେଶର ଛାତ୍ରଛାତ୍ରୀମାନେ ପଢ଼ିବାର ସୁଯୋଗ ପାଇପାରିବେ। କୌଣସି ବଡ଼ ବିଶ୍ୱବିଦ୍ୟାଳୟ ନିର୍ମାଣ କ୍ଷେତ୍ରରେ ଜମି ଏକ ବାଧକ ହେବା ଉଚିତ୍ ନୁହେଁ। ଏହି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଏଥିରୁ ସମାଜକୁ ଅଭୂତପୂର୍ବ ଲାଭ ମିଳିପାରିବ। ଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ଅଗ୍ରଣୀ ହେବା ପାଇଁ ଆମେ ଏହି ଅବସରର ଲାଭ ଉଠାଇବାକୁ ଶ୍ରୀ ଅଗ୍ରୱାଲ ଆହ୍ୱାନ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୦୬ରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨୨ଟି ଗାଁର ଜମି ସହ ସରକାରୀ ଜମି ଦିଆଯିବାକୁ ଚୁକ୍ତି ହୋଇଥିଲା। ଚୁକ୍ତି ଅନୁଯାୟୀ ୩୩୪୨.୫୩ ଏକର ଘରୋଇ ଜମି ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ପାଇଁ ଅଧିଗ୍ରହଣ ମଧ୍ୟ କରିଥିଲେ। ତେବେ ବାସଚ୍ୟୁତ ହୋଇଥିବା ୯ ଜଣ ଏହି ଅଧିଗ୍ରହଣ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ୨୦୧୦ରେ ହାଇକୋର୍ଟ ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇଥିଲେ। ତେବେ ବେଦାନ୍ତ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟ ଯାଇଥିଲା। କିନ୍ତୁ ୨୦୨୩ରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ କାଏମ୍ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ଲୋକଙ୍କୁ ଜମି ଫେରାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

# ମନ୍ଦିର ରୋଷଘରେ ନାବାଳିକାକୁ ଦୁଷ୍କର୍ମ

ଜମନକିରା,୨୬।୫ (ସମିସ): ସମ୍ବଲପୁର ଜିଲ୍ଲା ଜମନକିରା ମୁକ୍ତେଶ୍ୱର ମନ୍ଦିର ପରିସରରେ ଏକ ଅମାନବୀୟ ଘଟଣା ଘଟିଛି। ରୋଷଘରେ ମନ୍ଦିର ପୂଜକ ସୁବାସ ମହାପାତ୍ର ଓରଫ୍ କେଦାର (୪୨) ଜଣେ ନାବାଳିକାକୁ ଦୁଷ୍କର୍ମ କରିଛି। ନାବାଳିକାର ମା'ଙ୍କ ଅଭିଯୋଗ ଆଧାରରେ ପୁଲିସ୍ ନମ୍ବର ୮୭/୨୫ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସୁବାସକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସ୍ ସୂଚନାନୁଯାୟୀ, ରବିବାର ଏହି ଆପରାଧିକ ଘଟଣା ଘଟିଥିଲା। ନାବାଳିକାଜଣଙ୍କ ମନ୍ଦିରକୁ ଯାଇଥିବା ବେଳେ କେଦାର ତାକୁ ରୋଷଘରେ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ନାବାଳିକାଜଣଙ୍କ ଚିତ୍କାର କରିଥିଲେ ହେଁ ବର୍ଷା ଯୋଗୁଁ ବାହାରକୁ କିଛି ଶୁଭିନଥିଲା। ତେବେ ଘରେ ପହଞ୍ଚିବା ପରେ ନାବାଳିକାଜଣଙ୍କ ସବୁ କଥା ତା' ମା'ଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ୍ ଉଭୟ ନାବାଳିକା ଓ କେଦାରର ଡାକ୍ତରୀମାଇନା କରାଇଥିଲା। ପରେ କେଦାରକୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

# ଜେଲ୍‌ରେ ବଢୁଛି କଏଦୀଙ୍କ ଆତ୍ମହତ୍ୟା

## ୩ ବର୍ଷରେ ୧୭୮ କଏଦୀଙ୍କ ମୃତ୍ୟୁ

- **ଜେଲ୍ ଭିତରେ ନିର୍ଯାତନା ଅଭିଯୋଗ**
- **ନିଶା କାରବାର ବି ଥମୁନି**
- **ତଦନ୍ତ କରିବାକୁ କର୍ତ୍ତୁପକ୍ଷଙ୍କ ପଛଘୁଞ୍ଚା**

ଭୁବନେଶ୍ୱର,୨୬।୫(ସମିସ): ରାଜ୍ୟର ବିଭିନ୍ନ ଜେଲ୍‌ରେ ବଢୁଛି କଏଦୀ ଆତ୍ମହତ୍ୟା। କେଉଁ କାରଣ ପାଇଁ କଏଦୀ ଆତ୍ମହତ୍ୟା କରୁଛନ୍ତି ତାହା ଏବେ ବି ଅସ୍ପଷ୍ଟ। ଏନ୍‌ଏଚ୍‌ଆରସି (ଜାତୀୟ ମାନବିକ ଅଧିକାର ଆୟୋଗ)ଙ୍କ ଗାଇଡ୍‌ଲାଇନ୍ ଅନୁସାରେ ତଦନ୍ତ କରାଯାଉନଥିବାରୁ ଜେଲ ବିଭାଗ ଏବେ ସନ୍ଦେହ ଘେରରେ। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ଗତକାଲି ଅପରାହ୍ନରେ ଚୌଦ୍ୱାର ଜେଲ ପରିସରରେ ଜଣେ କଏଦୀ ଆତ୍ମହତ୍ୟା କରିଛନ୍ତି। ସେ ଏକ ହତ୍ୟା ମାମଲାରେ ସଜା କାଟୁଥିଲେ। ମୃତ କଏଦୀ ଜଣଙ୍କ କଟକ ଜିଲ୍ଲା ଟାଙ୍ଗୀ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ। ଜଣେ କଏଦୀ ଜେଲ ପରିସରରେ ଆତ୍ମହତ୍ୟା କଲେ, କିନ୍ତୁ ଜେଲ ୱାର୍ଡର ଏବଂ କର୍ତ୍ତୃପକ୍ଷ ଜାଣିପାରିଲେ ନାହିଁ କିପରି? କେବଳ ଏହି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ଝାରପଡ଼ା ଜେଲ, ବ୍ରହ୍ମପୁର ଜେଲ, ସମ୍ବଲପୁର, ବଲାଙ୍ଗୀର ଜେଲରେ ଏଭଳି ଅନେକ ଅଘଟଣ ଦେଖିବାକୁ ମିଳିଛି। ବାରମ୍ବାର ଏଭଳି ଅଘଟଣ ଘଟୁଥିଲେ ମଧ୍ୟ ଜେଲ ବିଭାଗ କୌଣସି ପ୍ରତିକାରମୂଳକ ପଦକ୍ଷେପ ନେଉନଥିବାରୁ ବିଭିନ୍ନ ପ୍ରକାର ପ୍ରଶ୍ନ ଉଠୁଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି) ରିପୋର୍ଟ-୨୦୨୧ ଅନୁସାରେ ରାଜ୍ୟର ୮୮ଟି ଜେଲ୍‌ରେ ୬୦ ଜଣ କଏଦୀଙ୍କ ମୃତ୍ୟୁ ଘଟିଛି। ସେଥିରୁ ୫୨ଜଣଙ୍କ ସ୍ୱାଭାବିକ ମୃତ୍ୟୁ ଘଟିଥିବା ବେଳେ ୮ଜଣଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି। ୨୦୨୦ରେ ୭୫ଜଣ କଏଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ୬୭ ସ୍ୱାଭାବିକ ମୃତ୍ୟୁ ହୋଇଛି ଏବଂ ୮ଜଣଙ୍କର ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୯ରେ ୪୮ ଜଣଙ୍କର ସ୍ୱାଭାବିକ ମୃତ୍ୟୁ ଘଟିଥିବା ବେଳେ ୫ଜଣଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଧାନସଭାରେ ରଖିଥିବା ଉତ୍ତର ଅନୁସାରେ ୩ବର୍ଷରେ ୧୭୮ ଜଣ କଏଦୀଙ୍କ ମୃତ୍ୟୁ ଘଟିଛି। ୨୦୧୯ ୫୩ ଜଣ ୨୦୨୦ରେ ୭୮ ଏବଂ ୨୦୨୧ରେ ୬୧ ଜଣ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୨ରେ ୭୧ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୩ରେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୪ରେ ୪୯ଜଣ ମୃତ୍ୟୁ ଘଟିଥିବା ବେଳେ ଗତ ୫ ବର୍ଷରେ ୩୭୦ ଜଣଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଲାଣି।

ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣୁଥିବା ବେଳେ ଜେଲ ବିଭାଗ ଏହାକୁ ସ୍ୱାଭାବିକ ମୃତ୍ୟୁ କିମ୍ବା ଆତ୍ମହତ୍ୟା ବୋଲି କହୁଛି। କିନ୍ତୁ ସତ କଣ ତାହା ଜାଣି ହେଉନାହିଁ। କାରଣ ନିୟମ ଅନୁସାରେ ଏହାର ତଦନ୍ତ ହେଉନି। ଯଦି ତଦନ୍ତ ହେଉଛି ଅନେକ ସମୟରେ ତାହାର ରିପୋର୍ଟ ପ୍ରକାଶ କରାଯାଉ ନାହିଁ। ଏଭଳି ସ୍ଥିତିରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡୁ ନାହିଁ।

ଜେଲ ଭିତେରେ କଏଦୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା, ପରିବାର ଲୋକଙ୍କୁ ଭେଟ ନକରାଇଦେବା, ଦୀର୍ଘଦିନ ଧରି ଜାମିନ ନମିଳିବା, ଉପଯୁକ୍ତ ଚିକିତ୍ସାର ଅଭାବ ଓ ନିଶା କାରବାର ଭଳି ଅନେକ କାରଣ ରହିଛି ବୋଲି ମାନବାଧିକାର କର୍ମୀ ଅଭିଯୋଗ କରୁଛନ୍ତି। ସେମାନେ କହୁଛନ୍ତି ଯେ ଜେଲ ଭିତରେ ସହଯୋଗୀ କଏଦୀ ଆକ୍ରମଣ କଲେ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେଉଛି, କିନ୍ତୁ କିଛି ସୁଫଳ ମିଳୁନାହିଁ। ଏନ୍‌ଏଚ୍‌ଆରସି ଗାଇଡ୍‌ଲାଇନ୍ ଅନୁସାରେ ତଦନ୍ତ ହେଉନାହିଁ। ପରିଦର୍ଶନ କମିଟି ବିଭିନ୍ନ ଜେଲ ଗସ୍ତରେ ମଧ୍ୟ ଯାଉ ନାହାନ୍ତି। ଜେଲକୁ ସିସିଟିଭି ଫୁଟେଜ ସର୍ଭେଲାନ୍ସରେ ରଖାଯାଉ ନାହିଁ। ଜେଲ ଭିତରେ ନିଶାଦ୍ରବ୍ୟ କାରବାର ମଧ୍ୟ ଆହୁରି ଗୁରୁତର ସମସ୍ୟା ସୃଷ୍ଟି କରୁଛି। ଏହାଛଡ଼ା ଜେଲରେ ମାନସିକ ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତରଙ୍କ ଘୋର ଅଭାବ ମଧ୍ୟ ରହିଛି।

କଏଦୀଙ୍କ ପାଇଁ ମାନସିକ ସ୍ଥିତିକୁ ସୁଧାରିବା ପାଇଁ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ସେଥିରେ ସମସ୍ୟା ରହିଛି। ଫଳରେ ଜେଲରେ ମାନସିକ ରୋଗୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ପୂର୍ବରୁ ରାଜ୍ୟରେ ବିଭିନ୍ନ ଜେଲରେ ୮୫୦ ମାନସିକ ରୋଗୀ ରହୁଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ପାଖାପାଖି ୧ହଜାରରେ ପହଞ୍ଚିଲାଣି। ଏବେ ଥିବା ୮୭ଜେଲରେ ୨୪ ହଜାର ୧୫୦ରୁ ଅଧିକ କଏଦୀ ଅଛନ୍ତି। କିନ୍ତୁ ସେମାନଙ୍କ ମାନସିକ ରୋଗର ଚିକିତ୍ସା ପାଇଁ ମାତ୍ର ୨ଜଣ ଡାକ୍ତର ଅଛନ୍ତି। ଚୌଦ୍ୱାର ସର୍କଲ ଜେଲରେ କେବଳ ଜଣେ ମନସ୍ତାତ୍ତ୍ୱିକ ବିଶେଷଜ୍ଞ ରହିଛନ୍ତି। ଜେଲ ବିଭାଗର ତଥ୍ୟ ଅନୁସାରେ, ସରକାର ଚୌଦ୍ୱାର, ବାରିପଦା, ବ୍ରହ୍ମପୁର ଏବଂ ସମ୍ବଲପୁର ଜେଲ ପାଇଁ ଜଣେ ମନସ୍ତାତ୍ତ୍ୱିକ ଡାକ୍ତର ଅଛନ୍ତି। ଜଣେ ମାନବାଧିକାର କର୍ମୀ କହିଛନ୍ତି ଯେ ମୃତ୍ୟୁର କାରଣ ଜଣାପଡ଼ିଲେ ଏହାର ସଠିକ୍ ପଦେକ୍ଷପ ନିଆଯାଇ ପାରନ୍ତା। କଏଦୀଙ୍କ ମାନସିକ ସ୍ଥିତି ବିଗିଡ଼ିଲେ ଚିକିତ୍ସା କରାଯାଉ ନାହିଁ। ଯେଉଁଥିପାଇଁ ଜେଲରେ ସନ୍ଦେହଜନକ ମୃତ୍ୟୁସଂଖ୍ୟା ବଢ଼ି ଚାଲିଛି।

ଅନ୍ୟପକ୍ଷରେ ଜେଲ ବିଭାଗର ଜଣେ ଅଧିକାରୀ କହିଛନ୍ତିଯେକଏଦିଆତ୍ମହତ୍ୟାଘଟଣାରଏନ୍‌ଏଚ୍‌ଆରସି ଗାଇଡ୍‌ଲାଇନ୍ ଅନୁସାରେ ତଦନ୍ତ କରାଯାଉଛି। କଏଦୀଙ୍କ ମାନସିକ ସ୍ଥିତି ସୁଧାର ପାଇଁ ସବୁ ବ୍ୟବସ୍ଥା କରାଯାଉଛି। କିନ୍ତୁ ବିଭିନ୍ନ କାରଣ ପାଇଁ ସେମାନେ ଆତ୍ମହତ୍ୟା କରୁଛନ୍ତି। ତେଣୁ ଜେଲ ପରିସରରେ ସୁରକ୍ଷା କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

# ରାଜ୍ୟରେ ଖୋଲିବ ଆଉ ୨୦ଟି ସାଇବର ଥାନା

- **ରାଜଧାନୀରେ ସାଇବର କମାଣ୍ଡ ସେଣ୍ଟର ପ୍ରତିଷ୍ଠା କରାଯିବ:ଡିଜିପି**
- **ଆଗକୁ ରାଜ୍ୟର ସମସ୍ତ ରେଞ୍ଜ ଏବଂ ଜିଲ୍ଲାସ୍ତରରେ ପ୍ରଶିକ୍ଷଣ ଦିଆଯିବ**

ଭୁବନେଶ୍ୱର,୨୬।୫(ସମିସ): ଆଗାମୀ ଦିନରେ ସାଇବର ଅପରାଧକୁ ରୋକିବା ଲାଗି ରାଜ୍ୟର ସମସ୍ତ ରେଞ୍ଜ ଏବଂ ଜିଲ୍ଲା ସ୍ତରରେ "ସାଇବର ଅପରାଧ ତଦନ୍ତ' ସମ୍ପର୍କିତ କର୍ମଶାଳାର ଆୟୋଜନ କରାଯିବ। ଏଥିରେ କନଷ୍ଟେବଲ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଅଧିକାରୀ ଅଂଶଗ୍ରହଣ କରିବେ। ଅଳ୍ପ ସମୟ ମଧ୍ୟରେ ଅଧିକାରୀଙ୍କୁ ସାଇବର ଅପରାଧର ସଠିକ ତଦନ୍ତ ଏବଂ ନିଜର ଦକ୍ଷତା ପ୍ରତିପାଦିନ କରିବାରେ ଏହି କର୍ମଶାଳା ସେମାନଙ୍କୁ ବିଶେଷ ସହାୟକ ହେବ ବୋଲି କହିଛନ୍ତି ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ।

ଆଜି ସାଇବର କମ୍ପ୍ଲେକ୍ସରେ 'ସାଇବର ଅପରାଧର ତଦନ୍ତ ଏବଂ ସାଇବର ବୁଦ୍ଧିମତ୍ତା' ସମ୍ପର୍କିତ ଏକ କର୍ମଶାଳା ଉଦଘାଟନ କରିବା ଅବସରରେ ସେ କହିଛନ୍ତି ଯେ ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଦ୍ୱାରା ଅଦୃଶ୍ୟ ଅପରାଧୀଙ୍କୁ ମୁକାବିଲା କରିବାକୁ ହେଲେ ପୁଲିସକୁ ନିଜର ଦକ୍ଷତା ବିକାଶ ଏବଂ ନିରନ୍ତର ତାଲିମ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଯୁକ୍ତିବିଦ୍ୟାର ବିକାଶ ହେବା ସହ ଆମ ଦୈନନ୍ଦିନ ଜୀବନରେ ସାଇବର ଅପରାଧୀଙ୍କ ହସ୍ତକ୍ଷେପ ବଢ଼ିବାରେ ଲାଗିଛି। ଅନଲାଇନରେ ପୁଞ୍ଜି ନିବେଶ, ଆର୍ଥିକ ଠକେଇ, ସାଧାରଣଲୋକଙ୍କ ପରିଚୟ ଚୋରି, ଡିଜିଟାଲ ଗିରଫ, ଶିଶୁ ତଥା ବୟସ୍କ ବ୍ୟକ୍ତିଙ୍କୁ ଶୋଷଣ ଭଳି ସାଇବର ଅପରାଧ ବଢ଼ିବାରେ ଲାଗିଛି। ଏଭଳି ଅପରାଧକୁ ରୋକିବାକୁ ରାଜ୍ୟ ପୁଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି।ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ରାଜ୍ୟ ସରକାର ସାରା ରାଜ୍ୟରେ ୨୦ ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଥାନା ଖୋଲିବାକୁ ଅନୁମୋଦନ କରିଛନ୍ତି। ଏହା ବ୍ୟତୀତ ଭୁବନେଶ୍ୱରରେ ଓଡିଶା ସାଇବର କମାଣ୍ଡ ସେଣ୍ଟର ପ୍ରତିଷ୍ଠା କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଡିଜିପି କହିଥିଲେ। ସାଇବର ଅପରାଧ ନିୟନ୍ତ୍ରଣ, ଚିହ୍ନଟ ଏବଂ ଅପରାଧର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା ପ୍ରଦାନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଏହି ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ସାଇବର ଅପରାଧର ମୁକାବିଲା କରିବାକୁ ହେଲେ ଜ୍ଞାନ, ଦକ୍ଷତା ଏବଂ ତଦନ୍ତ କୌଶଳକୁ ସଶକ୍ତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡିଜିପି, କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କ୍ରାଇମବ୍ରାଞ୍ଚ, ଆଇଜି ଡ଼. ସାର୍ଥକ ଷଡ଼ଙ୍ଗୀ କର୍ମଶାଳା ପରିଚାଳନା କରିଥିଲେ। ଡିଆଇଜି ( ଏସଟିଏଫ) ପିନାକ ମିଶ୍ର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

୨୬/୫/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୨,୪୭୪/- ସୁନା: ୦୨.୨୦୦ ଗ୍ରାମ୍ ରୁପା: ୪୪.୨୦୦ ଗ୍ରାମ୍



ଶ୍ରୀକ୍ଷେତ୍ରରେ ସାବିତ୍ରୀ ବ୍ରତ

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ମହିଳା



**ପୁରୀ,୨୬।୫(ସମିସ):** ପବିତ୍ର ସାବିତ୍ରୀ ବ୍ରତ ଅବସରରେ ସୋମବାର ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ସକାଳୁ ସକାଳୁ ପୁରୀର ବିଭିନ୍ନ ମନ୍ଦିରରେ ସଧବାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତଙ୍କ ହାତରେ ଥିଲା ଫୁଲ, ଫଳ, ଧୂପ, ଦୀପ ଆଉ ଶାଢ଼ି ଓ ଚୁଡ଼ି। ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ବ୍ରତଧାରୀମାନେ ମନ୍ଦିରରେ ଦିଅଁଙ୍କୁ ପୂଜିଥିଲେ। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିସର ସାବିତ୍ରୀ ମନ୍ଦିର, ଗୁଣ୍ଡିଚା ମନ୍ଦିର ନିକଟ ନୃସିଂହ ମନ୍ଦିର, ଶିବ ମନ୍ଦିର, ଷ୍ଟେସନ ନିକଟ ରାମ ମନ୍ଦିର, ନବକଳେବର ରୋଡ୍‌ସ୍ଥିତ ଆଖଣ୍ଡଳମଣୀ ମନ୍ଦିର, ମୁକୁନ୍ଦ ମିଶ୍ର ନଗରସ୍ଥିତ ଶିବ ମନ୍ଦିର ସମେତ ସହରର ବିଭିନ୍ନ ବିଷ୍ଣୁ ମନ୍ଦିରରେ ଲାଗିଥିଲା ଭିଡ଼। ସାବିତ୍ରୀ ଓ ସତ୍ୟବାନଙ୍କ ଭଳି ସେମାନଙ୍କ ସମ୍ପର୍କକୁ ଅତୁଟ ଓ ଦୀର୍ଘସ୍ଥାୟୀ କାମନା କରି ମହିଳାମାନେ ଏହି ବ୍ରତ ପାଳନ କରିଥିଲେ। ଦିଅଁଙ୍କ ନିକଟରେ ବିଭିନ୍ନ ଫଳମୂଳ ଅର୍ପଣ କରି ଶଙ୍ଖା, ସିନ୍ଦୂର, ଶାଢ଼ି, ଚୁଡ଼ି ପୂଜା କରି ସ୍ୱାମୀଙ୍କ ମଙ୍ଗଳ ମନାସୀଥିଲେ।

ଦର୍ଜିପୋଖରୀ ଛକ ନିକଟ ଶିବ ମନ୍ଦିରକୁ ପୂଜା କରିବାକୁ ଆସିଥିବା ଶ୍ରୀମନ୍ତିନୀ ସାହୁ କହିଛନ୍ତି, ସ୍ୱାମୀଙ୍କ ଦୀର୍ଘାୟୁ ସହ ଯୋଡ଼ି ହୋଇ ରହିଥିବା ଏହି ବ୍ରତ ନିଷ୍ଠାର ସହ ପାଳିଆସୁଛି। ସାବିତ୍ରୀ ବ୍ରତ ସଧବା ମହିଳାଙ୍କର ଏକ ପ୍ରମୁଖ ବ୍ରତ। ଏହା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଥିବା ସମ୍ପର୍କ ଓ ଭଲପାଇବାକୁ ଆହୁରି ନିବିଡ଼ କରିଥାଏ। ଆମ ବାହାଘରକୁ ୩ ବର୍ଷ ହେଲାଣି। ପ୍ରତିବର୍ଷ ନିଷ୍ଠାର ସହ ସାବିତ୍ରୀ ବ୍ରତ ପାଳନ କରୁଛି।

## ଜେଲ୍‌ରେ ପାଳିଲେ ସାବିତ୍ରୀ ବ୍ରତ



ବାହା ବେଦୀରେ ସାତ ଜନମର ସାଥୀ ହେବା ପାଇଁ ଶପଥ ନେଇଥିଲେ। ସୁଖ, ଦୁଃଖର ସମଭାଗୀ ହେବାକୁ ପରସ୍ପରକୁ କଥା ଦେଇଥିଲେ। ହେଲେ ସୁଖଦୁଃଖର ସଂସାର ଆଗେଇ ଚାଲିଥିବାବେଳେ କେତେ ଜଣଙ୍କ କ୍ଷେତ୍ରରେ ଘଟିଛି ବ୍ୟତିକ୍ରମ। ନିଜ ଭୁଲ୍ ପାଇଁ ହେଉ ବା ଅନ୍ୟ କାହାର ଚକ୍ରାନ୍ତରେ ସେମାନେ ବାଟ ଭୁଲି ଯାଇଛନ୍ତି। ପାରିବାରିକ ସ୍ନେହ, ପ୍ରେମର ଠିକଣା ହଜାଇ ଜେଲ୍‌ର ଚାରିକାନ୍ଥ ଭିତରେ ଜୀବନ ଅତିବାହିତ କରୁଛନ୍ତି। କିନ୍ତୁ ସେମାନଙ୍କ ମନ ଭିତରେ ଥିବା ଭଲପାଇବା ମରିଯାଇନାହିଁ। ଭୁଲି ପାରିନାହାନ୍ତି ନିଜ ମନର ମଣିଷକୁ। ପ୍ରତିଟି ଓଷା, ବ୍ରତ ଆଉ ପର୍ବପର୍ବାଣୀ ଆସିଲେ ଛାତିର କୋହକୁ ଚାପି ସେ ବି ଆଗେଇ ଆସନ୍ତି। ଅନ୍ୟ ମହିଳାଙ୍କ ପରି ସଜେଇ ହୁଅନ୍ତି ଆଉ ଠାକୁରଙ୍କୁ ପୂଜାର୍ଚ୍ଚନା କରନ୍ତି। ଏମିତି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା ପୁରୀ ଜେଲ୍‌ରେ। ଏଠାରେ ରହୁଥିବା ମହିଳା ଅନ୍ତେବାସୀ ସୋମବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି, ଯାହାକି ଜେଲ୍ ପରିସରରେ ସୃଷ୍ଟି କରିଥିଲା ଏକ ଆଧ୍ୟାତ୍ମିକ ବାତାବରଣ। ସମ୍ପୃକ୍ତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଛନ୍ତି। କାରାପାଳ ଅକ୍ଷୟ କୁମାର ଜେନାଙ୍କ ସୂଚନା ମୁତାବକ, ଏଠାରେ ରହିଥିବା ୧୬ ମହିଳାଙ୍କୁ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଚୁଡ଼ି, ଫଳମୂଳ ଓ ପୂଜା ସାମଗ୍ରୀ କିଣି ଦିଆଯାଇଥିଲା। ସେମାନେ ଅନ୍ୟ ମହିଳାଙ୍କ ଭଳି ସାବିତ୍ରୀ ବ୍ରତ ପାଳିଥିଲେ। ଜେଲ୍ ପରିସର ଗଣେଶ ମନ୍ଦିରରେ ପୂଜାର୍ଚ୍ଚନା କରି ସେମାନଙ୍କ ସ୍ୱାମୀଙ୍କ ଦୀର୍ଘ ଜୀବନ ମଧ୍ୟ କାମନା କରିଥିଲେ। ପୂଜା ଶଙ୍ଖା, ସିନ୍ଦୂର ଏବଂ ନୂଆ ଶାଢ଼ି ପିନ୍ଧି କିଛି ମହିଳା ସ୍ୱାମୀଙ୍କୁ ମୁଣ୍ଡିଆ ମାରିଥିଲେ। ଏକ ଭାବ ଗମ୍ଭୀର ପରିବେଶ ସୃଷ୍ଟି ହୋଇଥିଲା ସେହି ସମୟରେ। ସୋମବାର ପୂର୍ବାହ୍ଣରେ ଏହିଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା ପୁରୀ ଜେଲ୍ ପରିସରରେ। ମହିଳା କାରାରକ୍ଷୀ ସୁଜ୍ଞାନୀ ବେହେରା, ମୁଖ୍ୟ କାରାରକ୍ଷୀ ଦିଲ୍ଲୀପ ସେଠୀ, ଅଧୀକ୍ଷକ ସଞ୍ଜୟ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍ଟ ଅଫ୍ ଲିଭିଙ୍ଗ୍

ପୁରୀ ଆର୍ଟ ଅଫ୍ ଲିଭିଙ୍ଗ୍ ମହିଳା କ୍ଲବ୍ ପକ୍ଷରୁ ଶ୍ରୀଧାମ ପରିସରରେ ନିଆରା ଢଙ୍ଗରେ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ଏହି ଅବସରରେ ପୁରୀର କିନ୍ନର ସମାଜର ବ୍ୟକ୍ତିମାନଙ୍କୁ ଶାଢ଼ି ଓ ପୂଜା ଉପକରଣ ସହ ଫଳ ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏଥିସହ ଧ୍ୟାନ, ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହିଳା କ୍ଲବ୍‌ର ସଭାପତି ସଂଘମିତ୍ରା ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଦୀର୍ଘବର୍ଷ ଧରି ଏହିଭଳି ଭାବେ ସାବିତ୍ରୀ ବ୍ରତ ପାଳନ କରାଯାଇଥିବାରୁ କିନ୍ନର ସମାଜର ମୁଖ୍ୟ ଦେବକୀ ମାଆ ଭୂୟସୀ ପ୍ରଶଂସା କରିଥିଲେ।




## ବାଲିହରଚଣ୍ଡୀଙ୍କ ପାଇଁ ବାପ ଘରୁ ପହଞ୍ଚିଲା ସାବିତ୍ରୀଭାର



**ବ୍ରହ୍ମଗିରି,୨୬।୫(ସମିସ):** ସାବିତ୍ରୀ ଅମାବାସ୍ୟାରେ ମା' ବାଲିହରଚଣ୍ଡୀଙ୍କ ବାପ ଘରୁ ଆସିଲା ସାବିତ୍ରୀ ଭାର। ଓଡ଼ିଆ ଘର ପରମ୍ପରା ଅନୁଯାୟୀ, ସାବିତ୍ରୀ ବ୍ରତ ପାଳନ କରିବା ପାଇଁ ସାବିତ୍ରୀ ଭାର ନେଇ ପାଞ୍ଚପଡ଼ା ଗ୍ରାମର ମୁରବିମାନେ ପହଞ୍ଚିଛନ୍ତି ମା'ଙ୍କ ପୀଠରେ। ସେମାନେ ଆଣିଥିବା ନୂଆ ଲୁଗା ଏବଂ ଆସିଥିବା ଫଳଭାରରେ ମା'ଙ୍କ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ମା' ବାଲିହରଚଣ୍ଡୀ, ବ୍ରହ୍ମଗିରି ଅଞ୍ଚଳର ରକ୍ଷା କବଚ ରୂପେ ପରିଚିତ। ସମୁଦ୍ର କୂଳର ବାଲିବନ୍ତ ଉପରେ ରହି ବନ୍ୟା ବାତ୍ୟା ଦାଉରୁ ରକ୍ଷା କରିଥା'ନ୍ତି। କିମ୍ବଦନ୍ତୀ ଅନୁସାରେ, ଧରଣୀକୁଦି ଗ୍ରାମ ପଞ୍ଚାୟତର ଧରଣୀକୁଦ, ମତଲାପୁର, କହଳପଦା, ଖେତାଣ୍ଡି ଏବଂ ନହରବାଲି ଏହି ପାଞ୍ଚପଡ଼ାକୁ ମା'ଙ୍କ ବାପଘର ବୋଲି କୁହାଯାଇଥାଏ। ଓଡ଼ିଆ ଘରର ପରମ୍ପରା ଅନୁଯାୟୀ, ମା'ଙ୍କ ସବିତ୍ରୀ ବ୍ରତ ପାଇଁ ବାପଘର ଅନୁସାରେ ପାଞ୍ଚପଡ଼ା ମୁରବିମାନେ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଅଳତା ସହିତ ନଡ଼ିଆ, କଦଳୀ, ଖଜୁରୀ, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ନେଇ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ପୁରୋହିତମାନେ ବାପ ଘରୁ ଆସିଥିବା ପୂଜା ସାମଗ୍ରୀ ମା'ଙ୍କୁ ସମର୍ପଣ କରିଥିଲେ। ଏହି ପରମ୍ପରା କାହିଁ କେତେ ଯୁଗରୁ ଚାଲି ଆସୁଥିବା ଗବେଷକ ନୀଳମଣି ସୁଆର କହିଛନ୍ତି।

## ଅକର୍ମଣ୍ୟ ସତ୍ୟବାନଙ୍କ ସେବାରେ ସାବିତ୍ରୀ

**ଅସ୍ତରଙ୍ଗ,୨୬।୫(ସମିସ):** ସାବିତ୍ରୀ ଅମାବାସ୍ୟାରେ ପ୍ରତ୍ୟେକ ହିନ୍ଦୁ ସଧବା ମହିଳା ପାରମ୍ପରିକ ବ୍ରତ କରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜା କରନ୍ତି। କିନ୍ତୁ ଆଜି ଆମେ ଏଭଳି ଏକ ସାବିତ୍ରୀଙ୍କ କଥା କହୁଛୁ ସେ ଜଣେ ବାସ୍ତବିକ ସାବିତ୍ରୀର ଭୂମିକାରେ ନିଜକୁ ନିଜ ସତ୍ୟବାନଙ୍କ ପାଖରେ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଦେଇଛନ୍ତି। ଜୀବନର ବ୍ରତ କେବଳ ଅସହାୟ ସ୍ୱାମୀଙ୍କ ସେବା ଭଗବାନଙ୍କୁ ସାକ୍ଷୀ ରଖି ଆପଣେଇ ନେଇଛନ୍ତି। ଏହି ପୁଣ୍ୟ କାର୍ଯ୍ୟକୁ ପ୍ରମାଣିତ କରିଛନ୍ତି ଅସ୍ତରଙ୍ଗ ବ୍ଲକ୍ ବିଜିପୁର ଗ୍ରାମର ଅସହାୟ ପ୍ରମୋଦ ସାହୁଙ୍କ ଧର୍ମପତ୍ନୀ ରମା ସାହୁ।

ସୂଚନା ଯେ, ପ୍ରତ୍ୟେକ ଦିନ ଗାଁ ଗାଁ ବୁଲି ଚାଷୀମାନଙ୍କଠାରୁ ପ୍ରମୋଦ ଚାଉଳ କିଣି ବଜାରରେ ବିକ୍ରି କରନ୍ତି ଆଉ ସେଥିରେ ତାଙ୍କ ପରିବାର ପ୍ରତିପୋଷଣ କରନ୍ତି। ଗାଁ ଗାଁ ବୁଲୁଥିବାବେଳେ ଦୁର୍ଘଟଣାର ଶିକାର ହୋଇ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ ପ୍ରମୋଦ। ଆଉ ରୋଜଗାର କରିବାକୁ ବଳ ନାହିଁ। ଝିଅ ବାହାଘର ପାଇଁ ଯାହା ସଞ୍ଚୟ କରିଥିଲେ ସବୁ ନିଜ ଚିକିତ୍ସା ପାଇଁ ମେଡିକାଲରେ ଖର୍ଚ୍ଚ ସରିଲାଣି। ପ୍ରମୋଦଙ୍କର ଭିନ୍ନକ୍ଷମ ସାର୍ଟିଫିକେଟ୍ ୮୦% ପାଇଲା ପରେ



ମଧ୍ୟ ବ୍ଲକ୍ ପ୍ରଶାସନ ତରଫରୁ ଏଯାଏ ତାଙ୍କୁ କୌଣସି ଭତ୍ତା ମିଳିନି। ସାବିତ୍ରୀ ଅମାବାସ୍ୟାରେ ଅନେକ ସାବିତ୍ରୀ ନୂଆ ଶାଢ଼ି, ଶଙ୍ଖା ପିନ୍ଧି ବ୍ରତ କରି ଅନେକ ଖୁସି ହେଉଥିବାବେଳେ ଏହି ଅସହାୟ ସାବିତ୍ରୀ ରମା ସାହୁ ଦାଣ୍ଡ ଦୁଆରେ ବସି ନିଜ ଆଖିରୁ ଲୁହ ଝରାଉଛନ୍ତି କିଭଳି ତାଙ୍କ ସ୍ୱାମୀଙ୍କୁ ସୁସ୍ଥ କରିବେ। ଶାଢ଼ି, ଶଙ୍ଖା ଦୂରେ ଥାଉ ଚାଉଳ ଗଣ୍ଡେ କିଣିବାକୁ ଅର୍ଥ ନାହିଁ। ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଦାତବ୍ୟ ବ୍ୟକ୍ତିଙ୍କ ସହଯୋଗ ପାଇଁ ରମା ନେହୁରା ହୋଇଛନ୍ତି।

## ଖଣ୍ଡା ଦେଖାଇ ଦାଦାବଟି ଆଦାୟ, ୨ ଗିରଫ

**ପୁରୀ,୨୬।୫(ସମିସ):** ଖଣ୍ଡା ଦେଖାଇ ଦାଦାବଟି ଆଦାୟ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଟାଉନ ଥାନା ତିଆଡ଼ି ସାହି ବାଲିଉପରର ସତ୍ୟପ୍ରକାଶ ମଲ୍ଲିକ ଓ ବଳିଆପଣ୍ଡା ନାଲି ଫିଲ୍ଟ ନିକଟ ଶିବଶକ୍ତି ସାହିର ସୁବାସ ତ୍ରିପାଠୀ। ଅଭିଯୋଗ ଅନୁଯାୟୀ, ସୋମବାର ପୂର୍ବାହ୍ଣ ପ୍ରାୟ ୧୦ଟା ୨୫ରେ ଏମାନେ ଲାଇଟ୍ ହାଉସ୍ ଛକ ନିକଟରେ ରାସ୍ତାରେ ଯାଉଥିବା ଲୋକଙ୍କୁ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ଖରାପ ଭାଷାରେ ଗାଳିମନ୍ଦ କରୁଥିଲେ। ଏପରିକି ଦାଦାବଟି ଆଦାୟ କରୁଥିଲେ। ପୁଲିସ ପହଞ୍ଚିବାରୁ ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଉଭୟଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କଠାରୁ ଏକ ଖଣ୍ଡା ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ଚାରିଛକ,୨୬।୫(ସମିସ):** ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ଛତିଆନା ଗ୍ରାମର ସୁଧିର ରଥ(୫୫) ନାମକ ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶ୍ରୀ ରଥ ନିଜ ଘରେ ବିଦ୍ୟୁତ୍ ମରାମତି କାମ କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଶ୍ରୀ ରଥଙ୍କ ଭଣଜା ସୌମ୍ୟରଞ୍ଜନ ମିଶ୍ରଙ୍କ ଅଭିଯୋଗ କ୍ରମେ ଚାରିଛକ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ୫/୨୫ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଦିଘାଳୋ ବସ୍ତିରେ ଗୋଷ୍ଠୀ ସଂଘର୍ଷ

**ନିମାପଡ଼ା,୨୬।୫(ସମିସ):** ନିମାପଡ଼ା ଥାନା ଦିଘାଳୋ ବସ୍ତିରେ ପୂର୍ବ ବିବାଦକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ମହିଳା ଓ ତାଙ୍କ ପରିବାର ଗୁରୁତର ଆହତ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି। କୌଣସି ମୁହୂର୍ତ୍ତରେ ପୁଣି ଦୁଇଗୋଷ୍ଠୀ ମୁହାଁମୁହିଁ ହେବାର ଆଶଙ୍କା ରହିଛି। ମିଳିଥିବା ସୂଚନା ମୁତାବକ, ନିମାପଡ଼ା ଥାନା ଦିଘାଳୋ ବସ୍ତିର ରୋଜିନା ବିବି (୩୬) ଥାନାରେ ଅଭିଯୋଗ କରିଛନ୍ତି, ଘରବାରି ଜାଗାକୁ ନେଇ ତାଙ୍କ ପଡ଼ୋଶୀଙ୍କ ସହିତ ବିବାଦ ଲାଗି ରହିଥିଲା। ପଡ଼ୋଶୀ ଅନୱାର ଓ ତାଙ୍କ ପରିବାର ବାରମ୍ବାର ରୋଜିନାଙ୍କ ପରିବାରକୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇ ଆସୁଥିଲେ। ଗତ ରବିବାର ମଧ୍ୟାହ୍ନ ସମୟରେ କେହି ପୁରୁଷ ଘରେ ନ ଥିବାର ସୁଯୋଗ ନେଇ ଅନୱାର, ତାଙ୍କ ସ୍ତ୍ରୀ ଫତିମା ବିବିଙ୍କ ସହ କିଛି ଲୋକ ମାରଣାସ୍ତ୍ର ଧରି ରୋଜିନା ବିବିଙ୍କ ଘରେ ପଶି ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ପାଖ ପଡ଼ୋଶୀମାନେ ପହଞ୍ଚି ଆକ୍ରମଣକାରୀଙ୍କ କବଳରୁ ରକ୍ଷାକରିଥିଲେ। ପରେ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଅଭିଯୁକ୍ତମାନେ ଘରର ଆସବାବପତ୍ର ଫିଙ୍ଗା ଫୋପଡ଼ା କରିଥିଲେ। ଏ ସମ୍ପର୍କରେ ରୋଜିନା ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ଅପର ପକ୍ଷରୁ ଫାତିମା ବିବି (୪୨) ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଅଂଶୀଦାର ସେକ୍ କାସିମ୍‌ଙ୍କ ମଧ୍ୟରେ ଜାଗା ବିବାଦ ରହିଥିଲା। ଜବରଦସ୍ତ ସେକ୍ କାସିମ୍ ଓ ତାଙ୍କ ସ୍ତ୍ରୀ ରୋଜିନା ବିବିଙ୍କ ସମେତ କିଛି ଲୋକ ଆଜକୁ ୪ଦିନ ହେବ ଜବରଦସ୍ତ ଘର ନିର୍ମାଣ କରୁଥିଲେ। ଫାତିମାଙ୍କ ପରିବାର ପ୍ରତିବାଦ କରିବାରୁ ଗାଳିଗୁଲଜ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଗତ ରବିବାର ଅପରାହ୍ଣ ସମୟରେ ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ମହିଳା ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମହାପ୍ରଭୁଙ୍କ ଭୂସମ୍ପତ୍ତି ସୁରକ୍ଷା ପାଇଁ ଆସିବ ମାର୍ଗଦର୍ଶିକା

**ପୁରୀ,୨୬।୫(ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନେକ ଭୂସମ୍ପତ୍ତିକୁ ଜବରଦଖଲ କରାଯାଇଛି। ଏମିତିକି ଜାଲ୍ କାଗଜାତରେ ଏହା କିଣାବିକା ବି ହେଉଛି। ତେଣୁ ଶ୍ରୀମନ୍ଦିରର ଯେତେ ଭୂସମ୍ପତ୍ତି ରହିଛି ତାହାର ସୁରକ୍ଷା କରାଯିବ। ଜମି ଜାଲିଆତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ନିକଟରେ ହାଇକୋର୍ଟ ଏକ ରାୟ ଦେଇଛନ୍ତି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ ପରେ ସେ ଗଣମାଧ୍ୟମକୁ କହିଛନ୍ତି, ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ହାଇକୋର୍ଟ କହିଛନ୍ତି। ଶ୍ରୀମନ୍ଦିରର ଯେତେ ବି ଭୂସମ୍ପତ୍ତି ରହିଛି ତାହାକୁ ଯେପରି ଠିକ୍ ଭାବେ ପରିଚାଳନା କରାଯାଇପାରିବ ଏବଂ ଯେଉଁ ଭୂସମ୍ପତ୍ତିରୁ ରାଜସ୍ୱ ଆୟ ହୋଇପାରିବ ସଂଗଠିତ ଢଙ୍ଗରେ ନିୟମ ଅନୁଯାୟୀ ତାହା କରାଯିବ ବୋଲି ବୈଠକରେ ଅନୁମୋଦନ ହୋଇଛି। ସେହିପରି ନାଟମଣ୍ଡପରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ କମିଟି ସଦସ୍ୟ। ଧାଡ଼ି ଦର୍ଶନ ଲାଗି ହୁଣ୍ଡି ସ୍ଥାନାନ୍ତର ହେବା ଆବଶ୍ୟକତା ରହିଛି। ପରିଚାଳନା କମିଟି ଗଠନ ପର୍ଯ୍ୟନ୍ତ ମୁଖ୍ୟ ପ୍ରଶାସକଙ୍କୁ ଶ୍ରୀମନ୍ଦିର ବିଭିନ୍ନ ପ୍ରସଙ୍ଗରେ ଅଧିକୃତ କରାଯାଇଥିବା ସେ କହିଛନ୍ତି।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ମହିଳା



**ବ୍ରହ୍ମଗିରି,୨୬।୫(ସମିସ):** ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ଅମାବାସ୍ୟାରେ ସ୍ତ୍ରୀମାନେ ଉପାସରେ ରହି ବ୍ରତ ପାଳନ କରିଛନ୍ତି। ସୋମବାର ସାବିତ୍ରୀ ବ୍ରତ ପାଇଁ ଅଲାରନାଥ ମନ୍ଦିରରେ ମହିଳାଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଠାକୁରଙ୍କ ପୂଜା ପାଇଁ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଅଳତା, ନଡ଼ିଆ, ଖଜୁରୀ, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରିଥିଲେ।

## ପ୍ରାପ୍ୟ ପାଉଣାକୁ ନେଇ ବିବାଦ: ସେବା ବିଳମ୍ବ, ଭକ୍ତ ହଇରାଣ

**ପୁରୀ,୨୬।୫(ସମିସ):** ପ୍ରାପ୍ୟ ପାଉଣାକୁ ନେଇ ସୋମବାର ଶ୍ରୀମନ୍ଦିରରେ ବିବାଦ ଉପୁଜିଛି। ପାଳିଆ ସିଂହାରୀ ସେବକ ପ୍ରାପ୍ୟ ପାଉଣାକୁ ନେଇ ମହାସ୍ନାନ ପରେ ମଇଲମରେ ବିଳମ୍ବ କରିବାରୁ ଅଢ଼େଇ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ସାବିତ୍ରୀରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟୁଥିବାବେଳେ ମହାସ୍ନାନ ହେବା ଯେତିକି ପ୍ରତିବନ୍ଧକ ସୃଷ୍ଟି କରିଥିଲା, ବିବାଦ ଆହୁରି ଯନ୍ତ୍ରଣା ବଢ଼ାଇଥିଲା। ଫଳରେ ଦୀର୍ଘ ସମୟ ଭକ୍ତ ଧାଡ଼ିରେ ଛିଡ଼ା ହୋଇ ଯନ୍ତ୍ରଣା ଭୋଗିବା ସହ ଅସନ୍ତୋଷ ଜାହିର କରିଥିଲେ। ଏଣେ ଦ୍ୱିତୀୟ ଭୋଗ ମଣ୍ଡପ ଉଠିବା ବେଳକୁ ୯ଟା ୪୫ ହୋଇଯାଇଥିଲା। ଲୋକେ ସାବିତ୍ରୀ ଭଳି ଦିନରେ ଦ୍ୱିତୀୟ ଭୋଗ ମଣ୍ଡପ ପରେ ଅବଢ଼ା ପାଇବାରେ ଅହେତୁକ ବିଳମ୍ବରୁ ଅନେକ ନିରାଶ ହୋଇ ଫେରିଥିଲେ। ଏପରିକି ବିଳମ୍ବରେ ଦ୍ୱିତୀୟ ଭୋଗ ମଣ୍ଡପ ବାହାରିବାରୁ ସୁଆର ମହାସୁଆରମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଅବଢ଼ା ପ୍ରସ୍ତୁତ ହୋଇଥିଲେ ମଧ୍ୟ ବିଳମ୍ବିତ ରାତି ହେବାରୁ ତାହା ବିକ୍ରି ହୋଇପାରି ନ ଥିଲା। ସାବିତ୍ରୀରେ ଅଧିକ ଅବଢ଼ା ବିକ୍ରି କରିବାର ଯେଉଁ ଆଶା କରିଥିଲେ ତାହା ପୂରଣ ନ ହେବାରୁ ସୁଆର ବି ଉତ୍କ୍ଷିପ୍ତ ହୋଇଥିଲେ। ମଧ୍ୟାହ୍ନ ଧୂପ ଶେଷ ପରେ ଧୁକୁଡ଼ି ଦ୍ୱାରଠାରେ ରକ୍ତ ପଡ଼ିଥିବା ନଜରକୁ ଆସିଥିଲା। ତେଣୁ ମହାସ୍ନାନ ଲାଗିଥିଲା। ଯଦିଓ ଧୂଆଧୋଇ ହୋଇ ଚୂନ ପାଣି ପଡ଼ିବା ଓ ସିଂହାସନ ପୋଛା କାର୍ଯ୍ୟ ଯଥାବିଧି ସମ୍ପାଦିତ ହୋଇଥିଲା, କିନ୍ତୁ ପରେ ମଇଲମ ବିଳମ୍ବ ହୋଇଥିଲା। ଜଣେ ସିଂହାରୀ ସେବକ କହିଛନ୍ତି, ଆମକୁ ପ୍ରାପ୍ୟ ପାଉଣା ରାଶି ଦେବାରେ ପ୍ରଶାସନ ପକ୍ଷରୁ ଅବହେଳା କରାଯାଇଛି। ସାହାଣମେଲା ପାରିମାଣିକ ଦର୍ଶନ ବ୍ୟବସ୍ଥା ବନ୍ଦ କରି ଅଧିକ ପ୍ରାପ୍ୟ ପାଉଣା ଭାବେ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ହେଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। ଗତ ପରିଚାଳନା କମିଟିରେ ଆମ ପ୍ରାପ୍ୟ ପାଉଣା ମାତ୍ର ୧୦ ପ୍ରତିଶତ ବଢ଼ିଲା। କ୍ଷତିପୂରଣ ଦେଇପାରୁ ନ ଥିବାରୁ ଆମେ ସାହାଣମେଲା ପାରିମାଣିକ ଦର୍ଶନ ବ୍ୟବସ୍ଥା ପୁନଃ ଆରମ୍ଭ କରିବା ଦାବି କରିଥିଲୁ। ଅଧିକାରୀମାନେ ପାଳିଆ ସେବକଙ୍କ ସହ ଯୋଗାଯୋଗ ପରେ କ୍ଷତିପୂରଣ ରାଶି ମିଳିବା ନେଇ ସହମତି ହେବା ପରେ ସେବା ଆରମ୍ଭ କରିଥିଲୁ।

## ୧୦ ବର୍ଷ ପରେ ଅଭିଯୁକ୍ତ ଗିରଫ

**ଡେଲାଙ୍ଗ,୨୬।୫(ସମିସ):** ଦୀର୍ଘ ୧୦ ବର୍ଷ ପରେ ଡେଲାଙ୍ଗ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଘୋରଡିଆ ଗଙ୍ଗପୁର ପାଟଣା ଗ୍ରାମର କୃପାସିନ୍ଧୁ ବଳିୟାରସିଂହ(୪୨)। ୨୦୧୫ରେ ଡେଲାଙ୍ଗ ଥାନାରେ ତାଙ୍କ ନାମରେ ମାମଲା ରହିଥିବାବେଳେ ସେ ଦୀର୍ଘ ୧୦ ବର୍ଷ ଧରି ଏଣେତେଣେ ବୁଲିବା ସହିତ ପୁଲିସକୁ ଚକମା ଦେଉଥିଲେ। ସେ ଗାଁକୁ ଫେରିବା ଖବର ପାଇ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

ବଡ଼ଦାଣ୍ଡରେ ଲଜ୍ଜା

## ନାବାଳିକାକୁ ଅସଦାଚରଣ କରି ଯୁବକ ଗିରଫ

**ପୁରୀ,୨୬।୫(ସମିସ)**

ବଡ଼ଦାଣ୍ଡରେ ଲଜ୍ଜା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ବଙ୍ଗୀୟ ନାବାଳିକାକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଅସଦାଚରଣ କରାଯାଇଛି। ଏହି ଅଭାବନୀୟ ଘଟଣା ଘଟାଇଥିବା ଯୁବକଙ୍କୁ ନାବାଳିକାଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ କାବୁ କରିବା ସହ ମାଡ଼ ମାରିଛନ୍ତି। ତେବେ ବଡ଼ଦାଣ୍ଡରେ କାର୍ଯ୍ୟରତ ଜଣେ ହୋମ୍‌ଗାର୍ଡ ସଙ୍ଗେ ସଙ୍ଗେ ସମ୍ପୃକ୍ତ ଯୁବକଙ୍କୁ କାବୁ କରିବା ସହ ସିଂହଦ୍ୱାର ଥାନାକୁ ନେଇଥିଲେ। ପୁଲିସ ତାକୁ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ତଦନ୍ତରୁ ସତ୍ୟତା ଜାଣିବା ପରେ ପୁଲିସ ନିଜେ ମାମଲା ରୁଜୁ କରି ଭୁବନେଶ୍ୱର ପଟିଆ ଅଞ୍ଚଳର ରଞ୍ଜିତ ସାମନ୍ତରାୟ (୩୭)ଙ୍କୁ ଗିରଫ କରିଛି।

ସୋମବାର ଥିଲା ପବିତ୍ର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ସକାଳୁ ବେଶ୍ ଚଳଚଞ୍ଚଳ ଥିଲା ବଡ଼ଦାଣ୍ଡ ଆଉ ଶ୍ରୀମନ୍ଦିର। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିଲେ। ଏକ ବଙ୍ଗୀୟ ପରିବାର ପୁରୀକୁ ଛୁଟି କଟାଇବାକୁ ଆସି ସୋମବାର ଠାକୁରଙ୍କୁ ଦର୍ଶନ ପାଇଁ ଆସିଥିଲେ। ତାଙ୍କ ସହିତ ଜଣେ ନାବାଳିକା ଥିଲେ। ନାବାଳିକା ଜଣକ ଚାଲି ଚାଲି ଯାଉଥିବାବେଳେ ରଞ୍ଜିତ ତାଙ୍କ ସହିତ ଅସଦାଚରଣ କରିଥିଲେ। ନାବାଳିକା ପାଟି କରିବାରୁ ତାଙ୍କ ପରିବାର ସଦସ୍ୟ ଯୁବକଙ୍କୁ କାବୁ କରିଥିଲେ। ଅନ୍ୟମାନେ ମଧ୍ୟ ଏହାକୁ ବିରୋଧ କରିବା ସହ ଯୁବକଙ୍କୁ ମାଡ଼ ମାରିଥିଲେ।

ଏହି ସମୟରେ ସେଠାରେ କାର୍ଯ୍ୟରତ ଜଣେ ହୋମ୍‌ଗାର୍ଡ ରଞ୍ଜିତଙ୍କୁ ଧରି ଥାନାକୁ ନେଇଥିଲେ। ପୁଲିସ ଏକ ମାମଲା (ନଂ.୭୫/୨୫) ରୁଜୁ କରିବା ସହ ରଞ୍ଜିତଙ୍କୁ ଗିରଫ କରିଛି। ଯେହେତୁ ସମ୍ପୃକ୍ତ ବଙ୍ଗୀୟ ପରିବାର ପୁରୀ ବୁଲିବାକୁ ଆସିଥିଲେ ସେମାନେ ଅଭିଯୋଗ କରିନାହାନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଶ୍ୱେତପଦ୍ମା ଦାଶ କହିଛନ୍ତି।

ପ୍ରତାପ ହତ୍ୟାକାଣ୍ଡ ଘଟଣାରେ ୩ ଗିରଫ, ୯ ଫେରାର୍


## ମଝିଆଁ ଭାଇ ଥିଲା ମାଷ୍ଟରମାଇଣ୍ଡ

**କଣାସ,୨୬।୫(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତ ବନ୍ଧମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ (୩୫)ଙ୍କୁ ଗତ ୧୨ ତାରିଖ ବିଳମ୍ବିତ ରାତିରେ ପୂର୍ବ ବିବାଦକୁ ନେଇ ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ତାଙ୍କ ପତ୍ନୀ ଗଡ଼ିଶାଗୋଦା ଥାନାରେ ୧୩ ତାରିଖରେ ଅଭିଯୋଗ କରିଥିଲେ। ହତ୍ୟାକାଣ୍ଡରେ ସଂଶ୍ଳିଷ୍ଟ ଥିବା ୧୨ ଅଭିଯୁକ୍ତଙ୍କ ମଧ୍ୟରୁ ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ୩ ଜଣଙ୍କୁ ଗିରଫ କରିଥିବାବେଳେ ୯ ଜଣ ଫେରାର୍ ଅଛନ୍ତି। ତେବେ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଥିଲା ପ୍ରତାପଙ୍କ ମଝିଆଁ ଭାଇ ପ୍ରଦୀପ ସୁନ୍ଦରାୟ। ପୁଲିସ ସୋମବାର ପ୍ରଦୀପକୁ ଘଟଣାସ୍ଥଳକୁ ନେଇ ତଦନ୍ତ କରିବା ସହ ମୃତ ପ୍ରତାପଙ୍କ ବାଇକ୍ ଓ ହତ୍ୟାକାଣ୍ଡରେ ବ୍ୟବହୃତ ଦୁଇଟି ଖଣ୍ଡା ଏବଂ ଭୁଜାଲି ଜବତ କରିଛି। ପ୍ରଦୀପ ହତ୍ୟାକାଣ୍ଡର ଡେମୋ ଦେଖାଉଥିବା ସମୟରେ ପ୍ରବଳ ଜନଗହଳି ହୋଇଥିଲା। ପ୍ରକାଶ ଥାଉକି, ଗତ ୧୨ ତାରିଖ ବିଳମ୍ବିତ ରାତିରେ ପ୍ରତାପ ଘରକୁ ଫେରୁଥିଲେ। ଗ୍ରାମକୁ ଦୁଇଟି ରାସ୍ତା ଥିବାରୁ ଯୋଜନା ମୁତାବକ ପ୍ରତାପଙ୍କ ଭାଇ ପ୍ରଦୀପଙ୍କ ସମେତ ଗୋଟିଏ ରାସ୍ତାରେ ୮ ଜଣ ଓ ଅନ୍ୟ ରାସ୍ତାରେ ୪ ଜଣ ଜଗି ରହିଥିଲେ। ୪ ଜଣ ଜଗିରହିଥିବା ରାସ୍ତାରେ ପ୍ରତାପ ଫେରୁଥିଲେ। ମଝିଆଁ ଭାଇ ପ୍ରଦୀପ ସେହି ୪ ଜଣଙ୍କ ମଧ୍ୟରେ ରହିଥିବାରୁ ପୁଲିସ ତାକୁ ଗିରଫ କରି ସୋମବାର ଡେମୋ ଦେଖାଇଥିଲେ।

### ପୁଲିସକୁ ହତ୍ୟାକାଣ୍ଡର ଡେମୋ ଦେଖାଇଲେ



# ସମ୍ପାଦକୀୟ



ବହୁଲୋକଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତି ତୁଳନାରେ ଉନ୍ନତ ବୁଦ୍ଧିସମ୍ପନ୍ନ ଜଣେ ବ୍ୟକ୍ତିର ନିଷ୍ପତ୍ତି ଅଧିକ ଉତ୍ତମ।
--ପ୍ଲାଟୋ

ସକାଳ
THE SAKALA

## ନିତି ଓ ଅର୍ଥନୀତି

ବିକଶିତ ଭାରତର ନକ୍ସା ପ୍ରସ୍ତୁତି ଓ ତାହାର ରୂପାୟନ ସହ ତଦନୁଯାୟୀ ଆର୍ଥିକ ବ୍ୟବସ୍ଥାର ସୁଦୃଢ଼ୀକରଣରେ ନିତି ଆୟୋଗ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଏହି ଦୁଇ ସଂସ୍ଥା ପକ୍ଷରୁ ଘୋଷିତ କିଛି ତଥ୍ୟ ବେଶ୍ ରୋଚକ ଓ ଉତ୍ସାହପ୍ରଦ। ନିକଟରେ ନିତି ଆୟୋଗର ଦଶମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର ସଂଘୀୟ ବ୍ୟବସ୍ଥାର ଢାଞ୍ଚା ଓ ଭିତ୍ତିଭୂମିକୁ ନେଇ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ଆପତ୍ତି ଦର୍ଶାଯାଇଥିବା ବେଳେ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ଯେଉଁ ସକାରାତ୍ମକ ଆହ୍ୱାନ ଦେଇଛନ୍ତି ତାହା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ମାଧ୍ୟମରେ ବିକଶିତ ଭାରତର ଲକ୍ଷ୍ୟ ହାସଲ କରାଯାଇପାରିବ। ଏହି ପ୍ରେକ୍ଷାପଟ୍ଟରେ ସେ କିଛି ଅଣବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ବେଶ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିବାର ପରିଲକ୍ଷିତ ହୋଇଥିଲା। ସବୁଠାରୁ ଉଲ୍ଲେଖନୀୟ ହେଲା ନିତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ) ବି ଭି ଆର ସୁବ୍ରମଣ୍ୟମ୍ କହିଛନ୍ତି ଯେ ଭାରତର ବିଶ୍ୱର ଚତୁର୍ଥ ଅର୍ଥନୀତି। ନିକଟରେ ଜାପାନକୁ ଅତିକ୍ରମ କରି ଆମେରିକା, ଚୀନ୍ ଓ ଜର୍ମାନୀକୁ ପଛକୁ ଭାରତ ବିଶ୍ୱ ଅର୍ଥନୀତିରେ ଚତୁର୍ଥ ସ୍ଥାନ ହାସଲ କରିଛି। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତର ଅର୍ଥନୀତି ୪ ଟ୍ରିଲିୟନ୍ ଡଲାର ଅତିକ୍ରମ କରିଛି। ବିଶ୍ୱ ଅର୍ଥନୀତି ଏକ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ଭାରତର ଅଭିବୃଦ୍ଧି ହାର ଏକ ଈର୍ଷଣୀୟ ସ୍ଥିତିରେ ରହିଛି। ତେଣୁ ଆସନ୍ତା ଦୁଇରୁ ତିନିବର୍ଷ ମଧ୍ୟ ଆମ ଅର୍ଥନୀତି ୫ ଟ୍ରିଲିୟନ୍ ଡଲାର ଅତିକ୍ରମ କରିବା କିଛି ବିଚିତ୍ର ନୁହେଁ।

ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଆମର ଏହି ଅଭିବୃଦ୍ଧି ଜାପାନ୍‌ଠାରୁ ମାତ୍ର ୦.୧ ପ୍ରତିଶତ ଅଧିକ। ଜର୍ମାନୀଠାରୁ ଆମ ଅର୍ଥନୀତି କେତେ ଦୂରରେ ଅଛି ସେ କଥା ଅବଶ୍ୟ ଦର୍ଶାଯାଇନାହିଁ। ଏ ସବୁ ସତ୍ତ୍ୱେ ଆମକୁ କହିବାକୁ ପଡ଼ିବ ଯେ ସମାବେଶୀ ଅର୍ଥନୀତିକୁ ଯଥୋଚିତ ଗୁରୁତ୍ୱ ଦିଆଯାଇ ପାରିନାହିଁ। ଆର୍ଥିକ ଅସମାନତା ଏବେ ମଧ୍ୟ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ବରଂ ଏ କଥା କୁହାଯାଇପାରେ ଯେ କର୍ପୋରେଟ୍ ସଂସ୍ଥାର ଆକାଶ ଛୁଆଁ ଅଭିବୃଦ୍ଧି ଆମକୁ ଏହି ସ୍ଥିତିରେ ପହଞ୍ଚାଇଛି। ଡ. ମନମୋହନ ସିଂହଙ୍କ ସରକାର ଅମଳରେ ଦେଶର ଅର୍ଥନୈତିକ ସ୍ଥିତି ୧.୮ ଟ୍ରିଲିୟନ୍ ଡଲାର ଥିଲା। ତାହା ଗତ ଦଶବର୍ଷରେ ୪.୧ ଟ୍ରିଲିୟନ୍ ଡଲାରରେ ପହଞ୍ଚିଛି। ଏହି ବୃଦ୍ଧିରେ କର୍ପୋରେଟ୍ ସଂସ୍ଥାର ଅବଦାନ ୬୨ ରୁ ୬୮ ପ୍ରତିଶତ। ଗତ ଦଶବର୍ଷ ମଧ୍ୟରେ କର୍ପୋରେଟ ସଂସ୍ଥାର ଉପାର୍ଜନ ୪ଗୁଣ ବଢ଼ିଛି। ଏହା ଯଦି ଆମ ଅର୍ଥନୀତି ସମୃଦ୍ଧିର କାରକ ହୁଏ ତେବେ ସମାବେଶୀ ବା ସାମଗ୍ରିକ ବିକାଶ ଗତିଶୀଳ ହେବ କିପରି? ଏ କଥା ସତ ଯେ ସରକାର ଦେଶର ୮୧ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଉଛନ୍ତି। ସମାଜର ନିମ୍ନବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବାସଗୃହ, ଶୌଚାଳୟ, ରିହାତିରେ ରନ୍ଧନ ଗ୍ୟାସ୍ ଯୋଗାଣ ଓ ମୁଦ୍ରା ଯୋଜନା ଜାରି ରହିଛି। ଏହା ଯେ ସେମାନଙ୍କ ଆର୍ଥିକ ସ୍ଥିତିରେ ଅଭ୍ୟୁଦୟ ଘଟାଇବ ତାହା ନୁହେଁ, ବରଂ ଏ କଥା କୁହାଯାଇପାରେ କି ନିର୍ବାଚନ ରାଜନୀତି ପାଇଁ ସରକାର ଏହି ଲାଭାର୍ଥୀ ବର୍ଗ ସୃଷ୍ଟି କରିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ଓ ଉପାର୍ଜନ କ୍ଷମତା ବୃଦ୍ଧି ଦିଗରେ ଏ ଯାବତ୍ ସେଭଳି କିଛି ଠୋସ୍ କାର୍ଯ୍ୟକ୍ରମ ସରକାର ଗ୍ରହଣ କରିପାରିନାହାନ୍ତି। ଏବେ ଯେଉଁ ଅର୍ଥନୀତିର ସାମଗ୍ରିକ ଅଭିବୃଦ୍ଧି ସମସ୍ତଙ୍କ ସକାଶେ ଆଖିଦୃଶିଆ ହୋଇଛି ତାହା କେବଳ କର୍ପୋରେଟ୍ କୈନ୍ଦ୍ରିକ ବ୍ୟବସ୍ଥା। ଆନ୍ତର୍ଜାତିକ ସ୍ତରରେ ଆମକୁ ନ୍ୟୂନ ଦର୍ଶାଇବା ପାଇଁ ଯେଉଁ ସୂଚକାଙ୍କ ପ୍ରକାଶ ପାଉଛି ତାହାର ସଠିକ୍ ଉତ୍ତର ଦେବା ଏହି ବ୍ୟବସ୍ଥାରେ ଏତେ ସହଜ ହେବନାହିଁ। ୨୦୪୭ରେ ଭାରତକୁ ବିକଶିତ ରାଷ୍ଟ୍ରର ମର୍ଯ୍ୟାଦା ଦେବାକୁ ହେଲେ ସମାବେଶୀ ଅର୍ଥନୀତି ପ୍ରତି ସରକାରଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ହେବ। ଏ କଥା ସତ ଯେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇଛି। ସେମାନଙ୍କ ଆର୍ଥିକ ଉପାର୍ଜନ ସେହି ୧.୫ ଲକ୍ଷ ଟଙ୍କାରେ ସୀମିତ ରହିଛି। ୪ ଟ୍ରିଲିୟନ ଡଲାର ଅର୍ଥନୀତିରେ ମୁଣ୍ଡପିଛା ଆୟ ୨.୪ ଲକ୍ଷ ଟଙ୍କା ସହଜରେ ଅନୁମାନ କରାଯାଇପାରେ।

ଡ. ମନମୋହନ ସିଂହ ଦେଶକୁ ଆର୍ଥିକ ଦୁର୍ଗତିରୁ ଉଦ୍ଧାର କରିବା ସକାଶେ ୧୯୯୧ରେ ଯେଉଁ ବଜାର ଅର୍ଥନୀତି ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ ତାହା ଏବେ ବି ବଳବତ୍ତର ରହିଛି। ସକରାର ଓ ନେତୃତ୍ୱ ବଦଳିଛି; କିନ୍ତୁ ଅର୍ଥନୀତିରେ ଭିତ୍ତି ଓ ପ୍ରକୃତି ବଦଳିନି; ବରଂ କର୍ପୋରେଟ ସଂସ୍ଥା ଉପରେ ଆମେ ଦିନକୁ ଦିନ ଅଧିକ ନିର୍ଭରଶୀଳ ହୋଇଛେ। ଦିନକୁ ଦିନ ରାଷ୍ଟ୍ରୀୟ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ତାହାକୁ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଉଛି। ତେଣୁ ନିଯୁକ୍ତି ସୁଯୋଗ କ୍ରମାଗତଭାବେ ସଂକୁଚିତ ହେବାରେ ଲାଗିଛି। କର୍ପୋରେଟ ସଂସ୍ଥା ଅଧାରୁ ଅଧିକ ଶ୍ରମ ଶକ୍ତିକୁ ସାମୟିକ ଓ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇ ଶୋଷଣ କରୁଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଘଟୁଛି। ବଜାର ଅର୍ଥନୀତି ସମୟର ଆବଶ୍ୟକତା। ଏହି ବ୍ୟବସ୍ଥାରେ ଆର୍ଥିକ ପାର୍ଥକ୍ୟ ଓ ଅସମାନତା ରହୁଛି ଓ ରହିବ। ଆମେ ଏଠାରେ ଯେଉଁ ବଜାର କଥା କହୁଛୁ ତାହାକୁ ସମ୍ମୁଖୀନ ହେଲାଭଳି ସେମାନଙ୍କ ଶକ୍ତି ଓ ସାମର୍ଥ୍ୟ କିଭଳି ରହିବ ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ମଧ୍ୟ ରହିଛି। ନ ହେଲେ ୧୪୦ କୋଟିର ଯେଉଁ ବଜାର ପାଇଁ ଆମର ଏତେ ଗର୍ବ ଓ ଅହଂକାର ତାହା ଯେ ଭୁଶୁଡ଼ି ପଡ଼ିବ ସେଥିପ୍ରତି ମଧ୍ୟ ସଜାଗ ରହିବା ଜରୁରୀ ହୋଇପଡ଼ିଛି। ବିକଶିତ ଭାରତର ନକ୍ସା ପ୍ରସ୍ତୁତିର ଏହା ଏକ ଧ୍ୟାନ ଆକର୍ଷକ ପ୍ରସଙ୍ଗ।

ସରକାର ଯୁଦ୍ଧ ଓ ଆମେରିକାର ବର୍ଦ୍ଧିତ ଟାରିଫକୁ ସମ୍ମୁଖୀନ ହେଉଥିବା ବେଳେ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ୨.୬୯ ଲକ୍ଷ କୋଟି ଟଙ୍କା ଲାଭାଂଶ ଦେଉଥିବା ସୁଖର କଥା। ଏହି କଠିନ ପରିସ୍ଥିତିକୁ ମୁକାବିଲା କରିବାରେ ଏହି ରେକର୍ଡ ପରିମାଣର ଲାଭାଂଶ ପ୍ରଦାନ ନିଶ୍ଚୟ ସହାୟକ ହେବ। ସବୁଠାରୁ ଉଲ୍ଲେଖଯୋଗ୍ୟ ଯେ, ଦେଶର ଆର୍ଥିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାରେ ସରକାରଙ୍କ ବିତ୍ତୀୟ ନିଅଣ୍ଟ ଏକ ସହନୀୟ ସ୍ତରରେ ରହିବା ଆବଶ୍ୟକ। ୨୦୨୫-୨୬ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ମୋଟ ଘରୋଇ ଉତ୍ପାଦର ୪.୨ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ଏହି ଲାଭାଂଶ ସହାୟକ ହେବ। ଆମକୁ ଏଠାରେ କହିବାକୁ ପଡ଼ିବ ଯେ, ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦେଶର ଅର୍ଥନୀତି ଦିଶାହରା କି ଦିଗହରା ହୋଇନି। ସବୁ ଅନୁକୂଳତା ମଧ୍ୟରେ ପ୍ରତିକୂଳ ଦିଗ ପ୍ରତି ଯଥାସମ୍ଭବ ଧ୍ୟାନ ନ ଦେଲେ ଲକ୍ଷ୍ୟ ହାସଲ କରିବା ଏତେ ସହଜ ହେବନି।

## ଉଚ୍ଚଶିକ୍ଷାରେ ଅତିଥି

ଶ୍ରୀମତୀ ଗାୟତ୍ରୀ କର

ଓଡ଼ିଶାରେ ଅଧୁନା ୬୯ଟି ସରକାରୀ ଏବଂ ୧୧୫୦ (୪୮୮ + ୬୬୨) ବେସରକାରୀ ମହାବିଦ୍ୟାଳୟ ସ୍ଥାପନ ହୋଇ ପ୍ରାୟ ସାଢ଼େ ଚାରି କୋଟି ଓଡ଼ିଆଙ୍କ ଲକ୍ଷ ଲକ୍ଷ ଭବିଷ୍ୟତ ଦାୟାଦମାନଙ୍କ ଉଚ୍ଚଶିକ୍ଷା ପାଇଁ ନିରନ୍ତର ସୁଯୋଗ ସୃଷ୍ଟି କରିଆସୁଛନ୍ତି। ସରକାରୀ ଓ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନମାନେ ସମ୍ପୂର୍ଣ୍ଣ ସକ୍ଷମ ନହେବା ଅଭିଯୋଗ ଆଧାରରେ ଘରୋଇ ଉଦ୍ୟୋଗୀମାନଙ୍କ ସେଲ୍ଫ ଫାଇନାନସିଂ କଲେଜର ଆବଶ୍ୟକତା ହୃଦୟଙ୍ଗମ କରି ସରକାର ସେମାନଙ୍କୁ ମଧ୍ୟ ଶିକ୍ଷାଦାନ ପାଇଁ ଅନୁମତି ଦେଇଛନ୍ତି।

୨୦୨୧ ମସିହାରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରକାଶିତ ସୂଚନା ଅନୁସାରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୪ ଗୋଟି ମହାବିଦ୍ୟାଳୟ ଶିକ୍ଷା ସେବାରେ ନିୟୋଜିତ ଅଛନ୍ତି। ସମସ୍ତ ସରକାରୀ ମହାବିଦ୍ୟାଳୟରେ ଅନୁମୋଦିତ ଶିକ୍ଷକ ସଂଖ୍ୟା ପ୍ରାୟ ୨୩୧୦। ଗତବର୍ଷ ଉଚ୍ଚଶିକ୍ଷା ବିଭାଗର ଉଦ୍ୟମକ୍ରମେ ଅପେକ୍ଷାକୃତ ଅନୁନ୍ନତ ଅଞ୍ଚଳରେ ପ୍ରାୟ ୧୮ ଟି ସରକାରୀ ମହାବିଦ୍ୟାଳୟ ନୂତନ ଭାବେ ଖୋଲି ଶିକ୍ଷାଦାନ ଆରମ୍ଭ କରିଛନ୍ତି। ଉକ୍ତ ମହାବିଦ୍ୟାଳୟଗୁଡ଼ିକରେ ଅନୁମୋଦିତ ପଦବୀ ନଥିବାରୁ ଜଣେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ସହିତ ଚାରି ଜଣ ଅତିଥି ଅଧ୍ୟାପକଙ୍କୁ ନେଇ ଶିକ୍ଷାଦାନ ପ୍ରକ୍ରିୟା ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଆନୁମାନିକ ୧୮୦୦ କାର୍ଯ୍ୟରତ ଅଧ୍ୟାପକ/ଅଧ୍ୟାପିକା ଥିବା ବେଳେ ପ୍ରାୟ ୧୨୦ ଅସ୍ଥାୟୀ ଶିକ୍ଷକ ୨୦୧୪ ମସିହାରୁ ନିୟୋଜିତ ଅଛନ୍ତି। ସେହିପରି ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଆନୁମାନିକ ୬୪୯୯ ଅନୁମୋଦିତ ପଦବୀ ଥିବା ବେଳେ ପ୍ରାୟ ୧୫୦୦ ପଦବୀ ଖାଲି ପଡ଼ିଥିବା ସୂଚନା ମିଳିଛି। ଏହି ଅନୁଷ୍ଠାନମାନଙ୍କରେ ବିବିଧ ଶିକ୍ଷକଙ୍କ ସମସ୍ୟା ସାଧାରଣ ଜନତାଙ୍କ ପକ୍ଷେ ବୁଝିବା କଷ୍ଟକର। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଅଧିକାଂଶ ମହାବିଦ୍ୟାଳୟରେ ଭାରପ୍ରାପ୍ତ ବା କାମଚଳା ଅଧ୍ୟକ୍ଷ ଦ୍ୱାରା କାର୍ଯ୍ୟ ଚାଲିଛି। ପ୍ରତିବର୍ଷ ସରକାରୀ ମହାବିଦ୍ୟାଳୟରୁ ଅନ୍ୟୂନ ୧୦୦ ଶିକ୍ଷକ ଅବସର ଗ୍ରହଣ କରୁଥିବା ବେଳେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ହାରାହାରି ୨୫୦-୩୦୦ ଶିକ୍ଷକ ଅବସର ଗ୍ରହଣ କରୁଛନ୍ତି। ତେଣୁ ଜାତୀୟ ଶିକ୍ଷାନୀତି ୨୦୨୦ କେବଳ ଅତିଥି ଅଧ୍ୟାପକଙ୍କ ଉପରେ ଭରସା କରି ଆଗେଇ ଚାଲିଛି। ଅଣଶିକ୍ଷକ ପଦବୀ ଶୂନ୍ୟତା ବିଭିନ୍ନ ବର୍ଗର ମହାବିଦ୍ୟାଳୟମାନଙ୍କରେ ସମ୍ପୂର୍ଣ୍ଣ ବାରି ହୋଇପଡ଼େ। ସରକାରୀ ଓ ବେସରକାରୀ ମହାବିଦ୍ୟାଳୟରେ ଶିକ୍ଷକ ଚୟନ ଓ ପଦବୀ ପୂରଣ ବିଭିନ୍ନ ପରୀକ୍ଷା ମାଧ୍ୟମରେ ହେଉଥିବା ବେଳେ ଏହି ପ୍ରକ୍ରିୟା ସମୟସାପେକ୍ଷ। ସରକାରଙ୍କ ଦ୍ୱାରା ପରିଚାଳିତ ୨୦ଟି ବିଶ୍ୱବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଅନୁଭୂତ।

ପଦବୀ ପୂରଣ ନହୋଇ ପାରିବା ସ୍ଥିତିରେ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର ଯୁକ୍ତ ଦୁଇ, ଯୁକ୍ତ ତିନି ଓ ସ୍ନାତକୋତ୍ତର ଶ୍ରେଣୀମାନଙ୍କରେ ଶିକ୍ଷାଦାନ ପାଇଁ ବିଶେଷ ଅବଦାନ ଥାଏ ଅତିଥି ଅଧ୍ୟାପକ/ଅଧ୍ୟାପିକାମାନଙ୍କର। ଅଧିକାଂଶ ସରକାରୀ ଓ କିଛି ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପ୍ରାୟ ଦୁଇ/ତିନି ବର୍ଷ ହେବ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲା ଯାଇଛି, ଯାହା ଅତିଥି ଅଧ୍ୟାପକ ପରିଚାଳନା କରନ୍ତି। ସରକାରୀ ନିୟମ ଅନୁସାରେ, ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟାପକ ପଦବୀ ପାଇଁ ସ୍ନାତକୋତ୍ତରରେ ୫୫% ନମ୍ବର ସହ ପିଏଚ୍‌ଡି କିମ୍ବା ନେଟ ଉତ୍ତୀର୍ଣ୍ଣ ସର୍ବନିମ୍ନ ଯୋଗ୍ୟତା ହୋଇଥିବା ବେଳେ ସମାନ ଦକ୍ଷତାଧାରୀ ବ୍ୟକ୍ତିବିଶେଷ ସରକାରୀ କଲେଜରେ ଅତିଥି ଅଧ୍ୟାପକ ହୋଇଥା'ନ୍ତି। ସରକାରୀ ମହାବିଦ୍ୟାଳୟ ଅଧ୍ୟାପକଙ୍କୁ ଓଡ଼ିଶା ଲୋକସେବା ଆୟୋଗ ଚୟନ କରୁଥିବା ବେଳେ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟାପକମାନେ ଷ୍ଟେଟ ସିଲେକସନ ବୋର୍ଡ (ଏସଏସବି) କିମ୍ବା ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ଚୟନ ହୁଅନ୍ତି।

ଆଜକୁ ପ୍ରାୟ ୨୦-୨୨ ବର୍ଷ ହେଲା ଅତିଥି ଅଧ୍ୟାପକ ବିଭିନ୍ନ ବର୍ଗର ମହାବିଦ୍ୟାଳୟମାନଙ୍କରେ ନିୟମିତ ଶ୍ରେଣୀ ଶିକ୍ଷାଦାନ ପ୍ରକ୍ରିୟାରେ ସକ୍ରିୟ ଭାବେ ଲିପ୍ତ ଅଛନ୍ତି। କ୍ରମାଗତ ଭାବେ ପ୍ରତିଯୋଗିତା ବୃଦ୍ଧି ପାଉଥିବା ବେଳେ ସମସ୍ତ ଅତିଥି ଅଧ୍ୟାପକ ପ୍ରାର୍ଥୀମାନେ ଅତ୍ୟନ୍ତ ମେଧାବୀ ହୋଇ ଏମ୍‌ଫିଲ୍, ପିଏଚଡି ଭଳି ଉଚ୍ଚ ଉପାଧିର ଅଧିକାରୀ ହେବା ସହିତ 'ନେଟ, ସିଏସଆଇଆର(ଜେଆରଏଫ) କିମ୍ବା ଗେଟ ପରି ଜାତୀୟସ୍ତରୀୟ ମାନ ନିର୍ଦ୍ଧାରକ ପରୀକ୍ଷାରେ କୃତକାର୍ଯ୍ୟ। ଏମିତିକି ଜଣେ ଜଣେ ଉପରୋକ୍ତ କଷ୍ଟସାଧ୍ୟ ପରୀକ୍ଷା କ୍ରମାନ୍ୱୟରେ ତିନିରୁ ପାଞ୍ଚଥର ଉତ୍ତୀର୍ଣ୍ଣ ହୋଇ ପ୍ରମାଣପତ୍ର ସହିତ ଅତିଥି ଅଧ୍ୟାପକ ସାକ୍ଷାତକାର ପାଇଁ ପହଞ୍ଚିଥା'ନ୍ତି। ତେଣୁ ଅନୁମାନ କରାଯାଇପାରେ, ଯୁବ ପିଢ଼ି ଅଧ୍ୟାପନା ପାଇଁ କେଉଁଭଳି ଭାବେ ନିଜକୁ ପ୍ରସ୍ତୁତ କରି ରଖିଛନ୍ତି। କିନ୍ତୁ ମହାବିଦ୍ୟାଳୟମାନଙ୍କରେ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇ ପଦବୀ ଖାଲି ପଡୁଛି।

ଅତିଥି ଅଧ୍ୟାପକ ଚୟନ ନିୟମିତ ସରକାରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ବେଳେ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ହୋଇ ନଥାଏ। ବରଂ ସେଠାରେ ପରିଚାଳନା ସମିତି ମାଧ୍ୟମରେ ନିର୍ଦ୍ଦିଷ୍ଟ ପ୍ରାର୍ଥୀ କାର୍ଯ୍ୟ କରିଥା'ନ୍ତି। ସରକାରୀ ମହାବିଦ୍ୟାଳୟରେ ପ୍ରାପ୍ୟ ବେସରକାରୀ ଅପେକ୍ଷା ଅଧିକ ଓ ଅନୁମୋଦିତ ହାରରେ ନିୟମିତ ମିଳୁଥିବାରୁ ସମସ୍ତଙ୍କର ପ୍ରଥମ ପସନ୍ଦ ସରକାରୀ ମହାବିଦ୍ୟାଳୟ ହୋଇଥାଏ। ଅନୁଦାନପ୍ରାପ୍ତ ଅନୁଷ୍ଠାନରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳେ। ବେସରକାରୀ ସେଲ୍ଫ ଫାଇନାନସିଂ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ପାଉଣା କଥା ଉଲ୍ଲେଖ ନକରିବା ଭଲ। ନବେ ଦଶକରେ ସରକାରୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଶ୍ରେଣୀ ପାଇଁ କ୍ଲାସ ପିଛା ୧୨୫ ଟଙ୍କା ଅତିଥି ଅଧ୍ୟାପକଙ୍କୁ ମିଳୁଥିବା ବେଳେ ଯୁକ୍ତ ତିନି ଶ୍ରେଣୀରେ ୨୦୦ ଟଙ୍କା ମିଳୁଥିଲା। ବର୍ତ୍ତମାନ ଏହା କ୍ଲାସ ପିଛା ୪୦୦ ଟଙ୍କା ଓ ୫୦୦ ଟଙ୍କାରେ ପହଞ୍ଚି ଥିବା ବେଳେ ସର୍ବାଧିକ ୫୦ଟି କ୍ଲାସ ପାଇଁ ୨୦, ୦୦୦ କିମ୍ବା ୨୫,୦୦୦ ଟଙ୍କାରେ ସୀମିତ। ସ୍ନାତକୋତ୍ତର ଶ୍ରେଣୀରେ ନିୟୋଜିତ ଅଧ୍ୟାପକମାନଙ୍କୁ କ୍ଲାସ ପିଛା ୧୦୦୦ ଟଙ୍କା ମିଳୁଥିବା ବେଳେ ୫୦ ଟି ସର୍ବାଧିକ କ୍ଲାସ ସହିତ ୫୦,୦୦୦ ଟଙ୍କା ଧାର୍ଯ୍ୟ ହୋଇଛି। ସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଅତିଥି ଅଧ୍ୟାପକଙ୍କ ନିମନ୍ତେ ସରକାର ବାର୍ଷିକ ୨୫-୩୦ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ସୂଚନା ମିଳିଛି।

ସୁଯୋଗ୍ୟ ଓ ଉଚ୍ଚ ଡିଗ୍ରୀ ଧାରୀ ଏହି ଅତିଥି ଅଧ୍ୟାପକମାନେ ସମାନ ଯୋଗ୍ୟତା ଥାଇ ମଧ୍ୟ ନିୟମିତ ଅଧ୍ୟାପକଙ୍କଠାରୁ ଢେର କମ ଦରମା ପାଇବା ବେଳେ ସେମାନଙ୍କ ପାଇଁ ଭାରତୀୟ ସମ୍ବିଧାନରେ କୁହାଯାଇଥିବା 'ସମାନ କାମକୁ ସମାନ ଦରମା' ଅପ୍ରାସଙ୍ଗିକ ମନେ ହୁଏ। ସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟ ଆରମ୍ଭ କରୁଥିବା ନିୟମିତ ଅଧ୍ୟାପକ ପ୍ରାୟ ୮୩,୦୦୦ ଟଙ୍କା କିମ୍ବା ଅନୁଦାନପ୍ରାପ୍ତ କଲେଜରେ ଏସ୍‌ଏସ୍‌ସି ଦ୍ୱାରା ଚୟନ ଅଧ୍ୟାପକ ୬୯,୦୦୦ ଟଙ୍କା ମାସିକ ଦରମା ପାଉଥିବା ବେଳେ ଅତିଥି ଅଧ୍ୟାପକମାନେ ଏହାର ଚାରି ଭାଗରୁ ଭାଗେ ପାଇ ସନ୍ତୁଷ୍ଟ ହେବାକୁ ପଡ଼େ। ସରକାର ଏତେ ସଂଖ୍ୟକ ଖାଲି ପଦବିକୁ ତ୍ୱରିତ ଓ ନିୟମିତ ପୂରଣ କରି ପାରିଲେ ଭବିଷ୍ୟତ ପିଢ଼ି ସ୍ୱାଚ୍ଛନ୍ଦ୍ୟରେ ରହି ସଂକଳ୍ପ ସହିତ ଅଧ୍ୟାପନା ଓ ଗବେଷଣାରେ ମନୋନିବେଶ କରିପାରନ୍ତେ। କିନ୍ତୁ ଚତୁର ଅର୍ଥନୀତିଜ୍ଞମାନେ ଜଣେ ନିୟମିତ ଅଧ୍ୟାପକଙ୍କ ସ୍ଥାନରେ ତିନି/ଚାରି ଜଣ ଅତିଥି ଅଧ୍ୟାପକଙ୍କୁ ନିୟୋଜିତ କରାଇ ସରକାରୀ ତହବିଲ ଉପରେ ବୋଝ ହାଲ୍‌କା କରି ସରକାରଙ୍କଠାରୁ ବାହାବା ନିଅନ୍ତି।

ସେହିପରି, ଅଣଶିକ୍ଷକ ପଦବୀରେ ମଧ୍ୟ ଅତିଥିଙ୍କ କଥା ନକହିଲେ ଭଲ। ଅଧିକାଂଶ କଲେଜରେ କିରାଣୀ, ଗ୍ରନ୍ଥାଗାରିକ, ପରୀକ୍ଷାଗାର ସହାୟକ, ଚତୁର୍ଥ ଶ୍ରେଣୀ କର୍ମଚାରୀ, ସଫେଇ କର୍ମଚାରୀ, ରାତ୍ରି ଜଗୁଆଳ, ଇତ୍ୟାଦି ନଥିବା ହେତୁ ନିୟମିତ କର୍ମଚାରୀ ସ୍ଥାନରେ ସରକାର ବାହ୍ୟ ସଂସ୍ଥା ଦ୍ୱାରା ଠିକା କର୍ମଚାରୀ ବା ଅତିଥି ନିୟୋଜିତ କରିଛନ୍ତି। ସେମାନେ ଦୈନିକ ଧାର୍ଯ୍ୟ ଅନୁସାରେ ପାରିଶ୍ରମିକ ନେଇଥା'ନ୍ତି, ଯାହା ମାସିକ ସର୍ବମୋଟ ୧୦,୦୦୦ ରୁ ୧୫,୦୦୦ (ବରିଷ୍ଠତା ଅନୁଯାୟୀ)ରେ ସୀମିତ। ଏପରି କର୍ମଚାରୀ ମହାବିଦ୍ୟାଳୟରେ କାର୍ଯ୍ୟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଯାହାକୁ 'ଜୀବନ ରେଖା' ଆଖ୍ୟା ଦିଆଯାଇପାରେ।

ଅତିଥି ଅଧ୍ୟାପକଙ୍କର କୌଣସି ସଂଘ ଗଠନ ନହୋଇ ସେମାନଙ୍କ ସମସ୍ୟା ସରକାରଙ୍କ ବିଚାର ପାଇଁ ଉପସ୍ଥାପିତ ହୋଇପାରେ ନାହିଁ। ଅଣଶିକ୍ଷକ କର୍ମଚାରୀ ଇତିମଧ୍ୟରେ ପରିଣତ ବୟସ ଅତିକ୍ରମ କରିବାକୁ ବସିଲେଣି। ସରକାର ପରେ ସରକାର ବଦଳୁଛନ୍ତି କିନ୍ତୁ ଅତିଥି ଅଧ୍ୟାପକ ଓ ଅତିଥି କର୍ମଚାରୀମାନଙ୍କର ସ୍ୱପ୍ନ ଅଧୁରା ରହିଯାଇଛି

ଭୁବନେଶ୍ୱର, ମୋ: ୯୪୩୭୧୩୪୨୩୦

## ଗୋ-ସୁରକ୍ଷା ଓ ଗୋ-ଅର୍ଥନୀତି

ସ୍ମୃତିରେଖା ମହାକୁଡ଼

ଅନାଦି କାଳରୁ ଗୋମାତା ସହିତ ଭାରତୀୟମାନଙ୍କର ଆଧ୍ୟାତ୍ମିକ ଚିନ୍ତନ ଯୋଡ଼ି ହୋଇ ରହିଛି। ମାନବର ଶ୍ରେଷ୍ଠ ପୂଜା ଗୋମାତା ସେବା। ଗୋମାତା ଜଗତର ଜନନୀ, ସର୍ବବେଦମୟୀ, ସର୍ବଦେବମୟୀ। ଶାସ୍ତ୍ରାନୁଯାୟୀ ଗୋମାତାଙ୍କର ପୃଷ୍ଠରେ ବ୍ରହ୍ମା, ଗଳାରେ ବିଷ୍ଣୁ, ମୁଖରେ ରୁଦ୍ର, ଶରୀରରେ ସମସ୍ତ ଦେବତା, ଲୋମକୂପରେ ସମସ୍ତ ବୈଦିକ ମହର୍ଷି, ଲାଞ୍ଜରେ ନାଗଦେବତା, ଖୁରାରେ ଅଷ୍ଟକୂଳାଚଳ, ମୂତ୍ରରେ ଗଙ୍ଗା, ଦୁଇ ଆଖିରେ ଚନ୍ଦ୍ର ଓ ସୂର୍ଯ୍ୟ ବିରାଜମାନ କରିଥା'ନ୍ତି। ଏଥିରୁ ହିନ୍ଦୁଧର୍ମ ଧାରଣାରେ ଗୋମାତାଙ୍କ ସ୍ଥାନ ଅନୁମେୟ।

ଏବେ କିନ୍ତୁ ଗୋସମ୍ପଦର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉ ଗୋମାତା ଜୀବନସାରା ଅମୃତ ତୁଲ୍ୟ କ୍ଷୀର ଦେଇ ଆମର ପୁଷ୍ଟିବର୍ଦ୍ଧନ କଲା, ବୁଢ଼ୀ ହେଲା ପରେ ଅର୍ଥଲୋଭରେ କଂସେଇଖାନାକୁ ପଠାଇ ଦିଆଗଲା। ଆଧୁନିକତା ଆଳରେ କୁକୁର ପାଳିବାକୁ ସମସ୍ତେ ଇଚ୍ଛୁକ। ହଜାର ହଜାର ଟଙ୍କା କୁକୁର ପାଇଁ ଖର୍ଚ୍ଚ କରାଯାଉଛି। ଖଟ ଉପରେ କୁକୁର ଶୋଉଛି। ମାତ୍ର ଗୋମାତା ରାତିଅଧରେ ରାସ୍ତାରେ ବୁଲି ଟ୍ରକ୍ ଚାପାରେ ଜୀବନ ଯାଉଛି। ରାସ୍ତାକଡ଼ରେ ଅଖାଦ୍ୟ ଖାଇ ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡୁଛି। ମାଲିକମାନେ ଗୋରୁଗାଈଙ୍କଠାରୁ ଉପକାର ଶୋଷି ନେଇ ସିଠା ଭଳି ସେମାନଙ୍କୁ ପରିତ୍ୟାଗ କରିବା ଅତ୍ୟନ୍ତ ଅନୈତିକ। ଉଦୁଉଦିଆ ଖରାବେଳେ ରାସ୍ତାପାର୍ଶ୍ୱ ବିଲରେ ଗାଈକୁ ଖୁଣ୍ଟ ପୋତି ବନ୍ଧା ଯାଇଥିବ। ତା'କୁ ଶୋଷ ଲାଗୁଥିବ, ଅଥଚ ପାଣି ଟୋପେ ମଧ୍ୟ ପାଉ ନଥିବ।

ଜର୍ମାନ୍ ବୈଜ୍ଞାନିକ ଡ. ଜୋସିସ୍ ବେଲଟି ତାଙ୍କ ଲିଖିତ ପୁସ୍ତକରେ ଅତି ମହତ୍ତ୍ୱପୂର୍ଣ୍ଣ କଥା କହିଛନ୍ତି। ତାଙ୍କ ମତରେ ଭାରତର ଗ୍ରାମାଞ୍ଚଳର ପଶୁଧନ ଲୋପ ପାଇଗଲେ ପ୍ରାୟ ୧୦ ରୁ ୨୦ କୋଟି ଲୋକ ସହରକୁ ପଳାୟନ କରିବେ। ତେଣୁ ପ୍ରତ୍ୟେକ ପ୍ରାନ୍ତରେ, ବ୍ଲକ୍ ସ୍ତରରେ, ଜିଲ୍ଲାରେ ଗୋମାତା ପରିକ୍ଷଣ କେନ୍ଦ୍ରମାନ ପ୍ରତିଷ୍ଠା ହେବା ଆବଶ୍ୟକ। ସେଠାରେ ଗୋପାଳନ, ଗୋସମ୍ବର୍ଦ୍ଧନା, ଗୋଚିକିତ୍ସା, ଗୋଶକ୍ତି, ପଞ୍ଚଗବ୍ୟରୁ ଭିନ୍ନ ଭିନ୍ନ ଉତ୍ପାଦନ ପ୍ରସ୍ତୁତ, ପଞ୍ଚଗବ୍ୟ ଦ୍ୱାରା ଚିକିତ୍ସା, ପଞ୍ଚଗବ୍ୟ ଉତ୍ପାଦନଗୁଡ଼ିକର ବିକ୍ରୟ, ଗୋରକ୍ଷା, ଗୋକଥାର ଆୟୋଜନ, ଗୋବିଜ୍ଞାନ ପରୀକ୍ଷା ବିଷୟଗୁଡ଼ିକର ପ୍ରଶିକ୍ଷଣ ଦେବା ବ୍ୟବସ୍ଥା ରହିଲେ ସମାଜର ପ୍ରତିଟି ବ୍ୟକ୍ତି ଗାଈର ଉପାଦେୟତା ସମ୍ପର୍କରେ ଅବଗତ ହୋଇପାରିବେ। ଯୁଗଯୁଗ ଧରି ଗୋମାତା ମନୁଷ୍ୟର ଆର୍ଥିକ, ଶାରୀରିକ ଓ ଆଧ୍ୟାତ୍ମିକ ବିକାଶରେ ସାହାଯ୍ୟ କରିଆସିଛି। ନିଜର କୋଡ଼ିଏ ବର୍ଷ ଜୀବନକାଳ ଭିତରେ ଗୋଟିଏ ଗାଈ ମନୁଷ୍ୟକୁ କ୍ଷୀର ଓ ଅନେକ କିସମର ଗୋଉତ୍ପାଦ ପ୍ରଦାନ କରିଥାଏ।

ଗାଈ କ୍ଷୀରରେ ଭିଟାମିନ୍ - ଏ, ବି, ସି, ଡି, ଇ ର ଉପଯୁକ୍ତ ପରିମାଣ ରହିଥିବା ହେତୁ ଏହା ପାନକଲେ ଶରୀର ଶକ୍ତିଶାଳୀ ହୁଏ। ଶିଶୁଟି ଜନ୍ମ ହେଲେ ଜାତକର୍ମ ସଂସ୍କାର ସମୟରେ ସୁନାର କାଠିରେ ମହୁ, ଘିଅ ଶିଶୁକୁ ଚଟାଇଲେ ପିଲାର ସ୍ୱର ମଧୁର ହେବା ସହିତ ସ୍ମୃତିଶକ୍ତିର ବିକାଶ ହୋଇଥାଏ। ଗାଈର ଲହୁଣୀ ମଧ୍ୟ ହିତକାରୀ, ବଳବର୍ଦ୍ଧକ ଏବଂ ବାତ, ପିତ୍ତ ଓ ରକ୍ତ ବିକାରକ୍ଷୟ, ମଳକଣ୍ଟକ, ପକ୍ଷାଘାତ ଆରୋଗ୍ୟକାରକ। ଗୋମୂତ୍ର, ହୃଦରୋଗ, ଶ୍ୱାସ, ପ୍ରମେହ, ମଧୁମେହ, ଅଜୀର୍ଣ୍ଣ ଏବଂ ଜଳୋଦର ରୋଗ ପାଇଁ ଅବ୍ୟର୍ଥ। ଲକ୍ଷ୍ନୌସ୍ଥିତ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚରେ ଗୋମୂତ୍ରରେ କର୍କଟ ଓ ଅନ୍ୟାନ୍ୟ ରୋଗର ଚିକିତ୍ସା ସମ୍ଭବ ବୋଲି ପ୍ରମାଣିତ ହୋଇଛି। ରଘୁବଂଶରେ ଗୋମାତା ନନ୍ଦିନୀଙ୍କର ମୂତ୍ରରେ ରାଜା ରଘୁ ଦିବ୍ୟଦୃଷ୍ଟି ପାଇଥିବା କଥା କୁହାଯାଇଛି। ବୈଜ୍ଞାନିକମାନେ ଗୋବରରେ ଷୋହଳ ପ୍ରକାର ଏବଂ ଗୋମୂତ୍ରରେ ଚବିଶ ପ୍ରକାର ଖଣିଜ ତତ୍ତ୍ୱ ଲବଣ ରସାୟନ ଥିବା କହିଛନ୍ତି, ଯାହାକି କୃଷି କାର୍ଯ୍ୟ ପାଇଁ ଅସୀମ ଲାଭପ୍ରଦ।

ଗୁଜୁରାଟ ଭଳି ସବୁ ରାଜ୍ୟରେ ଗୋଅଭୟାରଣ୍ୟର ଆବଶ୍ୟକତା ରହିଛି। ଓଡ଼ିଶାରେ ବିଂଝାରପୁରୀ, ଘୁମୁସୁରି, ଖରିଆର ଓ ମୋଟୁ ଆଦି ଅଞ୍ଚଳରେ ଥିବା ଦେଶୀ ଗାଈଗୁଡ଼ିକର ଯଦି ଉପଯୁକ୍ତ ଯତ୍ନ ନିଆଯା'ନ୍ତା ସେମାନେ ଅଧିକ କ୍ଷୀର ଦିଅନ୍ତେ। ଆନ୍ଧ୍ରପ୍ରଦେଶର ଚିତୁର ଜିଲ୍ଲାରେ ପୁଙ୍ଗନୁର ଗାଈ ଆକାରରେ ଛୋଟ ଦେଖାଯା'ନ୍ତି। ଏମାନେ ଦିନକୁ ୪ଲିଟର ଯାଏ କ୍ଷୀର ଦେଇଥା'ନ୍ତି। ଓଡ଼ିଶାର ଗୋପାଳକମାନେ ଏହାକୁ ପାଳି ମଧ୍ୟ ଲାଭବାନ ହୋଇପାରିବେ। ଓଡ଼ିଶାର ଗୋଧନର ବିକାଶ ହେଲେ ରାଜ୍ୟର ଆର୍ଥିକ ଓ ସାମୂହିକ ବିକାଶରେ ସହାୟକ ହେବ। ଗୋପାଳନ ପାଇଁ ଉତ୍ତମ ଗୋଖାଦ୍ୟ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ସବୁଜ ଘାସ ସକାଶେ ନିର୍ଦ୍ଦିଷ୍ଟ ଭାବେ ଘାସ ଚାଷକୁ ପ୍ରୋତ୍ସାହନ କରାଯିବା ଉଚିତ୍ ଏବଂ ତା' ସହିତ ଗୋଖାଦ୍ୟରେ ମକା, ଗହମ, ବାଜରା, ସାଇଲେଜ (ମକା ଆଚାର), ବାଦାମ, ପିଡ଼ିଆ, ସୋରିଷ ପିଡ଼ିଆ, ମୁଗଚୁନି ଇତ୍ୟାଦି ଅନ୍ତର୍ଭୁକ୍ତ ହେବା ଜରୁରୀ। ପିଡିଏସ୍ ବ୍ୟବସ୍ଥାରେ ଚାଉଳ ଯୋଗାଇ ଦିଆଯାଉଥିବା ଭଳି ଗୋଖାଦ୍ୟକୁ ଅତି ସୁବିଧା ଦରରେ ଯୋଗାଇ ଦିଆଯିବା ଉଚିତ୍। ମକାଗଜା କାରଖାନା ବସାଇବାକୁ ବା ଘାସ ଚାଷ କରିବାରେ ରିହାତି ବ୍ୟବସ୍ଥା ମିଳିବା ଆବଶ୍ୟକ। ଛତିଶଗଡ଼ରେ ଏକ ସରକାରୀ ଯୋଜନା ଭାବେ କ୍ଷୀର, ମୂତ୍ର ଓ ଗୋବରକୁ ଉଚ୍ଚ ଦାମରେ କିଣାଯାଉଛି। ଆମ ରାଜ୍ୟ ସରକାର ମଧ୍ୟ ସେଭଳି କିଛି ପଦକ୍ଷେପ ନେଲେ ଚାଷୀ ଅଧିକ ଲାଭପ୍ରଦ ହୁଅନ୍ତା।

ଗୋଚେତନା ଆମ ହୃଦୟରେ ଭକ୍ତି ଓ ମନରେ କର୍ମପ୍ରବୃତ୍ତି ସୃଷ୍ଟି କରୁ। ଗୋସେବାରେ ନିଜକୁ ନିୟୋଜିତ ପାଇଁ ପ୍ରତିଜ୍ଞାବଦ୍ଧ ହେବା। ଗୋମାତା ସେବା ଜଗତର ସେବା। ସେବା ଅର୍ଥ ନୁହେଁ ଚନ୍ଦନ, ତୁଳସୀ ଦେଇ ପୂଜା କରିବା। ଦୁସ୍ଥ ଗୋମାତାଟିଏ ଯେଉଠି ଦେଖିବା ତା'ର ଯତ୍ନ ନେବା, ସୁରକ୍ଷା ଦେବା। ରାସ୍ତାରେ ବୁଲୁଥିବା ଗୋରୁଗାଈମାନଙ୍କୁ ଗୋଶାଳାରେ ରଖିବାର ବ୍ୟବସ୍ଥା କରିବା। ଗୋ-ଆଧାରିତ ଜୈବିକ କୃଷିକାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିବା। ଆମ ସରକାର ଗୋରକ୍ଷା ଆଇନର ସଂଶୋଧନ କରି ଅପରାଧର ଦଣ୍ଡକୁ ଅଧିକ କଠୋର କରିବା ଆବଶ୍ୟକ। ଦେଶକୁ ରୋଗରୁ ବଞ୍ଚେଇବାକୁ ଏବଂ ସାତ୍ତ୍ୱିକ ବିଚାରଧାରା ସଞ୍ଚାର କରିବା ପାଇଁ ଭାରତୀୟ ଗୋବଂଶର ସଂରକ୍ଷଣ କରିବାକୁ ପଡ଼ିବ। ନଚେତ୍ ମରିସସ୍ ଭୂଇଁରୁ ଡୋଡୋର ବଂଶ ଲୋପ ପାଇ କାଲ୍‌ଭେରିଆ କାନ୍ଦିଲା ପରି ଗୋମାତାର ଆଖି ଲୁହରେ ଅଭିଶପ୍ତ ପାଲଟିଯିବା।

ବାସୁଦେବପୁର(ଭଦ୍ରକ), ମୋ: ୯୧୨୪୮୦୦୯୯୬

## ସଗୋତ୍ର ବିବାହ: ରୁଗ୍‌ଣ ସନ୍ତାନ!

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ବିବାହ ଏକ ଅତି ଗୁରୁତ୍ୱପୂର୍ଣ୍ଣ ସାମାଜିକ ଅନୁଷ୍ଠାନ। ଭାରତୀୟ ପରମ୍ପରା ଅନୁସାରେ ଏହା କେବଳ ଜଣେ ନାରୀ ଓ ପୁରୁଷ ମଧ୍ୟରେ ନୁହେଁ, ବରଂ ନିର୍ଦ୍ଦିଷ୍ଟଭାବେ ଦୁଇଟି ପରିବାର ମଧ୍ୟରେ ଏବଂ ସାଧାରଣ ଭାବେ ଦୁଇଟି ଜ୍ଞାତି–କୁଟୁମ୍ବ ମଧ୍ୟରେ ସମ୍ପର୍କର ସେତୁବନ୍ଧ ପ୍ରତିଷ୍ଠା କରିଥାଏ। ସେଥିପାଇଁ ପ୍ରସ୍ତୁତ ହୋଇଛି କେତେକ ବିଧିବିଧାନ। ସ୍ଥାନ-କାଳ-ପାତ୍ର ଅନୁସାରେ ଏହା କିଛିମାତ୍ରରେ ଭିନ୍ନ ଭିନ୍ନ ହେଲେ ହେଁ ଗୋଟିଏ ପକ୍ଷରେ ଅନ୍ୟ ଜାତିରେ ବିବାହ ଏବଂ ଅନ୍ୟପକ୍ଷରେ ସମଗୋତ୍ରରେ ବିବାହ ଉପରେ ପ୍ରତିବନ୍ଧକ ଅନେକ ସ୍ଥାନରେ ଦେଖାଯାଏ। ଏଥିମଧ୍ୟରୁ ପ୍ରଥମଟି ସଂକୀର୍ଣ୍ଣ ଜାତିଆଣ ମନୋଭାବ ଉପରେ ପର୍ଯ୍ୟବସିତ ଥିଲା ବେଳେ ସମଗୋତ୍ରଧାରୀଙ୍କ ପୂର୍ବପୁରୁଷମାନେ ଗୋଟିଏ ସଂପ୍ରଦାୟର ଏବଂ ରକ୍ତ ସମ୍ପର୍କୀୟ ବୋଲି ବିବେଚନା କରାଯାଉଥିବାରୁ ସେମାନଙ୍କ ମଧ୍ୟରେ ପତି-ପତ୍ନୀ ସଂପର୍କ ସ୍ଥାପନ ନୈତିକତା ଦୃଷ୍ଟିରୁ ଅସମୀଚୀନ ବୋଲି ପରିଗଣିତ ହୁଏ।

ବ୍ରିଟିଶ୍ ବୈଜ୍ଞାନିକ ଡକ୍ଟର ଇଆମୋନ୍ ଶେରିଦାନ୍ ଏବଂ ତାଙ୍କ ସହଯୋଗୀମାନେ ଇଂଲଣ୍ଡର ବ୍ରାଡ୍‌ଫୋର୍ଡଠାରେ ବାସ କରୁଥିବା ପାକିସ୍ତାନୀ ବଂଶୋଦ୍‌ଭବମାନଙ୍କ ପିଲାଙ୍କ ଉପରେ ଗବେଷଣା କରି ଜାଣିବାକୁ ପାଇଲେ ଯେ ଏହି ସଂପ୍ରଦାୟର ଲୋକେ ସାଧାରଣତଃ ନିକଟ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ କରିଥା'ନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଲେ କକା କିମ୍ବା ମାମୁଁଙ୍କର ପୁଅଝିଅ। ଶେରିଦାନ୍‌ଙ୍କ ଟିମ୍ ଏହି ସଂପ୍ରଦାୟର ସମାନ ଦୈନନ୍ଦିନ ଜୀବନଶୈଳୀ ଅନୁସରଣ କରୁଥିବା ପିଲାମାନଙ୍କୁ ହିଁ କେବଳ ତାଙ୍କ ଅଧ୍ୟୟନରେ ଅନ୍ତର୍ଭୁକ୍ତ କରିଥିଲେ। ଫଳରେ ଦେଖାଗଲା ଯେ ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ କରିଥିବା ପିତା-ମାତାଙ୍କ ପିଲାମାନଙ୍କଠାରେ ବିବିଧ ପ୍ରକାର ହୃଦ୍‌ରୋଗ, ସ୍ନାୟବିକ ଅବ୍ୟବସ୍ଥା, ଅଙ୍ଗ-ପ୍ରତ୍ୟଙ୍ଗ ଗଠନ ଓ କାର୍ଯ୍ୟରେ ଅସ୍ୱାଭାବିକତା ଆଦି ଜନ୍ମଗତ ସମସ୍ୟାମାନ ଅଧିକ। ଅତଏବ ଏହା ତାହାର ମୁଖ୍ୟ କାରଣ ବୋଲି ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ। ଜୁଲାଇ ୨୦୨୩ରେ ସ୍ୱନାମଧନ୍ୟ ସ୍ୱାସ୍ଥ୍ୟବିଜ୍ଞାନ ପତ୍ରିକା 'ଲାନ୍‌ସେଟ୍'ରେ ପ୍ରକାଶିତ ଏକ ନିବନ୍ଧରେ ଉଲ୍ଲେଖ ଅଛି ଯେ ଗୋଟିଏ ସଂପ୍ରଦାୟ ମଧ୍ୟରେ କୌଣସି ଏକ ରୋଗ ସଂପୃକ୍ତ ଗୋଟିଏ ପ୍ରକାର ତ୍ରୁଟିଯୁକ୍ତ ଜିନ୍ ଅନେକଙ୍କଠାରେ ଥାଏ। ଏଣୁ ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ କଲେ ଉଭୟ ସ୍ୱାମୀ ଓ ସ୍ତ୍ରୀ ତା'ର ଅଧିକାରୀ ହେବାର ଏବଂ ତାଙ୍କ ସନ୍ତାନ-ସନ୍ତତି ତହିଁରୁ ଦୁଇଟି ଲେଖାଏଁ ପ୍ରାପ୍ତ ହେବାର ଆଶଙ୍କା ଅଧିକ। ଫଳରେ ସେମାନେ ଏଥିସହିତ ସଂପୃକ୍ତି ଜୀନୀୟ ବ୍ୟାଧିରେ ପୀଡ଼ିତ ହେବାର ଆଶଙ୍କା ମଧ୍ୟ ତଦନୁଯାୟୀ ଅଧିକ ହେବା ସ୍ୱାଭାବିକ। ଅନ୍ୟପକ୍ଷରେ, ଆନ୍ତ-ସଂପ୍ରଦାୟ ବିବାହରେ ଏହା ବେଶ୍‌କମ୍।

ଜେରୁଜେଲମ୍‌ରେ ବାସ କରୁଥିବା ଆରବୀୟ, ଜିପସ୍, ପାର୍ସି ଏବଂ କେତେକ ଦକ୍ଷିଣଭାରତୀୟଙ୍କ ଭଳି ରକ୍ତସମ୍ପର୍କୀୟଙ୍କ ମଧ୍ୟରେ ବିବାହ ପରମ୍ପରା ଥିବା ସଂପ୍ରଦାୟଙ୍କ ମଧ୍ୟରେ ଏହି ଅଧ୍ୟୟନ କରାଯାଇଛି। ସେ ସମସ୍ତ କ୍ଷେତ୍ରରେ ମିଳିଛି ସେହି ଗୋଟିଏ ପ୍ରକାର ଫଳାଫଳ। ହାଇଦ୍ରାବାଦସ୍ଥିତ 'ଇନଷ୍ଟିଚ୍ୟୁଟ୍ ଅଫ୍ ଜେନେଟିକସ୍'ର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଏ. ଜ୍ୟୋତି ଏବଂ ତାଙ୍କ ସହଯୋଗୀମାନେ ୨୦୨୦ରେ ବିପଦ ଆଶଙ୍କା ଥିବା ପ୍ରାୟ ସାଢ଼େ ତିନିହଜାର ଗର୍ଭବତୀଙ୍କୁ ପରୀକ୍ଷା ପରିସରଭୁକ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୧୫ ଶତାଂଶଙ୍କଠାରେ ଜିନୀୟ ତ୍ରୁଟି ଏବଂ ତହିଁର ପ୍ରାୟ ୪୦ ଶତାଂଶଙ୍କର ରକ୍ତସମ୍ପର୍କୀୟ ବିବାହ ଇତିହାସ ଥିବାର ଜଣାପଡିଥିଲା। ଏମାନଙ୍କ କ୍ଷେତ୍ରରେ ବାରମ୍ବାର ଗର୍ଭପାତ, ଗର୍ଭାଶୟରେ ଭ୍ରୂଣମୃତ୍ୟୁ, ମୃତ ସନ୍ତାନ ସନ୍ତତିଙ୍କଠାରେ ଜୀନୀୟ ତ୍ରୁଟିମାନ ଅଧିକ ଥିବାର ଦେଖାଯାଇଥିଲା। ତତ୍ପରେ ସେମାନେ ଏ ଅଧ୍ୟୟନକୁ ବ୍ୟାପକ କରି ରକ୍ତସମ୍ପର୍କୀୟଙ୍କ ମଧ୍ୟରେ ବିବାହ କରିଥିବା ପ୍ରାୟ ୧୫ ହଜାର ମହିଳା ଏବଂ ତାଙ୍କ ଜନ୍ମିତ ଶିଶୁଙ୍କୁ ପରୀକ୍ଷା କରିଥିଲେ। ଏଥିରୁ ତାଙ୍କୁ ସେହି ଏକାପ୍ରକାର ଫଳାଫଳ ମିଳିଥିଲା।

ଏ ସବୁ ବିଚାରକୁ ନେଇ ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ସମଗୋତ୍ରୀ ବା ରକ୍ତସଂପର୍କୀୟଙ୍କ ମଧ୍ୟରେ ବିବାହ ବାରଣ ଜିନୀୟ ଦୂରତ୍ୱ ରକ୍ଷା କରିଥାଏ ଏବଂ ପରିଣାମରେ ତାହା ଜନ୍ମଗତ ତ୍ରୁଟିଯୁକ୍ତ ସନ୍ତାନ – ସନ୍ତତି ଜନ୍ମ ଦେବାର ଆଶଙ୍କାକୁ ହ୍ରାସ କରିଥାଏ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରଥଖଳାରୁ...

# ରଥ ଚାଳିରେ ପଡ଼ିଲା ଗରଗରା କାଠ



ପୁରୀ, ୨୬।୫ (ସମିସ): ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତଗତିରେ ଆଗେଇ ଚାଲିଛି । ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ । ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣକାରୀ କାମକୁ ଗତିଶୀଳ କରିଛନ୍ତି । ସୋମବାର ସୁଦ୍ଧା ତିନିରଥର ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୩୯ଟି ଚକ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବାକି ୩ଟି ମଙ୍ଗଳବାର ସୁଦ୍ଧା ପ୍ରସ୍ତୁତ ହୋଇଯିବ । ଭୋଇ ସେବକମାନେ ପ୍ରତି ରଥ ଚାଳିକୁ ୨ଟି ବ୍ରେକ୍ ଅଖ ଏବଂ ୩ଟି ଲେଖାଏଁ ପଞ୍ଚଦଣ୍ଡା ନିର୍ମାଣ ପାଇଁ କାଠ ଯୋଗାଇ ଦେଇଛନ୍ତି । ସେହିପରି ପ୍ରତି ରଥ ପାଇଁ ୨ଟି ଲେଖାଏଁ ଗରଗରା କାଠ (୨୦ ଫୁଟିଆ ଧଉରା) ଦେଇଛନ୍ତି । ସେହିପରି ତିନିରଥର ରଥଭୂଇଁ ଚଉତା କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରତ୍ୟେକ ରଥର ୮ଟି ଲେଖାଏଁ ୨୦ ଫୁଟିଆ ୧୪ ନହାକାର ଚଉପଟ ପରେ ସେଥିରେ ଆଠକଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରୂପକାର ସେବକମାନେ ଗୁଜଗୁଡ଼ିକରେ ସିଂହବିରାଳ ରୂପ ଖୋଦେଇ ସହ ଏଥିରେ ଅଳଙ୍କାର ପକାଇ ଏହାକୁ ପଲିସ୍ କରୁଛନ୍ତି । ଦାଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଘଡ଼ି ମୁହଁ ଦଣ୍ଡାକଣ୍ଟା, ଦଣ୍ଡା ବିଡ଼ିଆ କଣ୍ଟା, ଅଗ ପାତେଳି କଣ୍ଟା ନିର୍ମାଣ ଜାରି ରଖିଛନ୍ତି । ଦୋଳବେଦୀଠାରେ ପାହି ମହାରଣା ସ୍ନାନ ଯାତ୍ରା ଏବଂ ରଥଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣମାନ ତିଆରି କରୁଛନ୍ତି ।

## ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଗଜପତିଙ୍କ ପ୍ରତିକ୍ରିୟା

# 'ଇସ୍କନ ରାଜି ନ ହେଲେ ବିକଳ୍ପ ଚିନ୍ତା କରିବାକୁ ପଡ଼ିବ'

ପୁରୀ,୨୬।୫(ସମିସ): ଦେଶ ବାହାରେ ଇସ୍କନ୍‌ର ଅଦିନିଆ ରଥଯାତ୍ରାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହଦେବ । ସେ କହିଛନ୍ତି, ଭାରତ ଭିତରେ ଶ୍ରୀକ୍ଷେତ୍ର ପୁରୀ ପରମ୍ପରା ଅନୁସାରେ ଇସ୍କନ୍ ରଥଯାତ୍ରା କରିବ ବୋଲି ୨୦୨୧ରେ ରାଜି ହୋଇଛି । କିନ୍ତୁ, ଦେଶ ବାହାରେ ସେମାନେ ରାଜି ହୋଇନାହାନ୍ତି । ଭାରତ ବାହାରେ ମଧ୍ୟ ଶ୍ରୀମନ୍ଦିର ପରମ୍ପରା ଅନୁସାରେ ରଥଯାତ୍ରା କରିବା ପାଇଁ ପଶ୍ଚିମବଙ୍ଗ ମାୟାପୁରୀରେ ଥିବା ମୁଖ୍ୟ କାର୍ଯ୍ୟାଳୟ ସହ ୨୦୨୪ ଡିସେମ୍ବର ୨ରେ ଶ୍ରୀନଅରରେ ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର ତରଫରୁ ଯାହା ଶାସ୍ତ୍ରୀୟ ପ୍ରମାଣ ଅଛି, ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଭୁବନେଶ୍ୱରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଇସ୍କନର ପଣ୍ଡିତମାନେ ସେମାନଙ୍କ ତଥ୍ୟ ରଖିଛନ୍ତି । ସେମାନଙ୍କ ମତର ଉତ୍ତର ଆମ ପଣ୍ଡିତମାନେ ପ୍ରସ୍ତୁତ କରୁଛନ୍ତି । ଅତିଶୀଘ୍ର ପୂର୍ଣ୍ଣାଙ୍ଗ ଭାବେ ସେମାନଙ୍କ ମତକୁ ଖଣ୍ଡନ କରି ଶ୍ରୀମନ୍ଦିର ପକ୍ଷରୁ ଇସ୍କନକୁ ତଥ୍ୟ ପ୍ରଦାନ କରାଯିବ । ସମସ୍ତ ତଥ୍ୟ ଇସ୍କନକୁ ଦିଆଯିବା ପରେ ସେମାନେ ଆମ ପରମ୍ପରାକୁ ପାଳନ କରିବେ ବୋଲି ଆଶା କରାଯାଉଛି । ସମଗ୍ର ବିଶ୍ୱରେ ଗୋଟିଏ ପରମ୍ପରା ଅନୁସାରେ ମହାପ୍ରଭୁଙ୍କ ସଂସ୍କୃତି ପ୍ରଚାର ହୋଇପାରିବ । ଯଦି ସେମାନେ ରାଜି ହୁଅନ୍ତି ନାହିଁ, ଆମକୁ ବିକଳ୍ପ ଚିନ୍ତା କରିବାକୁ ପଡ଼ିବ । କିନ୍ତୁ ପରସ୍ପର ପ୍ରେମ ଓ ଭକ୍ତିର ସହ ଏହାର ସମାଧାନ କରିବା ପାଇଁ ଆମେ ଚାହୁଁଛୁ । ଆପୋଷ ବୁଝାମଣାରେ ହିଁ ଏହାର ସମାଧାନ ହୋଇପାରିବ ବୋଲି ଗଜପତି ମହାରାଜା କହିଛନ୍ତି ।

# 'ଦୀଘା ମନ୍ଦିରରୁ ଧାମ ଶବ୍ଦ ହଟୁ'

ପୁରୀ, ୨୬।୫ (ସମିସ): ଦୀଘା ଜଗନ୍ନାଥଧାମ ନାମକରଣ ପରମ୍ପରା ଓ ସଂସ୍କୃତି ବିରୋଧୀ । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ ପରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହଦେବ । ଗଜପତି ମହାରାଜା କହିଛନ୍ତି, ଦୀଘାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ତଥା 'ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର' ଭାବେ ନାମିତ କରାଯିବା ସମସ୍ତଙ୍କୁ ବ୍ୟଥିତ କରିଛି । ଜଗନ୍ନାଥ ଧାମ କହିଲେ କେବଳ ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର ପୁରୀକୁ ବୁଝାଏ । ନୀଳାଚଳ ଧାମ, ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ପୁରୁଷୋତ୍ତମ କ୍ଷେତ୍ର, ଜଗନ୍ନାଥ ଧାମ; ଏହା କେବଳ ଶ୍ରୀଜଗନ୍ନାଥ ପୁରୀକୁ ହିଁ ବୁଝାଇବ । ବିଶ୍ୱରେ ଅନେକ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଛି । କିନ୍ତୁ ଏଭଳି ନାମକରଣ କେହି କରିନାହାନ୍ତି । ଏହା ଶୁଣିବା ପରେ ସଙ୍ଗେସଙ୍ଗେ ମୁକ୍ତିମଣ୍ଡପର ପରାମର୍ଶ ନେଇଥିଲୁ । ଶଙ୍କରାଚାର୍ଯ୍ୟ ମଧ୍ୟ ତାଙ୍କ ପ୍ରତିକ୍ରିୟା ଦେଇସାରିଛନ୍ତି, କେବଳ ଶ୍ରୀକ୍ଷେତ୍ର ପୁରୀ ହେଉଛି ଜଗନ୍ନାଥ ଧାମ । ବିଶ୍ୱରେ ଆଉ କେଉଁ ସ୍ଥାନକୁ ଜଗନ୍ନାଥ ଧାମ ଆଖ୍ୟା ଦିଆଯାଇପାରିବ ନାହିଁ । ଆମ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ସେଠାକାର ସରକାରଙ୍କ ନିର୍ଦ୍ଦେଶରେ ହିଁ ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ନାମକରଣ କରାଯାଇଛି । ତେବେ, ଶ୍ରୀଜଗନ୍ନାଥ ଧାମ ଶବ୍ଦ ଯେଭଳି ଦୀଘା ମନ୍ଦିରରୁ ତୁରନ୍ତ ହଟିବ, ସେନେଇ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଇସ୍କନ୍ ସଂସ୍ଥାକୁ ସେବାପୂଜା ଦାୟିତ୍ୱ ଦିଆଯାଇଛି । ସେମାନେ ବ ଜାଣିଛନ୍ତି ଜଗନ୍ନାଥଧାମ ପୁରୀ । ହେଲେ, ଆଶ୍ଚର୍ଯ୍ୟ ଲାଗୁଛି, ସେମାନେ କିପରି ଏଥିରେ ଆପତ୍ତି କରିନାହାନ୍ତି । ଏହା ଚିନ୍ତାର ବିଷୟ । ମହାପ୍ରଭୁଙ୍କ ପରମ୍ପରାକୁ ବିକୃତ ଓ ଉଲ୍ଲଂଘନ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି ଗଜପତି ମହାରାଜା ।

# ଟଙ୍କା ପାଇଁ ବାଜିରେ ଲାଗୁଛି ପର୍ଯ୍ୟଟକଙ୍କ ଜୀବନ

ପୁରୀ, ୨୬।୫(ସମିସ): ଟଙ୍କା ଆଗ, ଜୀବନ ପଛ । ଏମିତି ନ୍ୟାୟରେ ଏବେ ପୁରୀ ସମୁଦ୍ରରେ ଚାଲିଛି ଜଳକ୍ରୀଡ଼ା । ଟଙ୍କା ପାଇଁ ପର୍ଯ୍ୟଟକଙ୍କ ଜୀବନକୁ ବାଜିରେ ଲଗାଯାଉଛି । ସମୁଦ୍ର ଅଶାନ୍ତ ଥିବା ବେଳେ ପର୍ଯ୍ୟଟକଙ୍କୁ ସ୍ପିଡ୍ ବୋଟ୍‌ରେ ଭିତରକୁ ନିଆଯାଉଛି । ଯେଉଁଥିପାଇଁ ଗତ ଶନିବାର ସମୁଦ୍ର ଭିତରେ ବୋଟ୍ ଓଲଟି ପଡ଼ିଥିଲା । ଏଥିରେ ଥିବା ୪ ଜଣ ବଙ୍ଗୀୟ ପର୍ଯ୍ୟଟକ ପ୍ରାୟ ୧୦ ମିନିଟ୍ ସମୁଦ୍ର ଭିତରେ ମୃତ୍ୟୁ ସହ ସଂଗ୍ରାମ

■ ଜଳକ୍ରୀଡ଼ା ବେଳେ ଓଲଟି ପଡ଼ିଥିଲା ସ୍ପିଡ୍ ବୋଟ୍
■ ଅଳ୍ପକେ ରକ୍ଷା ପାଇଥିଲେ ଗାଙ୍ଗୁଲିଙ୍କ ଭାଇ-ଭାଉଜ

କରିଥିଲେ । ସଙ୍ଗେ ସଙ୍ଗେ ଲାଇଫ୍‌ଗାର୍ଡ ଭିତରକୁ ଯାଇ ସେମାନଙ୍କୁ ଉଦ୍ଧାର କରିଥିଲେ । ଏହି ୪ ଜଣଙ୍କ ମଧ୍ୟରେ ଥିଲେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଭାଇ ସ୍ନେହାଶିଷ ଓ ଭାଉଜ ଅର୍ପିତା । ଛୁଟି କାଟିବାକୁ ପୁରୀ ଆସିଥିଲେ ସ୍ନେହାଶିଷ ଓ ଅର୍ପିତା । ଗତ ଶନିବାର ଅପରାହ୍ଣରେ ଆଉ ଦୁଇଜଣ ପର୍ଯ୍ୟଟକଙ୍କ ସହ ସେମାନେ ଏକ ସ୍ପିଡ୍ ବୋଟ୍‌ରେ ସମୁଦ୍ରରେ ଜଳକ୍ରୀଡ଼ା କରୁଥିଲେ । ଲାଇଟ୍ ହାଉସ୍ ନିକଟ ହୋଟେଲ ସୋନାର ବାଙ୍ଗଲା ସମ୍ମୁଖରେ ତାଙ୍କ ବୋଟ୍ ଓଲଟି ପଡ଼ିଥିଲା । ବେଳାଭୂମିରେ ଉପସ୍ଥିତ ଲାଇଫ୍ ଗାର୍ଡଙ୍କ ଯୋଗୁଁ ସେମାନେ ସମସ୍ତେ ବଞ୍ଚି ଯାଇଥିଲେ ।

ଏ ସମ୍ପର୍କରେ ଅର୍ପିତା କହିଛନ୍ତି, ଆମେ ଜଳକ୍ରୀଡ଼ା ପାଇଁ ବୋଟ୍‌ରେ ବସିବା ବେଳେ ସମୁଦ୍ର ଅଶାନ୍ତ ଦେଖାଯାଉଥିଲା । ଉଚ୍ଚଉଚ୍ଚ ଜୁଆର ଆସୁଥିଲା । ପୁଣି ବୋଟ୍‌ର କ୍ଷମତା ୧୦ ଥିବା ବେଳେ ଟଙ୍କା ଲୋଭରେ ସେମାନେ (ବୋଟ୍ କର୍ମଚାରୀ) ମାତ୍ର ୪ ଜଣଙ୍କୁ ନେଇ ଯାଇଥିଲେ । ଅଶାନ୍ତ ସମୁଦ୍ରକୁ ଦେଖି କିଛି ଅସୁବିଧା ହେବ ନାହିଁ ତ ବୋଲି ମଧ୍ୟ ବୋଟ୍ କର୍ମଚାରୀଙ୍କୁ ପଚାରିଥିଲୁ । କିନ୍ତୁ ସେମାନେ ଆଶ୍ୱାସନା ଦେଇଥିଲେ ଯେ କିଛି ହେବନାହିଁ । କିନ୍ତୁ ଆମେ ଯାତ୍ରା କରିବାର ମାତ୍ର କିଛି ସମୟ ମଧ୍ୟରେ ଏକ ଉଚ୍ଚ ଜୁଆର ଆସିଥିଲା । ମୁଁ ଏତେ ଉଚ୍ଚ ଜୁଆର କେବେ ଦେଖି ନ ଥିଲି । ଉକ୍ତ ଜୁଆରରେ ବୋଟ୍‌ଟି ପୂରା ଓଲଟି ପଡ଼ିଥିଲା । ଅନ୍ୟମାନେ ବାହାରି ଯାଇଥିଲେ । କିନ୍ତୁ ମୁଁ ବୋଟ୍ ତଳେ ରହି ଯାଇଥିଲି । ଲାଇଫ୍‌ଗାର୍ଡଙ୍କ ଯୋଗୁଁ ମୋ ଜୀବନ ବଞ୍ଚିଗଲା । ବଡ଼କଥା ହେଉଛି ସାଧାରଣତଃ ପୁରୀରେ ସମୁଦ୍ର ଅଶାନ୍ତ ରହିଥାଏ । ସେଥିପାଇଁ ଏଠାରେ ଜଳକ୍ରୀଡ଼ା ପାଇଁ ସରକାର ଅନୁମତି ଦେବା କଥା ନୁହେଁ । ଏହାକୁ ବ୍ୟାନ୍ କରିଦେବା କଥା । କୋଲକାତା ଫେରିଗଲା ପରେ ସେ ଏ ନେଇ ପୁରୀ ଏସ୍‌ପି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ବୋଲି କହିଛନ୍ତି ।

ତେବେ ଏଠାରେ ପ୍ରଶ୍ନ ଉଠୁଛି, ପୁରୀ ସମୁଦ୍ରରେ ଜଳକ୍ରୀଡ଼ା ପାଇଁ ଅନୁମତି ପାଇଥିବା ସଂସ୍ଥା ସମସ୍ତ ଗାଇଡ୍‌ଲାଇନ୍ ପାଳନ କରୁଛନ୍ତି କି? ଯଦି ପାଳନ କରୁଥାନ୍ତେ ତେବେ ଏଭଳି ଏକ ଦୁର୍ଘଟଣା ଘଟି ନ ଥା'ନ୍ତା । ଶନିବାର ଅପରାହ୍ଣରେ ବଡ଼ ବଡ଼ ଜୁଆର ଆସୁଥିଲା । ସମୁଦ୍ର ମଧ୍ୟ ଅଶାନ୍ତ ଥିଲା । ଏଭଳି ସ୍ଥିତିକୁ ଦେଖି ଜଳକ୍ରୀଡ଼ା ପାଇଁ ଅନୁମତି ପାଇଥିବା ଅନ୍ୟ ୩ ଜଣ ସେମାନଙ୍କ ବୋଟ୍‌କୁ ଭିତରକୁ ନେଉ ନ ଥିଲେ । ହେଲେ ଗୋଟିଏ ସଂସ୍ଥା ଟଙ୍କା ଲୋଭରେ ପର୍ଯ୍ୟଟକଙ୍କ ଜୀବନକୁ ସମୁଦ୍ରରେ ବାଜି ଲଗାଉଥିଲା । ସମ୍ପୃକ୍ତ ସଂସ୍ଥାକୁ ଯେଉଁ ଅଞ୍ଚଳରେ ଜଳକ୍ରୀଡ଼ା ପାଇଁ ଅନୁମତି ମିଳିଛି ସେଠାରେ ସେ ନ ରହି ବାଥ୍ ଜୋନ୍ ଭିତରକୁ ପଶି ଆସୁଥିବା ମଧ୍ୟ ଅଭିଯୋଗ ରହିଛି । ଜିଲ୍ଲା ପ୍ରଶାସନ ଯେଉଁସବୁ ଗାଇଡ୍‌ଲାଇନ୍ ପାଳନ କରିବା ପାଇଁ କହିଛି ବାସ୍ତବରେ ସଂସ୍ଥାଗୁଡ଼ିକ ତାହା ମାନୁଛନ୍ତି ନା ନାହିଁ ତାହାର ନିୟମିତ ତଦନ୍ତ ହେବା ଦରକାର ବୋଲି କହିଛନ୍ତି ପର୍ଯ୍ୟଟକ । ନଚେତ୍ ପର୍ଯ୍ୟଟକଙ୍କ ଜୀବନ ସହିତ ଖେଳୁଥିବା ଏହି ସଂସ୍ଥାର ବ୍ୟବସାୟ ଉପରେ ଜିଲ୍ଲା ପ୍ରଶାସନ ରୋକ୍ ଲଗାଇବା ଦରକାର ବୋଲି ଦାବି କରିଛନ୍ତି ।

# ରଥ ଉପରକୁ ମୋବାଇଲ ନେଲେ ଫୌଜଦାରୀ ମାମଲା

ପୁରୀ,୨୬।୫(ସମିସ): ଗତବର୍ଷ ଆଡ଼ପମଣ୍ଡପକୁ ବିଜେ ସମୟରେ ଚାରମାଳ ଉପରୁ ଖସି ପଡ଼ିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର । ଏହି ଘଟଣା କୋଟି କୋଟି ଭକ୍ତଙ୍କ ଭାବାବେଗକୁ ଶକ୍ତ ଆଘାତ ପହଞ୍ଚାଇଥିଲା । ତେଣୁ ଏ ବର୍ଷ ରଥଯାତ୍ରାରେ ଯେପରି ସେହିଭଳି କିଛି ତ୍ରୁଟି ବା ବିଶୃଙ୍ଖଳା ନ ହୁଏ, ତା' ଉପରେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ ।

ସୋମବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଏ ବର୍ଷ ପ୍ରତ୍ୟେକ ରଥ ପାଇଁ ପହଣ୍ଡି ଦଳ, ପ୍ରତ୍ୟେକ ପହଣ୍ଡିରେ କେତେଜଣ ସେବକ ରହିବେ ସେହି ସଂଖ୍ୟା ନିରୂପଣ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି । ଏନେଇ ସମ୍ପୃକ୍ତ ସେବାୟତ ନିଯୋଗ, ବାଡ଼ଗ୍ରାହୀ ଏବଂ ଅନ୍ୟ ସେବାୟତଙ୍କ ସହ ଆଲୋଚନା କରାଯିବ । ସେହିପରି ଗତବର୍ଷ ଶ୍ରୀବଳଭଦ୍ର ପଡ଼ିଯିବା ନେଇ ତିନିଜଣିଆ କମିଟି ଯେଉଁ ରିପୋର୍ଟ ଦେଇଥିଲେ, ତାହା ବୈଠକରେ ଉପସ୍ଥାପନ କରାଯାଇଥିଲା । କମିଟିର ଯାହା ସୁପାରିସ୍ ରହିଛି ତା' ଉପରେ ଆଲୋଚନା ହୋଇଥିଲା । ଏହାର ଏକ ଏସ୍‌ଓପି ପ୍ରସ୍ତୁତ ହେବ ।

ସେହିପରି ରଥଯାତ୍ରାରେ ଅଣସେବାୟତ ରଥ ଉପରକୁ ଚଢ଼ିପାରିବେ ନାହିଁ । ରଥ ଉପରେ କୌଣସି ବ୍ୟକ୍ତି ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ । ଏପରିକି, ଏଣିକି କେବଳ ମୋବାଇଲ୍ ଜବତରେ କାର୍ଯ୍ୟାନୁଷ୍ଠାନ ଅଟକିବ ନାହିଁ, ଫୌଜଦାରୀ ମାମଲା ରୁଜୁ ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

ସେହିପରି ମହାପ୍ରଭୁ ଜଗନ୍ନାଥଙ୍କ ସମ୍ପର୍କିତ ଯାହା ବି ଶବ୍ଦାବଳୀ ରହିଛି ସେ ସବୁକୁ ପ୍ୟାଟେଣ୍ଟ କରାଯିବ । ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥ ଧାମ, ମହାପ୍ରସାଦ, ଶ୍ରୀକ୍ଷେତ୍ର, ପୁରୁଷୋତ୍ତମ ଧାମ ଓ ଶ୍ରୀଜଗନ୍ନାଥଙ୍କ ଲୋଗୋ ଭଳି ସମସ୍ତ ଶବ୍ଦକୁ ପ୍ୟାଟେଣ୍ଟ କରାଯିବ । ଫଳରେ କେହି ବି ଏହାକୁ ବ୍ୟବହାର କରିପାରିବେ ନାହିଁ ବୋଲି ଡ. ପାଢ଼ୀ ସୂଚନା ଦେଇଛନ୍ତି । ଏଥିସହିତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଅଟ୍ଟାଳିକାଗୁଡ଼ିକର ଉଚ୍ଚତା, ଢାଞ୍ଚା ନିର୍ଦ୍ଧାରିତ ହେବ । ଏହା ମନ୍ଦିରର ସୌନ୍ଦର୍ଯ୍ୟକୁ ଅବରୋଧ କରୁଥିବାରୁ ଏହାକୁ ନିୟନ୍ତ୍ରିତ କରାଯିବ । ବିଶେଷକରି ଏଥିରେ ଓଡ଼ିଆ ସ୍ଥାପତ୍ୟଶୈଳୀକୁ ଗୁରୁତ୍ୱ ଦିଆଯିବ । ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ଚାରିପଟେ ଥିବା ଅଟ୍ଟାଳିକାର ଉଚ୍ଚତା ନିର୍ଦ୍ଧାରଣ କରାଯିବ । ଆମେ ଏନେଇ ନଗର ଉନ୍ନୟନ ବିଭାଗକୁ ନିୟମ ପ୍ରଣୟନ କରିବା ଲାଗି ଅନୁରୋଧ କରିବୁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି ।

# ମହିଳାଙ୍କୁ ଦଳିଦେଲା ହାତୀ

ତେଲକୋଇ, ୨୬।୫ (ସମିସ): ତେଲକୋଇ ବନାଞ୍ଚଳ ଦେଉଳଡିହା ପଞ୍ଚାୟତ ମଧ୍ୟପୁର ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ, ସେହି ଗ୍ରାମର ରାଧା ରଣଜିତ୍ ଓରଫ୍ ଅଞ୍ଜନା (୫୬) । ସୋମବାର ଅପରାହ୍ଣରେ ନିକଟସ୍ଥ କାଜୁ ଜଙ୍ଗଲକୁ ଯାଇଥିବା ବେଳେ ସେ ଗୋଟିଏ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ ।

SALE
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

# ଭୁଶୁଡ଼ିଲା ଖୋର୍ଦ୍ଧା-ବଲାଙ୍ଗିର ରେଳ ସୁଡ଼ଙ୍ଗ

ବୌଦ୍ଧ,୨୬।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଆଡେଣିଗଡ଼ ନିକଟରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗିର ୪ନମ୍ବର ରେଳପଥ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିଛି । ସୁଡ଼ଙ୍ଗର କଖାରୁଫାଳ ନିକଟରେ ୩୦ ଫୁଟ୍ ଓସାରରେ ଉପରପାର୍ଶ୍ୱରୁ ଭୁଶୁଡ଼ି ପଡ଼ି ୧୦ ଫୁଟ୍ ଲମ୍ବର ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ଫଳରେ ସୁଡ଼ଙ୍ଗ ଭିତରେ କାମ କରୁଥିବା ୧୦ରୁ ଅଧିକ ଶ୍ରମିକ ଗୁରୁତର ଆହତ ହୋଇଥିବା ସନ୍ଦେହ କରାଯାଉଛି ।

ସୋମବାର ଦିନ ପ୍ରାୟ ୧୧ଟା ୪୫ରେ ଏହି ଅଘଟଣ ଘଟିଥିଲା । ଭୁଶୁଡ଼ି ଯାଇଥିବା ସୁଡ଼ଙ୍ଗର ଚାରିପଟକୁ ଆବଦ୍ଧ କରିଦିଆଯାଇଥିବା ବେଳେ ସୁଡ଼ଙ୍ଗ ଭିତରେ କେତେ ଶ୍ରମିକ କାମ କରୁଥିଲେ କିମ୍ବା କେତେ ମୃତାହତ ହୋଇଛନ୍ତି ସେ ବାବଦରେ କମ୍ପାନୀ କର୍ତ୍ତୃପକ୍ଷ ମୁହଁ ଖୋଲୁ ନାହାନ୍ତି । ଏପରିକି, ଖବର ସଂଗ୍ରହ କରିବା ପାଇଁ କୌଣସି ଗଣମାଧ୍ୟମକୁ ମଧ୍ୟ ପାଖକୁ ଛଡ଼ାଯାଇନଥିଲା ।

ଅପରପକ୍ଷେ, ଏନେଇ ରେଳ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ଏହି ଅଞ୍ଚଳରେ ନିରନ୍ତର ବର୍ଷା ଯୋଗୁଁ ମାଟି ଧସିଛି । କିନ୍ତୁ କାର୍ଯ୍ୟରତ ଶ୍ରମିକ କିମ୍ବା ଯନ୍ତ୍ରପାତି ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ । ଏହି ଘଟଣା ପ୍ରକଳ୍ପର ସାମଗ୍ରିକ ଅଗ୍ରଗତିକୁ ପ୍ରଭାବିତ ମଧ୍ୟ କରିବ ନାହିଁ । ସମସ୍ତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଯୋଜନା ଅନୁଯାୟୀ କାମ ଜାରି ରହିଛି ।

AFFIDAVIT
I, Anushka Agrawal, D/o- Prakash Agarwal, resident of Flat No. 3M, Binayak, Prafulla Mishra Complex, Dist- Angul, PIN- 759132, Odisha declared by this affidavit No. 1071, dtd- 25/05/2025 that now onwards I shall be known as **ANUSHKA AGARWAL** for all future purposes.

AFFIDAVIT
I, Abdul Rakib Khan, S/o- Abdul Hakim Khan, resident of At- Padanpur, PO/PS- Aul, Dist- Kendrapara, Pin Code- 754219, Odisha declared by this affidavit No. 1641, dtd- 12/09/2024 that now onwards I shall be known as **ABDUL RAQUIB KHAN** for all future purposes.

AFFIDAVIT
By virtue of an affidavit sworn before The Executive Magistrate, Padampur Dated 22.05.2025. I Mamata Bhoi, resident of At/Po- Kanut, P.s- Belpada, Pin- 767026, Dist- Balangir, Odisha declare that, I have changed my name from **Mamata Sahoo to Mamata Bhoi.** Henceforth, I shall be known as **Mamata Bhoi** for all purpose.
**(Mamata Bhoi)**

AFFIDAVIT
I, Jyotsnarani Sahoo, aged about 52 years, W/o- Srikanta Prusty, Resident Of QR No- C/16, Unit-8, Delta C Colony, Nayapally, Bhubaneswar, Pin- 751012, Odisha declared by this affidavit No. 1069, dtd- 24/05/2025 that now onwards I shall be known as **JYOTSNARANI PRUSTY** for all future purposes.

AFFIDAVIT
I, Debendra Kumar Mohapatra, S/o- Padmanabha Mohapatra, resident of At- Kuansh, PO/Dist- Bhadrak, PIN- 756100, Odisha declared by this affidavit No. 1070, dtd- 25/05/2025 that now onwards I shall be known as **SEKHAR KUMAR MOHAPATRA** for all future purposes.

AFFIDAVIT
I, Khaje Kefayat, S/o- Khaje Mazu, resident of Balisahi, PO/PS- Balikuda, Dist- Jagatsinghpur, PIN- 754108, Odisha declared by this affidavit No. 1072, dtd- 25/05/2025 that now onwards I shall be known as **KHAJE KEFAIT** for all future purposes.

AFFIDAVIT
I, Bhabendra Mahapatra, aged about 60 years, S/o- Sridhar Mahapatra, resident of At/Po/Ps- Sahadevkhunta, Dist- Balasore, Odisha, Pin- 756001 declared by this affidavit No. 1077, dtd. 24/05/2025 that now onwards I shall be known as **BHABENDRA MOHAPATRA** for all future purposes.

AFFIDAVIT
I, Shivamsagar Kaliprasad Mohanty, aged about 25 years, S/o- Kali Prasad Mohanty, resident of Flat No-304, Kokila Enclave, Ananta Vihar, Pokhariput, Bhubaneswar, Pin- 751020, Odisha declared by this affidavit No. 1067, dtd- 24/05/2025 that now onwards I shall be known as **SHIVAM SAGAR MOHANTY** for all future purposes.

## ଅବଶିଷ୍ଟାଂଶ

### ସଂକ୍ରମଣ ୧୦୦୦...

୧୫୩ରୁ ୨୦୯କୁ ବୃଦ୍ଧି ପାଇଛି । ଗୁଜରାଟରେ ୮୩, କର୍ଣ୍ଣାଟକରେ ୪୭, ଉତ୍ତର ପ୍ରଦେଶରେ ୧୫ ଓ ପଶ୍ଚିମ ବଙ୍ଗରେ ୧୨ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି । ତେବେ ଚିନ୍ତା କରିବାର କୌଣସି କାରଣ ନାହିଁ । କାରଣ ଅଧିକାଂଶ ରୋଗୀ ଘରେ ରହି ଚିକିତ୍ସିତ ହେଉଛନ୍ତି । ଋଷିକେଶ ଏମ୍ସର ନିର୍ଦ୍ଦେଶକ ଡାକ୍ତର ମୀନୁ ସିଂହ କହିଛନ୍ତି ଯେ ଏବେ ଯେଉଁ ପ୍ରଜାତି ସାମନ୍‌କୁ ଆସିଛି ତାହା ସେତେ ବିପଜ୍ଜନକ ନୁହେଁ । ତଥାପି ସତର୍କତା ଅବଲମ୍ବନ କରିବା ଉଚିତ ।

ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ କରୋନା ମହାରାଷ୍ଟ୍ରରେ ୪ ଜଣ କେରଳରେ ୨ ଓ କର୍ଣ୍ଣାଟକରେ ଜଣଙ୍କ ଜୀବନ ନେଲାଣି । ତେବେ ଅଧିକାଂଶ ମୃତ୍ୟୁ କରୋନା ଜନିତ ନୁହେଁ ବୋଲି ଡାକ୍ତର କହିଛନ୍ତି । ଦେଶର ବିଭିନ୍ନ ସହରରେ ସକ୍ରିୟ ରୋଗୀ ସଂଖ୍ୟା ବଢୁଥିବ ବେଳେ ଦୁଇଟି ନୂଆ ଉପପ୍ରଜାତି ଏନ୍‌ବି୧.୮.୧ ଓ ଏଲ୍‌ଏଫ.୭ ଚିହ୍ନଟ କରାଯାଇଛି । ଏହି ଦୁଇ ପ୍ରଜାତି ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ନଜର ରଖିଛି ।

### ମୁମ୍ବାଇ ଉବୁଟୁବୁ...

ଘନ ବାଦଲ ଯୋଗୁଁ ଦୃଶ୍ୟମାନ କ୍ଷମତା ମଧ୍ୟ ହ୍ରାସ ପାଇଛି । ଏଥିଯୋଗୁଁ ୮ଟି ବିମାନର ଉଡ଼ାଣ ବାତିଲ କରିଦିଆଯାଇଛି । ସୂଚନା ଅନୁଯାୟୀ ସୋମବାର ସକାଳୁ ମୁମ୍ବାଇ, ପୁନେ, ବାରାମତୀ, ଇନ୍ଦାପୁରରେ ପ୍ରବଳ ବର୍ଷା ଲାଗି ରହିଛି । ମୁମ୍ବାଇରେ ଟ୍ରାଫିକ ସମସ୍ୟା ସାଂଘାତିକ ହୋଇଛି । ଲମ୍ବା ଧାଡ଼ି ଲାଗି ରହିଛି । ରେଳ ଧାରଣାରେ ବର୍ଷା ପାଣି ଜମି ରହିଥିବାରୁ ଲୋକାଲ୍ ଟ୍ରେନକୁ ବାତିଲ କରାଯାଇଛି । ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଉଦ୍‌ଘାଟନ କରିଥିବା ୱର୍ଲିସ୍ଥିତ ମେଟ୍ରୋ ଷ୍ଟେସନରେ ପାଣି ପଶିଯାଇଥିବାରୁ ଏହାକୁ ବନ୍ଦ କରିଦିଆଯାଇଛି । କୁର୍ଲା, ସିଓନ, ଦାଦର ଓ ପାର୍ଲେ ଭଳି ତଳିଆ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି । ରାସ୍ତା ଉପରେ ପ୍ରାୟ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଲହଡ଼ି ଭାଙ୍ଗୁଛି । ସେହିପରି ପୁନେରେ ବର୍ଷା ଯୋଗୁଁ ନଦୀ, ନାଳ ଫୁଲି ଯାଇଛି । ପୁନେ-ସୋଲାପୁର ହାଇୱେର ପାଟସ ଅଞ୍ଚଳରେ ବାଦଲ ଫଟା ବର୍ଷା ହେବାରୁ ବାରାମତୀ ଏବଂ ଇନ୍ଦାପୁରରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି । ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମୁମ୍ବାଇ ପାଇଁ ରେଡ ଆଲର୍ଟ ଜାରି କରିଛି ।

ଅନ୍ୟପକ୍ଷରେ କେରଳରେ ମଧ୍ୟ ବର୍ଷା ଜାରି ରହିଛି । ତ୍ରିଶୂରରେ ଏକ ଚଳନ୍ତା ଟ୍ରେନ ଉପରେ ଗଛ ପଡ଼ିଯାଇଛି । କୋଝିକୋଡ଼ରେ ସ୍କୁଟର ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କ ଉପରେ ଗଛ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି । କୋଣ୍ଡଚେରୀରେ ବିଦ୍ୟୁତ୍ ଆଘାତରେ ଭାଇ-ଭଉଣୀଙ୍କ ମୃତ୍ୟୁ ଘଟିଛି । ବର୍ଷା ଯୋଗୁଁ ୯ଟି ଜିଲ୍ଲାରେ ସ୍କୁଲ, କଲେଜ ବନ୍ଦ ରହିଛି । ଏନ୍‌ଡିଆର୍‌ଏଫ୍‌ର ୨୮ ସଦସ୍ୟ ବିଶିଷ୍ଟ ଏକ ଟିମ୍ ଉଦ୍ଧାର କାର୍ଯ୍ୟ ପାଇଁ ୱାଏନାଡ଼ରେ ପହଞ୍ଚିଛି ।

### ଆଜି ଲଘୁଚାପ...

ବହିପାରେ । ସମୁଦ୍ର ଅଶାନ୍ତ ରହିବ । ଏଥିପାଇଁ ୨୯ ତାରିଖରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ପରବର୍ତ୍ତୀ ଦୁଇ ଦିନରେ ଏହା ଅଧିକ ଘନୀଭୂତ ହେବ । ଏହା ପ୍ରଭାବରେ ୨୭ରୁ ବର୍ଷା ଆରମ୍ଭ ହୋଇ ୨୮ରୁ ବର୍ଷାର ପ୍ରଭାବ ବଢ଼ିବ । ମଙ୍ଗଳବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ରହିବ । ଏହାସହ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନର ବେଗ ୩୦ରୁ ୪୦ କିମି ରହିବ । ଯାହାକୁ ନେଇ ଏସବୁ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଅନ୍ୟପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେନ୍ଦ୍ରୀୟ ଆରବ ସାଗରର କିଛି ଅଂଶ, ମୁମ୍ବାଇ ସମେତ ମହାରାଷ୍ଟ୍ରର କିଛି ଅଂଶ, ବେଙ୍ଗାଲୁରୁ ସମେତ କର୍ଣ୍ଣାଟକ, ତାମିଲନାଡୁର ଅବଶିଷ୍ଟ ଅଂଶ, ତେଲେଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶର କିଛି ଅଂଶ, ପଶ୍ଚିମକେନ୍ଦ୍ରୀୟ ଏବଂ ଉତ୍ତର ବଙ୍ଗୋପସାଗରର କିଛି ଅଂଶ, ମିଜୋରାମର ଅବଶିଷ୍ଟ ଅଂଶ, ସମଗ୍ର ତ୍ରିପୁରା, ମଣିପୁର, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ଆସାମ ଏବଂ ମେଘାଳୟର କିଛି ଅଂଶକୁ ଆଗକୁ ବଢ଼ିଛି । ଆଗାମୀ ୩ ଦିନ ମଧ୍ୟରେ ମୌସୁମୀ ବାୟୁ କେନ୍ଦ୍ରୀୟ ଆରବ ସାଗରର ଅବଶିଷ୍ଟ ଅଂଶ, ମହାରାଷ୍ଟ୍ରର ଆଉ କିଛି ଅଂଶ, କର୍ଣ୍ଣାଟକର ଆଉ କିଛି ଅଂଶ, ତେଲେଙ୍ଗାନାର କିଛି ଅଂଶ, ଆନ୍ଧ୍ର ପ୍ରଦେଶ, ପଶ୍ଚିମକେନ୍ଦ୍ରୀୟ ଏବଂ ଉତ୍ତର ବଙ୍ଗୋପସାଗରର ଆଉ କିଛି ଅଂଶ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଅବଶିଷ୍ଟ ଅଂଶ ଏବଂ ଉପ-ହିମାଳୟ ପଶ୍ଚିମବଙ୍ଗ ଏବଂ ସିକିମର କିଛି ଅଂଶକୁ ଅଗ୍ରସର ହେବା ନେଇ ପରିସ୍ଥିତି ଅନୁକୂଳ ରହିଛି ।

### ବିଦ୍ୟୁତ୍ ଆଘାତରେ...

ଚାଲିଗଲା । କଳାହାଣ୍ଡି ଜିଲ୍ଲା ବିଜେପୁର ଥାନା ପୋଇଗୁଡ଼ା ଗାଁରେ ଆଜି ଏଭଳି ଏକ ଦୁଃଖଦ ଘଟଣା ଘଟିଛି ।

୭ ମାସର ପୁଅକୁ କାଖେଇ ଫୁଲମତି ଆଜି ଘର କାମ କରୁଥିବା ବେଳେ ଘର ଭିତରେ ଝୁଲି ରହିଥିବା ଏକ ଛିଣ୍ଡା ବିଦ୍ୟୁତ୍ ତାର ତାଙ୍କ ଦେହରେ ଲାଗି ଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ମା'-ପୁଅଙ୍କ ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ବିଶ୍ୱନାଥପୁର ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସନ୍ଦୀପ ଠାକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ସେହିପରି ବିଜେପୁର ପୁଲିସ୍ ଘଟଣାସ୍ଥଳରୁ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଲାଞ୍ଜିଗଡ଼ଠାରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ବନମାଳୀ ମେହେରଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି ।

ଅପରପକ୍ଷେ, ବାପା-ମା' ଓ ସାନଭାଇକୁ ହରାଇବା ପରେ ଫୁଲମତିଙ୍କ ୮ ବର୍ଷର ବଡ଼ପୁଅ ଏବେ ସଂପୂର୍ଣ୍ଣ ବେସାହାରା ହୋଇପଡ଼ିଛି । ତାକୁ ସରକାରୀ ସହାୟତା, ଥଇଥାନ ଓ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ମେଟ୍ରୋ ଭବିଷ୍ୟତ...

ଡିପିଆର୍ ପ୍ରସ୍ତୁତ କରାଯାଇ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଲିଭେଟେଡ୍ କରିଡର ପାଇଁ ରାଜକୋଷରୁ ବହୁ ଟଙ୍କା ମଧ୍ୟ ଖର୍ଚ୍ଚ ହୋଇସାରିଛି । ତଥାପି କାହା ସ୍ୱାର୍ଥରେ ଏହାକୁ ବଦଳାଇ ଅଣ୍ଡରଗ୍ରାଉଣ୍ଡ କରିବାକୁ ଯୋଜନା ପ୍ରସ୍ତୁତ ହେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ପ୍ରକଳ୍ପ ହେଲେ ଖର୍ଚ୍ଚ ପ୍ରାୟ ୩ ଗୁଣା ବଢ଼ିଯିବ । ଏହାସହିତ ପ୍ରକଳ୍ପ କାମ ବହୁ ଡେରି ହେବ ବୋଲି ଅର୍ବାନ ପ୍ଲାନର ଡ. ପୀୟୂଷ ରାଉତ କହିଛନ୍ତି । ଏଭଳି ସମସ୍ୟା ଦେଖାଦେବାରୁ ଏବେ ଦିଲ୍ଲୀ ଏବଂ ଅନ୍ୟ ବଡ଼ ସହରଗୁଡ଼ିକରେ ଏଲିଭେଟେଡ୍ ମେଟ୍ରୋ ପ୍ରକଳ୍ପ ଯୋଜାନା କରାଯାଉଛି । ହେଲେ ରାଜ୍ୟ ସରକାରଙ୍କ ପୂର୍ତ୍ତ ମନ୍ତ୍ରୀ କାହିଁକି ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ପ୍ରକଳ୍ପ ପଛରେ ପଡ଼ିଛନ୍ତି ତାହା ସ୍ପଷ୍ଟ ହେଉ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସେହିପରି ମାସ୍ ରାପିଡ୍ ଟ୍ରାନ୍ସିଟ୍ ସିଷ୍ଟମ (ଏମଆରଟିଏସ)ର ସହର ସମନ୍ୱୟ କମିଟିର ଜଣେ ଅଧିକାରୀ କହିଛନ୍ତି, ମାଟି ପରୀକ୍ଷଣ ସମାପ୍ତ ହେବା ପରେ ପ୍ରକଳ୍ପର ପିଲର କାମ ଆରମ୍ଭ ହେବାକୁ ନିର୍ଦ୍ଧାରିତ ହୋଇଛି । ତେବେ ଜୟଦେବ ବିହାର-ନନ୍ଦନକାନନ ଅଂଶର କାମ ରାଜ୍ୟ ସରକାର ଯୋଜନାରେ ପରିବର୍ତ୍ତନ ବିଚାର କରୁଥିବାରୁ ଅସ୍ଥାୟୀ ଭାବେ ସ୍ଥଗିତ ରହିଛି ।

ଉଲ୍ଲେଖଯୋଗ୍ୟ ଯେ ପୂର୍ବ ସରକାର ଭୁବନେଶ୍ୱରରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ) ଠାରୁ କଟକର ତ୍ରିଶୂଳିଆ ପର୍ଯ୍ୟନ୍ତ ୨୬ କିଲୋମିଟର ଲମ୍ବା ମେଟ୍ରୋ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନେବାକୁ ଯୋଜନା କରିଥିଲେ । ଏଥିପାଇଁ ୬୨୨୫ କୋଟି ଟଙ୍କା ବରାଦ ହୋଇଥିଲା ଏବଂ ୨୦୨୪ ଜାନୁଆରୀ ୧ ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତ୍ରିଶୂଳିଆ ନିକଟରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୨୦୨୬ ମସିହା ସୁଦ୍ଧା ଏହି ପ୍ରକଳ୍ପକୁ ଶେଷ କରିବାକୁ ଲକ୍ଷ୍ୟ ରହିଥିଲା । ମାତ୍ର ସମ୍ପ୍ରତି ସରକାର ପରିବର୍ତ୍ତନ ପରେ ରାଜ୍ୟରେ ମେଟ୍ରୋ ପ୍ରକଳ୍ପର ଭବିଷ୍ୟତ ସମ୍ପୂର୍ଣ୍ଣ ଅନିଶ୍ଚିତ ହୋଇ ପଡ଼ିଛି । ଏହି ପ୍ରକଳ୍ପ କେବେ ଶେଷ ହେବ ସେଥିରେ କୌଣସି ସ୍ଥିରତା ନାହିଁ ।

# ପାର୍କିଂ ପାଇଁ କଲବଲ ନୟାଗଡ଼ବାସୀ

ନୟାଗଡ଼,୨୬।୫(ସମିସ): ନୟାଗଡ଼ ସହରର ଯେତିକି ବିକାଶ ହେଉଛି, ନୂଆ ନୂଆ ଅସୁବିଧା ମଧ୍ୟ ସେତିକି ପରିମାଣର ସୃଷ୍ଟି ହୋଇଛି। ସହର ମଧ୍ୟରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଗାଡ଼ି ମୋଟର ସବୁ ରାସ୍ତା ଉପରେ ଥୁଆ ହେଉଛି। ପୌର ପରିଷଦ ପାର୍କିଂ ପାଇଁ ଟିକସ ଆଦାୟ କରି ଦୀର୍ଘଦିନ ହେବ ନିର୍ବିକାର ହୋଇରହିଛି। ୧୯୫୩ ମସିହାରେ ପ୍ରତିଷ୍ଠା ହୋଇଥିବା ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ୬ ବର୍ଷ ତଳେ ପୌର ପରିଷଦ ମାନ୍ୟତା ପାଇଥିଲା। ସହର ପୌର ପରିଷଦ ମାନ୍ୟତା ପାଇବା ପରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ମାତ୍ର ରୁକ୍ଷୀ ଓ ବଳରାମ ପାହାଡ଼ ପାଦଦେଶରେ ଅବସ୍ଥିତ ନୟାଗଡ଼ରେ ସ୍ଥାନ ଅଭାବ ପାଇଁ ପାର୍କିଂ ବ୍ୟବସ୍ଥା ହୋଇପାରୁ ନାହିଁ। ଫଳରେ ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରୁ ଟ୍ରାଫିକ୍ ଛକ ଫଳଦୋକାନ ପର୍ଯ୍ୟନ୍ତ ରାସ୍ତାକଡ଼ରେ ବାଇକ୍ ଗଦା ହୋଇ ରହୁଛି। ସେହିଭଳି ଭାବେ ପରିବା ମାର୍କେଟ୍‌ଠାରୁ ଆରମ୍ଭ କରି ଓଡ଼ଗାଁ ଛକ ମଧ୍ୟରେ ଉଭୟ ପାର୍ଶ୍ୱରେ ବାଇକ୍ ଗଦା ଦେଖିବାକୁ ମିଳୁଛି। ଲୋକମାନେ ଦୁଇ ଧାଡ଼ିଆ ବାଇକ୍ ରାସ୍ତା ଉପରେ ରଖିବା ଦ୍ୱାରା ରାସ୍ତା ସଙ୍କୀର୍ଣ୍ଣ ହୋଇପଡୁଛି। ସେହିଭଳି ଭାବେ ସହରର ବିଭିନ୍ନ ସ୍ଥାନରେ ବସ୍, ଟ୍ରକ୍ ଏବଂ କାର୍ ପାର୍କିଂ ହେଉଥିବା ଦେଖାଯାଉଛି। ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡ଼ା ରାସ୍ତା ପାନୀୟଜଳ ଓ ପରିମଳ ବିଭାଗ ଅଫିସ୍ ସାମ୍ନା, କଲେଜ୍ ରୋଡ୍ ପ୍ରଭୃତି ସ୍ଥାନରେ ମନଇଚ୍ଛା ପାର୍କିଂ କରାଯାଉଥିବା ଦେଖାଯାଇଛି। ଖଣ୍ଡପଡ଼ା ରାସ୍ତା ଗଣେଶ ଢାବା ସାମ୍ନାରେ ଥିବା ଏକ ସିମେଣ୍ଟ ଗୋଦାମକୁ ଆସୁଥିବା ଟ୍ରକ୍ ଉକ୍ତ ଅଞ୍ଚଳରେ ରାସ୍ତାକୁ ସଙ୍କୀର୍ଣ୍ଣ କରି ପାର୍କିଂ କରୁଛନ୍ତି। ଟ୍ରକ୍‌ଗୁଡ଼ିକ ଉକ୍ତ ଗୋଦାମକୁ ଯିବା ଆସିବା ସମୟରେ ରାସ୍ତା ଜାମ୍ କରୁଛନ୍ତି। ଅନେକ ସମୟରେ ଉକ୍ତ ସ୍ଥାନରେ ଟ୍ରାଫିକ୍ ଜାମ ହେଉଥିବା ଦେଖିବାକୁ ମିଳୁଛି।

## ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଜନତା

# ନେତା ବେଫିକର୍, ପ୍ରଶାସନ ଅସହାୟ

ନୟାଗଡ଼,୨୬।୫(ସମିସ): ରାସ୍ତା ସମସ୍ୟା ନେଇ ପ୍ରତିଦିନ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ର ଛାମୁଣ୍ଡିଆ, ବଡ଼ଶିଲିଙ୍ଗା ଓ ରାସଙ୍ଗ ପଞ୍ଚାୟତବାସୀ। ଗଣିଆ-ବଡ଼ମୂଳ ରାସ୍ତାର ଦୁରବସ୍ଥା ସମ୍ପର୍କରେ କେବଳ ଯାତାୟାତ କରୁଥିବା ଯାତ୍ରୀମାନେ ହିଁ କହିପାରିବେ ଯାତାୟାତ ସମୟରେ କେଉଁଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ସମସ୍ୟା ସମାଧାନ ନେଇ ଗତ ୨ ବର୍ଷ ଧରି ଅଞ୍ଚଳବାସୀଙ୍କ ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ସମ୍ପୃକ୍ତ ଠିକାଦାର ନିଜର ମନମୁତାବକ ରାସ୍ତାର କିଛି ଅଂଶ କାମ କରି ପକାଇ ରଖୁଛନ୍ତି। କେଉଁଠି ରାସ୍ତା ଖୋଳି ରଖାଯାଇଛି ତ ଆଉ କେଉଁଠି ଅଧାଗଡ଼ା କଂକ୍ରିଟ କରି ରଖାଯାଇଛି। ରାସ୍ତା ସମସ୍ୟା ସମାଧାନ ନେଇ ଅଞ୍ଚଳବାସୀଙ୍କ ତରଫରୁ ଗତ ଫେବୃଆରୀ ୩ ତାରିଖରେ ଗଣିଆ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଧାରଣାରେ ସାମିଲ ହୋଇଥିଲେ।



ଫେବୃଆରୀ ୪ରେ ଧାରଣାସ୍ଥଳରେ ନୟାଗଡ଼ ଉପଜିଲ୍ଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଗଣିଆ ତହସିଲ୍‌ଦାର ପହଞ୍ଚ ଏପ୍ରିଲ ୩୦ ତାରିଖ ସୁଦ୍ଧା ସମସ୍ତ ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରିତାପର ବିଷୟ ପ୍ରଶାସନ ତରଫରୁ ଦିଆଯାଇଥିବା ପ୍ରତିଶ୍ରୁତିର ଅବଧି ପୂରି ୧ ମାସ ବିତିଯାଇଥିବାବେଳେ ରାସ୍ତା କାର୍ଯ୍ୟ ପୂର୍ବପରି ଅଧପନ୍ତରିଆ ପଡ଼ିରହିଛି। ଏଥିପ୍ରତି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀମାନେ ସତେ ଯେମିତି ଅସହାୟ ହୋଇପଡ଼ିଥିବା ଅଞ୍ଚଳବାସୀ ଅନୁଭବ କରୁଥିବା କୁହନ୍ତି ଛାମୁଣ୍ଡିଆ ପଞ୍ଚାୟତର ବୟୋଜ୍ୟେଷ୍ଠ ନାଗରିକ କୃପାସିନ୍ଧୁ ନାୟକ।


- ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ବିତିଲା ୪ ମାସ
- ଆଗେଇଲା ନାହିଁ ଗଣିଆ-ବଡ଼ମୂଳ ରାସ୍ତା
- ବଡ଼ ଧରଣର ଆନ୍ଦୋଳନ ପାଇଁ ଯୋଜନା



ଛାମୁଣ୍ଡିଆ ଅଞ୍ଚଳର ଜୟଦେବ ସାହୁ କୁହନ୍ତି, କାହା ପ୍ରଭାବରେ ଗଣିଆ-ଛାମୁଣ୍ଡିଆ ରାସ୍ତା କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି ସରକାର ଏଥିପ୍ରତି ଦୃଷ୍ଟିଦେଇ ଭିଜିଲାନ୍ସ ତଦନ୍ତ କରିବା ଆବଶ୍ୟକ। ଏହି ରାସ୍ତାର ବୃତ୍ତଙ୍ଗ ସେତୁ ନିକଟରେ ଅଧପନ୍ତରିଆ କଂକ୍ରିଟ ସାଙ୍ଗକୁ ସମ୍ପୃକ୍ତ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱରେ ବିଛାଇଥିବା ପଟୁମାଟି ବର୍ଷା ହେଲେ ରାସ୍ତା ଉପରେ ଜମା ହେବା ଫଳରେ ଯାନବାହନ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହୋଇଥା'ନ୍ତି। ଗଣିଆ-ବଡ଼ମୂଳ ରାସ୍ତା ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଅଞ୍ଚଳବାସୀଙ୍କ ତରଫରୁ ପୁଣିଥରେ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଜଣାପଡ଼ିଛି। ଗତ ୭ ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ଗଣିଆ ବଜାରଠାରୁ କଳାପାଟ ଠାକୁରାଣୀ ପୀଠ ୧୦ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ରାସ୍ତାର ଅନେକ ସ୍ଥାନରେ ଗତ ୩ ବର୍ଷ ହେବ ଖାଲଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ୨ୟ ପର୍ଯ୍ୟାୟରେ ୨୦୨୨ରେ କଳାପାଟ ଠାକୁରାଣୀ ପୀଠଠାରୁ ବଡ଼ମୂଳ ୧୪ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫ କୋଟି ୨୫ ଲକ୍ଷ ୨୧ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ରାସ୍ତାଟିର ନିର୍ମାଣ କାର୍ଯ୍ୟ ୨୦୨୨ ଫେବୃଆରୀ ୨୩ରୁ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚ ୨୨ରେ ଶେଷ ହେବାର ଅବଧି ରହିଥିଲେ ହେଁ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନ ଥିବା ଦେଖାଯାଇଛି।

## ଜିଲ୍ଲା ଯୋଜନା କାର୍ଯ୍ୟାଳୟ କୋଠା ଅଧପନ୍ତରିଆ

# ୮ ମାସ ତଳୁ ସରିଲାଣି ଅବଧି



ନୟାଗଡ଼,୨୬।୫(ସମିସ): ନୟାଗଡ଼ ଜିଲ୍ଲାରେ ପୂର୍ତ୍ତ ବିଭାଗ ଭୂଆଁ ବୁଲାଉଛି। ସମୟ ଅବଧି ସୁଦ୍ଧା ଗୋଟିଏ ବି କାମ ଶେଷ ହେଉ ନ ଥିବାବେଳେ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ଫଳରେ ଜିଲ୍ଲାର ବିକାଶରେ ବାଧା ସୃଷ୍ଟି ହେବା ସହ ଦୁର୍ଦ୍ଦଶା ବୃଦ୍ଧି ପାଉଛି। ନୟାଗଡ଼ ଜିଲ୍ଲାରେ ରାସ୍ତାଘାଟ, ପୋଲ ନିର୍ମାଣ କାମରେ ମନ୍ଥରତା ପାଇଁ ଜିଲ୍ଲାବାସୀ ସମସ୍ୟା ଭୋଗୁଥିବାବେଳେ ଏବେ ସରକାରୀ କୋଠା ନିର୍ମାଣରେ ମଧ୍ୟ ମନ୍ଥରତା ଏବଂ ନିମ୍ନମାନର କାମ ନେଇ ଅଭିଯୋଗ ଆସୁଛି। ନୟାଗଡ଼ ଜିଲ୍ଲା ଯୋଜନା କାର୍ଯ୍ୟାଳୟ ନିର୍ମାଣ ପାଇଁ ୨ବର୍ଷ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏଥିପାଇଁ ଯୋଜନା ପ୍ରସ୍ତୁତ ହୋଇ କୋଠା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ୩ କୋଟି ୯୩ ଲକ୍ଷ ଟଙ୍କାରେ ଏହାକୁ ନିର୍ମାଣ କରିବା ପାଇଁ ଟେଣ୍ଡର କରି ଠିକାଦାର ଚୟନ ପରେ ପୂର୍ତ୍ତ ବିଭାଗ ୨୦୨୩ ଡିସେମ୍ବର ୨୯ରେ କାର୍ଯ୍ୟ ଆରମ୍ଭ ପାଇଁ ଅନୁମତି ଦେଇଥିଲା। ସୁମନ୍ତ କୁମାର ସାହୁ ନାମକ ଜନୈକ ଠିକାଦାର ୩ କୋଟି ୫୨ ଲକ୍ଷ ଟଙ୍କାରେ ନିର୍ମାଣ ଦାୟିତ୍ୱ ନେଇଥିବାବେଳେ ୨୦୨୪ ସେପ୍ଟେମ୍ବର ୨୮ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଚୁକ୍ତି ହୋଇଥିଲା। ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିକଟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏଯାଏଁ ଶେଷ ହେବାର ନାଁ ନାହିଁ। ଏହି କୋଠା ନିର୍ମାଣ କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। କାମ ୫୦ ପ୍ରତିଶତ ଶେଷ ହୋଇ ନ ଥିବାବେଳେ କେବେ କାମ ପୂର୍ଣ୍ଣାଙ୍ଗ ରୂପ ନେବ ବୋଲି ପ୍ରଶ୍ନ ଉଠିଛି। ନିର୍ମାଣ ଅବଧି ଶେଷ ହେବାକୁ ୮ ମାସ ବିତିଥିବାବେଳେ କାର୍ଯ୍ୟ ଶେଷ ନ ହେବା ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାରେ ଏଭଳି ଅନେକ ରାସ୍ତା ଓ କୋଠା ନିର୍ମାଣ କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଥିବାବେଳେ ପୂର୍ତ୍ତ ବିଭାଗ ଜିଲ୍ଲାବାସୀଙ୍କୁ ଭୂଆଁ ବୁଲାଇ ଚାଲିଛି। ଜିଲ୍ଲା ପ୍ରଶାସନ ପୂର୍ତ୍ତ ବିଭାଗ କାର୍ଯ୍ୟର ସମୀକ୍ଷା କରିବାର ଆବଶ୍ୟକତା ରହିଥିବାବେଳେ ପୂର୍ତ୍ତ ବିଭାଗ ଗଣମାଧ୍ୟମ ଜରିଆରେ କାର୍ଯ୍ୟ ମନ୍ଥରତା ନେଇ ଜିଲ୍ଲାବାସୀଙ୍କ ଆଗରେ ଉତ୍ତର ରଖି ବୋଲି ଦାବି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

- ୨ ବର୍ଷ ତଳୁ ଯୋଜନା; ହୋଇପାରୁନି କାର୍ଯ୍ୟକାରୀ
- ଭୂଆଁ ବୁଲାଉଛି ପୂର୍ତ୍ତ ବିଭାଗ; ସବୁକାମରେ ମନ୍ଥରତା

### ଶେଷ ହେଉନି ବୈଧ ମାପ ବିଜ୍ଞାନ ବିଭାଗ କୋଠା

ନୟାଗଡ଼: ନୟାଗଡ଼ ଜିଲ୍ଲା ପୂର୍ତ୍ତ ବିଭାଗ ଅବହେଳା ପାଇଁ ବୈଧ ମାପ ବିଜ୍ଞାନ ବିଭାଗ କାର୍ଯ୍ୟାଳୟ କୋଠା ନିର୍ମାଣରେ ମଧ୍ୟ ମନ୍ଥରତା ସୃଷ୍ଟି ହୋଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର ନିକଟରେ ଏହାର ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ କାମ ଶେଷ ହେବା ନାଁ ଧରୁନାହିଁ। ୧ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କାମ ୨୦୨୩ ଅଗଷ୍ଟ ୩୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ୨୦୨୪ ଫେବୃଆରୀ ସୁଦ୍ଧା ଶେଷ ହେବାକୁ ଯୋଜନା ରହିଥିଲା। କିନ୍ତୁ ଏଯାଏଁ କାର୍ଯ୍ୟ ଶେଷ ହୋଇ ନ ଥିବା ଦେଖାଯାଇଛି। ପୂର୍ତ୍ତ ବିଭାଗ ଅବହେଳା ପାଇଁ ବହୁ ବିଳମ୍ବରେ ଏହାର ନିର୍ମାଣ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଫଳରେ ଅବଧି ଶେଷ ହୋଇଥିଲେ ବି ପୂର୍ତ୍ତ ବିଭାଗ ଠିକାଦାରଙ୍କୁ ଜୋର୍ କରିପାରୁ ନାହିଁ। ନୟାଗଡ଼ ବିକାଶରେ ପୂର୍ତ୍ତ ବିଭାଗର ଅବହେଳା ବାଧା ସୃଷ୍ଟି କରୁଛି।

# ବିଭିନ୍ନ ଦେବାଳୟରେ ସାବିତ୍ରୀ ବ୍ରତ ପାଳିତ

ନୟାଗଡ଼,୨୬।୫(ସମିସ): ପବିତ୍ର ଜ୍ୟେଷ୍ଠ ଅମାବାସ୍ୟା ଅବସରରେ ସୋମବାର ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏଥିପାଇଁ ନୟାଗଡ଼ ସହରର ବିଭିନ୍ନ ଦେବାଳୟରେ ଭିଡ଼ ଦେଖିବାକୁ ମିଳିଛି। ସ୍ୱାମୀଙ୍କ ମଙ୍ଗଳ କାମନା କରି ମହିଳାମାନେ ଉପବାସ ରଖିବା ସହ ଯମଙ୍କ ଉଦ୍ଦେଶ୍ୟରେ ଏହି ପୂଜା କରିଥାନ୍ତି। ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର ଠାକୁରଙ୍କୁ ସମର୍ପଣ କରିବା ସହ ତାହାକୁ ପରିଧାନ କରନ୍ତି।



ଖଣ୍ଡପଡ଼ା : ଖଣ୍ଡପଡ଼ା ବ୍ଲକ୍ ଅଧୀନ ସମସ୍ତ ଗ୍ରାମରେ ମହିଳାମାନେ ଭକ୍ତିର ସହ ସାବିତ୍ରୀ ବ୍ରତ ପାଳିଥିବା ଜଣାପଡ଼ିଛି। ସକାଳୁ ସମସ୍ତ ମନ୍ଦିରରେ ସଧବା ନାରୀମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ପତିବ୍ରତା ଓ ନିଷ୍ଠାର ସହିତ ସାବିତ୍ରୀ ବ୍ରତ ପାଳନର ବିଧି ରହିଛି। ଏହିଦିନ ମହିଳାମାନେ ସ୍ୱାମୀଙ୍କ ଶୁଭ ମନାସିବା ସହ ଦୀର୍ଘାୟୁ ସୁସ୍ଥ ନିରାମୟ ଜୀବନ କାମନା କରି ବ୍ରତ ପାଳନ କରିଥାନ୍ତି। ମହିଳା ବ୍ରତ ଧାରିଣୀମାନେ ନୂଆ ଶାଢ଼ି, ଶଙ୍ଖା, ଚୁଡ଼ି, ସିନ୍ଦୂର ଓ ଫଳମୂଳ ନେଇ ନିକଟସ୍ଥ ମନ୍ଦିରରେ ପୂଜା କରିବା ପରେ ଘରେ ସ୍ୱାମୀଙ୍କୁ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ପରେ ଫଳମୂଳ ଖାଇବା ସହ ପଣା ସେବନ କରି ବ୍ରତ ସମାପନ କରିଥିବା ଦେଖିବାକୁ ମିଳିଛି।

ଓଡ଼ଗାଁ: ଜଣେ ପତିବ୍ରତା ନାରୀ ଗର୍ବ ଓ ଗୌରବର ପ୍ରତୀକ ହେଉଛି ଶଙ୍ଖା ଓ ସିନ୍ଦୂର। ସ୍ୱାମୀଙ୍କ ସୁସ୍ଥ ନିରୋଗ ଓ ଦୀର୍ଘ ନିରାମୟ ଜୀବନ କାମନା କରି ଜଣେ ସ୍ତ୍ରୀ ସ୍ୱାମୀଙ୍କ ପାଇଁ ସାବିତ୍ରୀ ବ୍ରତ ପାଳିଥାନ୍ତି। ସୋମବାର ଅମାବାସ୍ୟା ତିଥିରେ ବ୍ରତ ପାଳନ ପାଇଁ ଓଡ଼ଗାଁରେ ଥିବା ସାବିତ୍ରୀ ମନ୍ଦିରରେ ପୂଜା ପାଇଁ ସଧବା ନାରୀଙ୍କର ଭିଡ଼ ଜମିଥିଲା। ନୂତନ ବସ୍ତ୍ର, ସିନ୍ଦୂର, ଚୁଡ଼ି ଓ ନାନା ରକମର ଫଳ ଫୁଲ ନେଇ ମନ୍ଦିରରେ ଭୋଗ ଲଗାଇ ଥିଲେ। ଅନେକ ମଧ୍ୟ ପ୍ରଥା ପରମ୍ପରା ଆଧାରରେ ଘରମାନଙ୍କରେ ଶିଳ ଶିଳପୁଆକୁ ପ୍ରତୀକାତ୍ମକ ଭାବେ ସାବିତ୍ରୀ ସତ୍ୟବାନ ରୂପେ ସଜାଇ ପୂଜାର୍ଚ୍ଚନା କରିଥିଲେ। ଦେବୀ ସାବିତ୍ରୀ ଓ ସତ୍ୟବାନଙ୍କୁ ନୂତନ ବସ୍ତ୍ର ଅଳଙ୍କାରରେ ସଜ୍ଜିତ କରି ସାବିତ୍ରୀ ପୁରାଣ ପଠନ କରାଯାଇଥିଲା। ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ପୁଷ୍ପ, ଧୂପ, ଦୀପ, ଅର୍ଘ୍ୟ ବନ୍ଦାପନା କରି ନୈବେଦ୍ୟ ଅର୍ପଣ କରିଥିଲେ। ଓଡ଼ଗାଁ ଶ୍ରୀରଘୁନାଥଙ୍କ ପୀଠ ଏବଂ ଲକ୍ଷ୍ମୀ ବଜାର ଲକ୍ଷ୍ମୀ ମନ୍ଦିର ପରିସରରେ ସତ୍ୟବାନ ସାବିତ୍ରୀଙ୍କର ମନ୍ଦିର ରହିଥିବାରୁ ସେଠାରେ ଅନେକ ବ୍ରତଧାରୀ ପୂଜାର୍ଚ୍ଚନା କରିଥିଲେ। ଏହିପରି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଅପରାହ୍ଣ ପର୍ଯ୍ୟନ୍ତ ବ୍ରତ ପାଳନ ଦେଖିବାକୁ ମିଳିଥିଲା।

# ନୟାଗଡ଼ ପାଲଟିଛି ନିଶାମାର୍ଗ

ନୟାଗଡ଼,୨୬।୫(ସମିସ): ନୟାଗଡ଼ ପାଲଟିଛି ନିଶାମାର୍ଗ। ନୟାଗଡ଼ ଦେଇ ପ୍ରତିଦିନ ଖୋର୍ଦ୍ଧା, ଭୁବନେଶ୍ୱର, କଟକ ଓ ରାଜ୍ୟ ବାହାରକୁ ନିଶାଦ୍ରବ୍ୟ ଚାଲାଣ ହେଉଛି। କନ୍ଧମାଳ ଜିଲ୍ଲାରୁ ବ୍ୟାପକ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଏବେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ଦେଶୀ ମଦ ଚାଲାଣ ହେଉଛି। ଗଞ୍ଜାମ ଜିଲ୍ଲାରୁ ନୟାଗଡ଼ ଦେଇ ବେଶ୍ ଆରାମରେ ଦେଶୀ ମଦ ରାଜ୍ୟ ରାଜଧାନୀରେ ପହଞ୍ଚୁଛି। ଏହି ବେଆଇନ ନିଶା କାରବାର ପଛରେ ବଡ଼ ବଡ଼ ମାଫିଆ ସାମିଲ୍ ଥିବାବେଳେ ଅବକାରୀ ବିଭାଗ ଛୋଟ ଛୋଟ ବେପାରୀଙ୍କୁ ଧରି ବାହାବା ନେଉଛି। ନୟାଗଡ଼ ଜିଲ୍ଲା ଦେଇ କନ୍ଧମାଳରୁ ଆସୁଥିବା ଗଞ୍ଜେଇ ବାଣିଗୋଛା, ଦଶପଲ୍ଲା, ନୂଆଗାଁ, ସଦର, ଟାଉନ, ଇଟାମାଟି ଥାନା ଅତିକ୍ରମ କରି ଖୋର୍ଦ୍ଧା ଜିଲ୍ଲାରେ ପ୍ରବେଶ କରୁଛି। ପୁଲିସ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ବେଆଇନ ନିଶା ଚୋରା ଚାଲାଣକୁ ରୋକିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅବକାରୀ ବିଭାଗ ନାଁକୁ ମାତ୍ର ଧରପଗଡ଼ କରୁଥିବାବେଳେ ବଡ଼ ବଡ଼ ମାଫିଆ ବେଶ୍ ଆରାମରେ ଖସି ଯାଉଛନ୍ତି। ଅବକାରୀ ବିଭାଗ ଏବଂ ପୁଲିସ ବିଭାଗ ମିଳିତ ଭାବେ ସ୍କ୍ୱାଡ୍ ଗଠନ କରିବାକୁ ଦାବି ହେଉଛି।

**କନ୍ଧମାଳରୁ ଗଞ୍ଜେଇ, ଗଞ୍ଜାମରୁ ଦେଶୀ ମଦ ଚାଲାଣ**

## ● କଣ୍ଟିଲୋ ଡାକ୍ତରଖାନା କୋଠା ନିର୍ମାଣ ପ୍ରସଙ୍ଗ

# ସମନ୍ୱୟ ଅଭାବରୁ ହୋଇପାରୁନି ସ୍ଥାନ ନିରୂପଣ



୧୫ ଦିନ କହି ୬ ମାସ ବିତାଇଲେ ବିଧାୟକ

ଖଣ୍ଡପଡ଼ା/କଣ୍ଟିଲୋ,୨୬।୫(ସମିସ): ରାଜ୍ୟ ସରକାର ୨୪ ଘଣ୍ଟିଆ ରୋଗୀ ସେବା ଯୋଗାଇବା ପାଇଁ ପ୍ରାୟ ୩୬ ମାସ ପୂର୍ବେ ୨ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରି ପୁଲିସ ହାଉସିଂ କର୍ପୋରେସନକୁ ଦାୟିତ୍ୱ ଦେଇଥିଲେ ହେଁ ଆଜି ସୁଦ୍ଧା ସ୍ଥାନ ନିରୂପଣ ହୋଇପାରୁ ନ ଥିବାରୁ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଶୀତଳ ଭଣ୍ଡାରରେ ବରଫ ପାଲଟି ଯାଇଥିବା ନେଇ କଣ୍ଟିଲୋ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ନୂତନ ଗୃହ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ଜାଗା ସ୍ଥିରୀକୃତ କରିପାରି ନ ଥିବାରୁ ସର୍ବସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘ ୩ବର୍ଷ ବିତି ଯାଇଥିଲେ ମଧ୍ୟ ଖଣ୍ଡପଡ଼ା ତହସିଲ୍ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ଇଚ୍ଛାଶକ୍ତି ଓ ଆନ୍ତରିକତାର ଅଭାବ ଯୋଗୁଁ କଣ୍ଟିଲୋରେ ୨୪ ଘଣ୍ଟିଆ ରୋଗୀ ସେବାର ନୂତନ ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇପାରୁନାହିଁ। ଅନ୍ୟପକ୍ଷରେ କଣ୍ଟିଲୋର ବିଭିନ୍ନ ସାମାଜିକ ସଂଗଠନ, ବରିଷ୍ଠ ନାଗରିକ, ରାଜନେତା ଓ ବୁଦ୍ଧିଜୀବୀଙ୍କ ସମନ୍ୱୟ ଅଭାବରୁ ନୂତନ ଗୃହ ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ ବୋଲି ମତ ପ୍ରକାଶ ପାଇଛି।

କଣ୍ଟିଲୋ ମେଡିକାଲ ଉପରେ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ଭାବେ ଆଖପାଖ ୮ଟି ପଞ୍ଚାୟତର ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ନିର୍ଭର କରୁଥିବାରୁ ତତ୍କାଳୀନ ବିଜେଡି ସରକାର ୨୪ ଘଣ୍ଟିଆ ରୋଗୀ ସେବା ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଗୃହ ନିର୍ମାଣ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ, ନାଗରିକ ମଞ୍ଚ, ବିକାଶ ପରିଷଦ, ବରିଷ୍ଠ ନାଗରିକ କି ସମାଜସେବୀ ଅନୁଷ୍ଠାନ ମଧ୍ୟରୁ କିଏ ଜାଗା ଯୋଗାଇଦେବେ ନା ରାଜସ୍ୱ ବିଭାଗ ଯୋଗାଇବ? ଏହାର ଉତ୍ତର କାହା ପାଖରେ ସଠିକ୍ ଭାବରେ ନ ଥିବା ମଧ୍ୟ ଆଲୋଚନା ହେଉଛି। ତେବେ ୬ ମାସ ତଳେ ସ୍ଥାନୀୟ ବିଧାୟକ ଏକ ସଭାରେ ପ୍ରତିଶ୍ରୁତି ଦେଇଥିଲେ କି ମାତ୍ର ୧୫ ଦିନ ଭିତରେ କଣ୍ଟିଲୋରେ ମେଡିକାଲ ପାଇଁ ଜାଗା ଚିହ୍ନଟ ହୋଇ ଗୃହ ନିର୍ମାଣ କାର୍ଯ୍ୟ ହେବ। ବିଧାୟକଙ୍କ ପ୍ରତିଶ୍ରୁତିକୁ ୬ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ କଥା କେବଳ ପାଣିର ଗାର ହୋଇ ରହିଯାଇଛି। ସେହିପରି ଗତ ମାଘମେଳା ମହୋତ୍ସବକୁ ଅତିଥି ଭାବେ ଯୋଗ ଦେଇଥିବା ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ନୂତନ ମେଡିକାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହିତ ନୂତନ ଡାକ୍ତର ନିଯୁକ୍ତି ପ୍ରଦାନ କରାଯିବ ବୋଲି ଦୃଢ଼ତାର ସହ କହିଥିଲେ। ରାଜସ୍ୱ ବିଭାଗ କଣ୍ଟିଲୋରେ ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରି ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ସ୍ଥାନୀୟ ଲୋକମାନେ ନିଜର ଦାବି ଜଣାଇଛନ୍ତି।

# କେବେ ବଦଳିବ ନଦୀକୂଳିଆଙ୍କ ଭାଗ୍ୟ


## ମାରଡ଼ା-ବୈଦେଶ୍ୱର ରାସ୍ତା ପ୍ରଶସ୍ତୀକରଣ ଦାବି

ଭାପୁର,୨୬।୫(ସମିସ): ବଦଳୁଛି ସରକାର ଓ ପ୍ରଶାସନ; ହେଲେ ଭାପୁର ଅଞ୍ଚଳର ଭାଗ୍ୟ ବଦଳୁନି। ରାଜ୍ୟ ସରକାର ରାଜ୍ୟରେ ଗମନାଗମନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟ ଉନ୍ନତୀକରଣ କରୁଛନ୍ତି। ହେଲେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଦେଇ ମହାନଦୀ କୂଳେ କୂଳେ ଯାଇଥିବା ପୁରୁଣା ଜଗନ୍ନାଥ ସଡ଼କ ଏବେ ଅବହେଳିତ ହୋଇ ପଡ଼ିରହିଛି। ଯାହା ଫଳରେ ବ୍ଲକ୍‌ର ପାଞ୍ଚ ପଞ୍ଚାୟତ ସହ ନୟାଗଡ଼ ଓ କଟକ ଜିଲ୍ଲାର ସଂଯୋଗ ଦୁର୍ବଳ ଅବସ୍ଥାରେ ରହିଛି। ମହାନଦୀ ଅବବାହିକାର ଏହି ଐତିହ୍ୟସମ୍ପନ୍ନ ରାସ୍ତା କଣ୍ଟିଲୋରୁ ସିଧାସଳଖ କଟକକୁ ସଂଯୋଗ କରୁଥିବାବେଳେ ତାହା ଅଲୋଡ଼ା ଅବସ୍ଥାରେ ରହିଛି। ବାଘମାରୀଠାରୁ କଣ୍ଟିଲୋ ଦେଇ ଦଶପଲ୍ଲା ପର୍ଯ୍ୟନ୍ତ ରାସ୍ତା ରାଜ୍ୟ ରାଜପଥ ମାନ୍ୟତା ପାଇ ବେଶ୍ ଉନ୍ନତ ଓ ପ୍ରଶସ୍ତ ହୋଇଛି। ସେହିପରି କଳାପଥରଠାରୁ ବୈଦେଶ୍ୱର ଦେଇ ବାଙ୍କୀ ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଉନ୍ନତୀକରଣ କରାଯିବା ସହ ପ୍ରଶସ୍ତ ହୋଇଛି। ଏହି ଦୁଇ ରାସ୍ତା ମଧ୍ୟ ଭାଗରେ ରହିଛି ମାରଡ଼ା କରବର ବୈଦେଶ୍ୱର ୧୭ କିଲୋମିଟର ରାସ୍ତା। ଏହାର ପ୍ରଶସ୍ତୀକରଣ ପାଇଁ କୌଣସି ଉଦ୍ୟମ ହେଉନାହିଁ।

ଇଂରେଜ ଅମଳରେ ଏହି ରାସ୍ତା ବେଶ୍ ପରିଚୟ ଲାଭ କରିଥିଲା। କଟକରୁ ସୈନ୍ୟମାନେ ପଶ୍ଚିମ ଓଡ଼ିଶା ଯିବାବେଳେ କଣ୍ଟିଲୋ ମନ୍ଦିର ପୂର୍ବରୁ ରହୁଥିଲେ। ଯାହା ଏବେ ପଲଟନ ପଡ଼ିଆ ଭାବେ ଜଣାଶୁଣା। ଖାଲି ସେତିକି ନୁହେଁ ଏହି ରାସ୍ତା ଦେଇ ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ମହାନଦୀ ଅବବାହିକା ବ୍ୟବସାୟ ପେଣ୍ଠ ଭାବେ ପରିଚିତ କଣ୍ଟିଲୋ, ପଦ୍ମାବତୀ, ବୈଦେଶ୍ୱର ଗ୍ରାମର ବେପାରୀମାନେ କଟକ ସହ ବ୍ୟବସାୟ କରୁଥିଲେ। ଏହି ରାସ୍ତା ଦେଇ ତୀର୍ଥଯାତ୍ରୀମାନେ କଣ୍ଟିଲୋ ନୀଳମାଧବ ଦର୍ଶନ ପରେ ବାଙ୍କୀ ଚର୍ଚ୍ଚିକା ଦର୍ଶନ କରି ପୁରୀ ଯାଇଥା'ନ୍ତି। ଏତେ ମହତ୍ୱପୂର୍ଣ୍ଣ ରାସ୍ତାଟି ଧାର୍ମିକ, ଐତିହାସିକ, ବାଣିଜ୍ୟ ଓ ଇକୋ ଟୁରିଜିମ୍ ପାଇଁ ଗୁରୁତ୍ୱ ବହନ କରୁଥିବା ସହ ନୟାଗଡ଼ ଜିଲ୍ଲାର କରବର, ଶାସନ, ପଦ୍ମାବତୀ, ବାଉଁଶବାଟ ଓ କେନ୍ଦୁପଲ୍ଲୀ ପଞ୍ଚାୟତ ସମେତ ଭାପୁର ବ୍ଲକ୍‌ର ଲକ୍ଷାଧିକ ଜନସାଧାରଣଙ୍କ ଜୀବନରେଖା ଭାବେ ପରିଚିତ। ଏହି ରାସ୍ତାର ମାଣିତ୍ରି ନିକଟ କାଳିଗିରି ପୋଲଟି ୧୯୯୦ ମସିହାରେ ତତ୍କାଳୀନ ବିଧାୟକ ଅରୁଣ କୁମାର ପଟ୍ଟନାୟକଙ୍କ ଉଦ୍ୟମରେ ନିର୍ମାଣ ହୋଇଥିଲା। ମାତ୍ର ଏହା ନିଚ୍ଚା ରହିଥିବାରୁ ସାମାନ୍ୟ ବନ୍ୟା ସମୟରେ ବୁଡ଼ି କରବର ଓ ପଦ୍ମାବତୀ ଭଳି ପଞ୍ଚାୟତ ବିଚ୍ଛିନ୍ନ ହୋଇଯାଉଛି। ରାସ୍ତାଟି ସଂକୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଗୋଟିଏ କାର୍ ଗଲେ ବାଇକ୍‌ଟିଏ ଯିବା ସମ୍ଭବ ହେଉନାହିଁ। ମହାନଦୀ କୂଳେ କୂଳେ ରହିଥିବା ଏହି ରାସ୍ତାର ପ୍ରଶସ୍ତୀକରଣ ଉନ୍ନତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ୮ ବର୍ଷ ପୂର୍ବେ ଜିଲ୍ଲା ପରିଷଦ ଦାୟିତ୍ୱ ଦେଇଥିଲେ। ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣ ହୋଇ ସମ୍ପୂର୍ଣ୍ଣ ହୋଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାଗୁଡ଼ିକ ପୂର୍ବରୁ ୧୨ ଫୁଟ୍ ଓସାର ଥିବାବେଳେ ବର୍ତ୍ତମାନ ୧୮ ଫୁଟ୍ ଓସାର କରାଯାଉଛି। ମାତ୍ର ମାରଡ଼ା କରବର ରାସ୍ତାଟି ପୂର୍ତ୍ତ ବିଭାଗ ନେଇଥିଲେ ମଧ୍ୟ ଏହା ପୂର୍ବ ଭଳି ୧୨ ଫୁଟିଆ ହୋଇ ରହିଛି। ଏହାର ପ୍ରଶସ୍ତୀକରଣ କରାଯିବାକୁ ପଦକ୍ଷେପ ନେଲେ ଅଞ୍ଚଳବାସୀଙ୍କ ଭାଗ୍ୟ ବଦଳି ଯାଆନ୍ତା।




### ସେମାନଙ୍କ ମତରେ...



ଏହି ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ଦେଇ ପ୍ରଶସ୍ତ କରାଗଲେ ମହାନଦୀ କୂଳେ କୂଳେ ଥିବା ଐତିହ୍ୟ ପରିପୁଷ୍ଟିତ ହେବା ସହ ବାଣିଜ୍ୟ କାରବାର ବୃଦ୍ଧି ପାଇପାରନ୍ତା। ଏହା ସହିତ ଅଞ୍ଚଳବାସୀ ବେଶ୍ ଉପକୃତ ହୋଇପାରନ୍ତେ।

ପ୍ରଫୁଲ୍ଲ କୁମାର ମହାନ୍ତି,
କରବର



ଏହି ରାସ୍ତା ଉନ୍ନତୀକରଣ କରାଗଲେ ଗମନାଗମନ, ବାଣିଜ୍ୟ ବୃଦ୍ଧି ପାଇବା ସହ ଅଞ୍ଚଳବାସୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହୋଇପାରନ୍ତା। ନୟାଗଡ଼ରୁ କଟକକୁ ସଂଯୋଗ କରିବା ପାଇଁ ବେଶ୍ ଗୁରୁତ୍ୱ ବହନ କରନ୍ତା। ବଡ଼ମ୍ବା ଓ ଆଠଗଡ଼ ଅଞ୍ଚଳକୁ ଟି ବ୍ରିଜ୍ ଦେଇ ଯିବାକୁ ଚାହୁଁଥିବା ଯାତ୍ରୀଙ୍କ ପାଇଁ ଏହି ରାସ୍ତା ମୁଖ୍ୟ ମାର୍ଗରେ ପରିଣତ ହୁଅନ୍ତା।

ପଠାଣି ପଟ୍ଟନାୟକ,
ରଗଡ଼ିପଡ଼ା, ଶାସନ

## ୧ରୁ ଗମେଇଁ ଗ୍ରାମଡିହ ଶୀତଳଷଷ୍ଠୀ ମହୋତ୍ସବ

ଖୋର୍ଦ୍ଧା,୨୬।୫(ସମିସ): ଜଟଣୀ ନିର୍ବାଚନମଣ୍ଡଳୀର ଉତ୍ତର ଜଟଣୀ ଗଙ୍ଗପଡ଼ା ପଞ୍ଚାୟତର ଗ୍ରାମଡିହ ବାବା ସ୍ୱପ୍ନେଶ୍ୱର ପୀଠ ପରିସରରେ ଆସନ୍ତା ୧ତାରିଖରୁ ଅନୁଷ୍ଠିତ ହେବ ପୂର୍ବ ଓଡ଼ିଶାର ପ୍ରଥମ ଶୀତଳଷଷ୍ଠୀ ମହୋତ୍ସବ। ଆସନ୍ତା ୧ରୁ ୯ତାରିଖ ପର୍ଯ୍ୟନ୍ତ ଆୟୋଜକ କମିଟି ବାବା ସେନା ପକ୍ଷରୁ ନବଦିନ୍ୟାପୀ ଚାଲିବ ପୂର୍ବ ଓଡ଼ିଶାର ଏହି ଗମେଇଁ ଗ୍ରାମଡିହ ଶୀତଳଷଷ୍ଠୀ ମହୋତ୍ସବ। ସୋମବାର ଏନେଇ ଆୟୋଜକ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ମିକନ ମହାରଣା ଏଥିରେ ସଭାପତିତ୍ୱ କରିଥିଲେ। ବିଗତ ଦୁଇବର୍ଷ ଶାନ୍ତିଶୃଙ୍ଖଳାରେ ମହୋତ୍ସବ ସମାପନ ହୋଇଥିବାବେଳେ ଚଳିତ ବର୍ଷ ଏହା ତୃତୀୟ ବର୍ଷରେ ପହଞ୍ଚିଛି। ପ୍ରମୁଖ ଉପଦେଷ୍ଟା ସୀତାକାନ୍ତ ନାୟକ ମହୋତ୍ସବର ରୂପରେଖ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ଆସନ୍ତା ୩୧ ତାରିଖରେ ଆଡ଼ମ୍ବରପୂର୍ଣ୍ଣଭାବେ ଶିବ ବିବାହ କରାଯିବ। ଏହାପର ଦିନ ମହୋତ୍ସବ କରାଯିବ। ମଞ୍ଚଯାତ୍ରା ଓ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରତ୍ୟେକ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ଶ୍ରୀ ନାୟକ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପ୍ରଦୋଷ ମହାନ୍ତି, ବଳିଆ ବେହେରା, କୋଷାଧ୍ୟକ୍ଷ ରବିନ ସିଂହଙ୍କ ସମେତ ସ୍ଥାନୀୟ ଯୁବକ, ବୁଦ୍ଧିଜୀବୀ ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ବେଗୁନିଆ,୨୬।୫(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ପତିତପାବନ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ରଶ୍ମିଚାନ୍ଦ କରଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ଦିବାକର ସାହୁ, ଉପସଭାପତି ବିଶ୍ୱରଞ୍ଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, ସହସମ୍ପାଦକ ବଟକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ସଭ୍ୟ ରବି ନାରାୟଣ ଦଳେଇ ଓ ହିମାଂଶୁ ଦାଶଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ମହୋତ୍ସବକୁ ସଫଳ କରିବା ପାଇଁ ମତାମତ ଉପସ୍ଥାପନ କରିଥିଲେ। ଏହି ମହୋତ୍ସବଟି ଆସନ୍ତା ଜୁନ୍ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ର କାନନ ପରିସରରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ଅବସରରେ କବାଡ଼ି, ପିଠା, ଝୋଟି, କାନ୍ଦଣା, ଦଉଡ଼ି ଡିଆଁ, ଅନ୍ଧପୁଚୁଳି, କୁଇଜ୍, ମେହେନ୍ଦୀ, ପୁଚି, ମ୍ୟୁଜିକ୍ ଚେୟାର ଓ ରଜ କୁଇନ୍-୨୦୨୫ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

## ବାଲିପାଟପୁର ରାମଲୀଳା; ହନୁମାନଙ୍କ ଲଙ୍କାଦହନ



ଭୂଷଣ୍ଡପୁର,୨୬।୫(ସମିସ): ବାଲିପାଟପୁର ଦୋଳପଡ଼ିଆଠାରେ ରଘୁନାଥ ଦେବ ନାଟ୍ୟ ସଂସଦର କଳାକାରମାନଙ୍କ ଦ୍ୱାରା ଚାଲିଥିବା ରାମନାଟକ ଉତ୍ସବର ନବମ ସନ୍ଧ୍ୟାରେ ଲଙ୍କାପୋଡ଼ି ଯାତ୍ରା ପରିବେଷିତ ହୋଇଯାଇଛି। ପ୍ରଭୁ ଶ୍ରୀରାମ ବାଳିକୁ ବଧ କରି ସୁଗ୍ରୀବଙ୍କୁ ସିଂହାସନ ଆରୋହଣ କରି ସୁଗ୍ରୀବ ହନୁମାନ ଓ ବାନର ସେନାଙ୍କୁ ଧରି ସୀତାଙ୍କୁ ଖୋଜିବାରେ ବାହାରିଲେ। ଲଙ୍କାକୁ ଯିବାକୁ ହେଲେ ବିଶାଳ ସମୁଦ୍ର ପାର୍ ହେବାକୁ ହେବ କେବଳ ହନୁମାନ ହିଁ ରାଜି ହୋଇ ଯିବାକୁ ବାହାରିଲେ। ପ୍ରଭୁ ଶ୍ରୀରାମ ହନୁମାନଙ୍କୁ ନିଜର ଗୋଟେ ମୁଦି ଦେଇ ବିଦାୟ ଦେଲେ। ଜୟ ଶ୍ରୀରାମ କହି ହନୁମାନ ଆକାଶ ମାର୍ଗରେ ଯିବାବେଳେ ରାବଣ ତିନି ତିନିଟା ଦାନବଙ୍କୁ ବାଟରେ ଜଗାଇଥିଲେ। ହନୁମାନ ସେମାନଙ୍କୁ ହତ କରି ଲଙ୍କାଗଡ଼ରେ ପ୍ରବେଶ କରି ଅଶୋକ ବାଟିକାରେ ମାତା ସୀତାଙ୍କ ସନ୍ଧାନ ପାଇ ରାମ ଦେଇଥିବା ମୁଦ୍ରିକା ଦେଇ ସୀତାଙ୍କଠାରୁ ଚୁଡ଼ାମଣୀ ନେଇ ଫେରିବା ବାଟରେ ବାଟିକାର ଫଳ ମୂଳ ଖାଇବା ସହ ଉଜାଡ଼ିଦେଲେ। ଏଥିସହିତ ରାବଣର ପୁତ୍ର ଅକ୍ଷୟ କୁମାରକୁ ମାରି ଶେଷରେ ରାବଣର ଦର୍ଶନ ଲାଳସାରେ ସ୍ୱଇଚ୍ଛାରେ ଇନ୍ଦ୍ରଜିତଙ୍କ ଦ୍ୱାରା ବନ୍ଧନରେ ବାନ୍ଧି ହୋଇ ରାଜ ଦରବାରରେ ଉପସ୍ଥିତ ହୁଅନ୍ତି। ସେଠାରେ ତାଙ୍କୁ ଦଣ୍ଡ ସ୍ୱରୂପ ଲାଞ୍ଜରେ ଅଗ୍ନି ସଂଯୋଗ କରିବା ପରେ ଲଙ୍କାକୁ ଜାଳିଛନ୍ତି ବୀର ହନୁମାନ। ନାଟକକୁ ଦର୍ଶକ ଉପଭୋଗ କରିଥିଲେ।

## ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଟାଙ୍ଗୀ,୨୬।୫(ସମିସ): ଚାନ୍ଦପୁର ଥାନା ଅଧୀନସ୍ଥ ଗିରିଣ୍ଡା ଗ୍ରାମର ଏକ ଘରୋଇ ଫାର୍ମ ହାଉସ୍ ନିକଟରେ ଥିବା ଏକ ଲିମ୍ବ ଗଛରୁ ପୁଲିସ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତେଦହ ଉଦ୍ଧାର କରିଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ଜଣକ ଏହି ଥାନା ଅଧୀନସ୍ଥ ପଟିଆ ଗ୍ରାମର ବିଜୟ ପରିଡ଼ା(୫୮) ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଇଛି। ରବିବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଥିବା ଦେଖଣାହାରୀଙ୍କଠାରୁ ପ୍ରକାଶ। ଶବ ବ୍ୟବଚ୍ଛେଦ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୁଲିସଠାରୁ ପ୍ରକାଶ। ଚାନ୍ଦପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

**ପୁରପଲ୍ଲୀରେ ସାବିତ୍ରୀ ବ୍ରତ**

# ଶଙ୍ଖା-ସିନ୍ଦୂର ଅତୁଟ ରଖିବାକୁ ପୂଜାର୍ଚ୍ଚନା କଲେ ମହିଳା

ଖୋର୍ଦ୍ଧା,୨୬।୫ସମିସ): ଖୋର୍ଦ୍ଧା ସହର ଓ ଉପକଣ୍ଠର ବିଭିନ୍ନ ସ୍ଥାନରେ ଥିବା ଦେବାଳୟ ଗୁଡିକରେ ସୋମବାର ସାବିତ୍ରୀ ବ୍ରତ ଲାଗି ଭିଡ଼ ଜମିଥିଲା। ହିନ୍ଦୁ ଧର୍ମର ସଧବା ନାରୀମାନେ ସ୍ୱାମୀଙ୍କ ମଙ୍ଗଳ ମନାସୀ ଶଙ୍ଖାସିନ୍ଦୁର ଅତୁଟ ରଖିବାକୁ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏଥିପାଇଁ ସହର ଓ ଏହା ଉପକଣ୍ଠରେ ଥିବା ମନ୍ଦିରରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ବ୍ରତ ରଖିଥିବା ମହିଳାମାନେ ଭୋରୁ ଗାଧୋଇ ନୂଆଶାଢି ସହ ବିଭିନ୍ନ ପ୍ରକାର ଫଳଫୁଲ ଧରି ରାଧାକୃଷ୍ଣ, ଲକ୍ଷ୍ମୀ ନାରାୟଣ ଆଦି ବିଷ୍ଣୁ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିବାବେଳେ ଆଉକିଛି ଶ୍ରଦ୍ଧାଳୁ ଶୈବପୀଠ ବା ଶକ୍ତିପୀଠରେ ପୂଜା କରିଥିଲେ। ଏଥିସହ ସାବିତ୍ରୀ ପୂରାଣ ପାଠ କରିଥିଲେ। ଖୋର୍ଦ୍ଧା ସହରର ମୁଖ୍ୟତଃ ଧବଳେଶ୍ୱର, ବାଟ ମଙ୍ଗଳା, ଲକ୍ଷ୍ମୀନାରାୟଣ, ଲୋକେଶ୍ୱର, ଲୋକନାଥ, ଦକ୍ଷେଶ୍ୱର, କାମନାମନ୍ଦିର, ଶ୍ରୀରାମନ୍ଦିର, ବାଲୁଙ୍କେଶ୍ୱର, ମା'ମଙ୍ଗଳା ପ୍ରମୁଖ ମନ୍ଦିର ଉପକଣ୍ଠର ମନ୍ଦିର ମାନଙ୍କରେ ସଧବା ନାରୀଙ୍କର ବେଶ୍ ଭିଡ଼ ଦେଖାଯାଇଛି। ବ୍ରତଧାରୀଙ୍କ ପୂଜା ଲାଗି ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

## କିନ୍ନରଙ୍କ ନିଆରା ସାବିତ୍ରୀ ବ୍ରତ



ବାଲୁଗାଁ,୨୬।୫(ସମିସ): ସାବିତ୍ରୀ ବ୍ରତ ଉପଲକ୍ଷେ ସୋମବାର ବାଲୁଗାଁ ତଥା ଆଖପାଖ ଅଞ୍ଚଳର କିନ୍ନର ସମ୍ପ୍ରଦାୟ ଗୋଷ୍ଠୀ ତରଫରୁ ନିଆରା ସାବିତ୍ରୀ ବ୍ରତ ଓଷା ପାଳନ କରାଯାଇଛି। ଦୀର୍ଘ ୧୨ ବର୍ଷ ଧରି ଅଞ୍ଚଳର କିନ୍ନର ସମ୍ପ୍ରଦାୟ ଏଭଳି ନିଆରା ସାବିତ୍ରୀ ବ୍ରତ ପାଳନ କରି ଆସୁଥିବାବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲୁଗାଁ ଆରାଧ୍ୟ ଦେବ ଶ୍ରୀଉମାମହେଶ୍ୱର ଦେବଙ୍କ ମନ୍ଦିରସ୍ଥିତ ସତ୍ୟବାନ ସାବିତ୍ରୀ ମନ୍ଦିରରେ ସକାଳୁ ଏକତ୍ରୀତ ହୋଇ କିନ୍ନରମାନେ ସେମାନଙ୍କର ଗୁରୁଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନର ଶୁଭ ମନାସୀ ସାବିତ୍ରୀ ବ୍ରତ କରି ଉପବାସ ରହି ନୂତନ ବସ୍ତ୍ର, ଶଙ୍ଖା, ସିନ୍ଦୂର ସହ ଭୋଗ ଥାଳି ଧରି ଆସି ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ସାବିତ୍ରୀ ବ୍ରତ ନିମନ୍ତେ କିନ୍ନରମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା।

## ମା' ଭଗବତୀଙ୍କ ସାବିତ୍ରୀ ବ୍ରତ

ବାଣପୁର,୨୬।୫(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ସୋମବାର ମା'ଙ୍କ ସାବିତ୍ରୀ ବ୍ରତ ଓଷା ପାଳିତ ହୋଇଯାଇଛି। ଦକ୍ଷପ୍ରଜାପତିଙ୍କ କନ୍ୟା ସତୀ ଦେବ ଦେବ ମହାଦେବଙ୍କୁ ପତି ଭାବରେ ବରଣ କରିବା ପରେ ନିଜ ପତିଙ୍କ ପ୍ରତି ପିତାଙ୍କ ଅସମ୍ମାନକୁ ସହ୍ୟ କରି ନ ପାରି ଯଜ୍ଞ କୁଣ୍ଡରେ ନିଜକୁ ଝାସ ଦେଇଥିଲେ। ସେହି ମା' ଭଗବତୀ ସତୀ, ପାର୍ବତୀ, ସାବିତ୍ରୀ ରୂପରେ ପୁନର୍ବାର ଜନ୍ମ ନେଇ ଦେବ ଦେବ ମହାଦେବଙ୍କୁ ପତି ଭାବେ ପାଇଥିଲେ। ଓଡ଼ିଶାର ଏହି ପ୍ରସିଦ୍ଧ ସାବିତ୍ରୀ ଓଷାରେ ସଧବା ନାରୀମାନେ ଯେପରି ନିଜ ପତିଙ୍କ ଶୁଭ ମନାସୀ ଦୀର୍ଘାୟୁ କାମନା ନିମନ୍ତେ ସାବିତ୍ରୀ ଓଷା ପାଳନ କରନ୍ତି, ଠିକ୍ ସେହିପରି କଳି ଯୁଗରେ ମାନବୀୟ ଲୀଳାର ପ୍ରତୀକ ଭାବେ ଦେବ ଦେବ ମହାଦେବଙ୍କ ଶୁଭ ମନାସୀ ମା' ଭଗବତୀଙ୍କ ସାବିତ୍ରୀ ବ୍ରତ ଓଷା ପାଳନ ପରମ୍ପରା ପ୍ରାଚୀନ କାଳରୁ ଚଳି ଆସୁଛି। ଓଡ଼ିଶାର ସମସ୍ତ ଶକ୍ତିପୀଠଠାରୁ ଅନନ୍ୟ ମା' ଭଗବତୀଙ୍କ ପୀଠରେ କାହିଁ କେଉଁ ଅନାଦି କାଳରୁ ପ୍ରଚଳିତ ନୀତିକାନ୍ତି ଅନୁଯାୟୀ, ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ଅଁଳା, ହଳଦୀ, ଅଗୁରୁ, ଚନ୍ଦନ, କର୍ପୂର ମିଶ୍ରିତ ସୁବାସିତ ଜଳରେ ମହାସ୍ନାନ, ବେଶ, ମହାପ୍ରସାଦ ସେବନ, ବଲ୍ଲଭ ଆଳତି ପରେ ମା' ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ପାଇଁ ପିତ୍ରାଳୟ ଦକ୍ଷପ୍ରଜାପତିଙ୍କ ମନ୍ଦିରରୁ ସାବିତ୍ରୀ ଭାରରେ ନୂଆ ଶାଢ଼ି, ଚୁଡ଼ି, ଅଳତା, ସିନ୍ଦୂର, କଜ୍ଜଳ, ପାନିଆ, ଦର୍ପଣ ସହ ମୁଗ, ଆମ୍ବ, ପଣସ, ନଡ଼ିଆ, ତାଳ ଓ ଖଜୁରୀ ଆଦି ଫଳ ମୂଳ ଆସିଥିବାବେଳେ ପାଳିଆ ମାଳି ମଧ୍ୟାହ୍ନରେ ମା'ଙ୍କୁ ପିତ୍ରାଳୟରୁ ଆସିଥିବା ନୂଆ ଶାଢ଼ି, ସିନ୍ଦୂର, କଜ୍ଜଳ ଓ ଚୁଡ଼ି ଆଦି ସମର୍ପଣ କରି ସୁସଜ୍ଜିତ ବେଶ କରାଇଥିଲେ। ପରିଚ୍ଛା ସାଆନ୍ତେ ବ୍ରତ ବିଧି ବଢ଼ାଇ ଆଳତି ବନ୍ଦାପନା ପରେ ଶଙ୍ଖୁଡ଼ି ଧୂପ ଲାଗି କରିଥିଲେ। ଏହି ବ୍ରତ ପାଳନ ନିମନ୍ତେ ଦେବୋତ୍ତର କାର୍ଯ୍ୟାଳୟ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା କାର୍ଯ୍ୟନିର୍ବାହୀ ବାଳମୁକୁନ୍ଦ ଦାସ କହିଛନ୍ତି।

## ସାବିତ୍ରୀ ପାଇଁ ମନ୍ଦିରରେ ମହିଳାଙ୍କ ଭିଡ଼

ବାଲୁଗାଁ,୨୬।୫(ସମିସ): ସାବିତ୍ରୀ ବ୍ରତ ଉପଲକ୍ଷେ ସୋମବାର ମହିଳାମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ସମଗ୍ର ବାଲୁଗାଁ ଓ ବାଣପୁର ଅଞ୍ଚଳର ନବ ବିବାହିତା ଓ ଗୃହିଣୀଙ୍କ ସମେତ ବୟସ୍କ ତଥା ପ୍ରତ୍ୟେକ ସଧବା ନାରୀ ସ୍ୱାମୀଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନର ଶୁଭ ମନାସୀ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀଉମାମହେଶ୍ୱରଦେବଙ୍କ ପୀଠ ପରିସରରେ ଅବସ୍ଥାପିତ ସତ୍ୟବାନ ସାବିତ୍ରୀ ମନ୍ଦିରରେ ଭୋରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସମଗ୍ର ଅଞ୍ଚଳର ସର୍ବ ପୁରାତନ ଶୈବପୀଠ ରାମେଶ୍ୱରଦେବ ମନ୍ଦିର, ସାମନ୍ତରାପୁର ଦଧିବାମନଦେବ ମନ୍ଦିର ଓ ବାଣପୁର ଅଞ୍ଚଳର ବିଭିନ୍ନ ମନ୍ଦିର ସମେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନ ମନାସୀ ପୂଜାର୍ଚ୍ଚନା କରିଥିଲେ।

## ସବ୍‌ଜେଲରେ ବ୍ରତ ପାଳିଲେ ୧୧ ଅନ୍ତେବାସୀ

ଖୋର୍ଦ୍ଧା, ୨୬।୫(ସମିସ): ବ୍ରିଟିଶ୍ ସମୟର ବହୁପୁରାତନ ଜେଲ ଭାବେ ଖୋର୍ଦ୍ଧା ସବ୍‌ଜେଲ ପରିଚିତ। ଏଠାରେ ବିଭିନ୍ନ ଅପରାଧିକ ମାମଲାରେ ଛନ୍ଦି ହୋଇ ରହୁଥିବା ୧୧ଜଣ ସଧବା ଅନ୍ତେବାସୀ ଆଜି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସକାଳୁ ଜେଲ ତରଫରୁ ସେମାନଙ୍କୁ ନୂତନ ଶାଢି, ଶଙ୍ଖା ସିନ୍ଦୁର ଏବଂ ଫଳମୂଳ ପ୍ରଦାନ କରାଯାଇଥିଲା। ଜେଲ ପରିସରରେ ଥିବା ମନ୍ଦିରରେ ବ୍ରାହ୍ମଣ ଠାକୁର ନିକଟରେ ପୂଜାର୍ଚ୍ଚନା କରିବା ପରେ ମହିଳା ଅନ୍ତେବାସୀମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ। ସେମାନେ ଜେଲ ମଧ୍ୟରେ ଥାଇ ମଧ୍ୟ ଭଗବାନଙ୍କ ନିକଟରେ ନିଜର ସ୍ୱାମୀଙ୍କ ଦୀର୍ଘାୟୁକାମନା କରିଥିଲେ। ସେହିପରି ଜେଲ ମଧ୍ୟରେ ଥିବା ପୁରୁଷ ଅନ୍ତେବାସୀଙ୍କ ପତ୍ନୀମାନେ ମଧ୍ୟ ନୂତନ ଶାଢି ଏବଂ ଠାକୁର ପ୍ରସାଦ ଆଣି ସ୍ୱାମୀଙ୍କ ପାଦ ପୂଜା କରିବା ସମେତ ସେମାନଙ୍କ ଦୀର୍ଘାୟୁ କାମନା କରିଥିଲେ। ସାବିତ୍ରୀ ବ୍ରତ ଅବସରରେ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ପ୍ରକାର ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିବା ଜେଲ ନିରୀକ୍ଷକ ରାଜୀବ କୁମାର ଦାସ ସୂଚନା ଦେଇଥିଲେ।

## ସାବିତ୍ରୀରେ ପଣସ ବେପାର ମାନ୍ଦା; ଖାଉଛନ୍ତି ଗୋରୁ



ନିରାକାରପୁର,୨୬।୫(ସମିସ): ସାବିତ୍ରୀ ଅମାବାସ୍ୟାରେ ଫଳ ବଜାରରେ ନିଆଁ ଲାଗିଥିବାବେଳେ ପଣସ ବେପାର କିନ୍ତୁ ପୁରା ମାନ୍ଦା। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଜାରରେ ବହୁ ବେପାରୀ ଭଲ ବେପାର ଆଶାରେ ଟ୍ରକ୍ ଟ୍ରକ୍ ପଣସ ଆଣି ଗଦାଇଥିଲେ। କିନ୍ତୁ ଲୋକ ମାନଙ୍କର ଏ ବର୍ଷ କାହିଁକି କେଜାଣି ପଣସ ପ୍ରତି ସତେ ଯେମିତି ଆଗ୍ରହ ନାହିଁ। ସାବିତ୍ରୀ ପର୍ଯ୍ୟନ୍ତ ବେପାର ହୋଇ ନଥିବାବେଳେ ପଚି ଯିବାରୁ କିଛି ବେପାରୀ ପଣସ ବଜାରରେ ଛାଡ଼ି ରାଗରେ ପଳାଇଥିଲେ। ଫଳରେ ବୁଲା ଗାଈଗୋରୁ ବଜାରରେ ବେପାର ପାଇଁ ରଖା ଯାଇଥିବା ପଣସ ଖାଉଥିବା ଦେଖିବାକୁ ମିଳିଥିଲା।

## ସାବିତ୍ରୀ ପୂର୍ବରୁ ଚାଲିଗଲା ସତ୍ୟବାନଙ୍କ ଜୀବନ

ବେଗୁନିଆ,୨୬।୫(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ସ୍ୱର୍ଗତ ପ୍ରଫୁଲ ଚନ୍ଦ୍ର ମହାପାତ୍ରଙ୍କ ବଡ଼ପୁଅ ବିଭୁ ପ୍ରସାଦ (୪୭) କିଛିଦିନ ତଳେ ଗଛରୁ ଆମ୍ବ ତୋଳୁଥିବା ବେଳେ ପଡ଼ି ଯିବାରୁ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସାବିତ୍ରୀ ବ୍ରତର ପୂର୍ବଦିନ ଘରକୁ ଫେରି ସାଙ୍ଗସାଥୀ ଓ ପରିବାରକୁ ଦେଖି ଖୁସି ଅନୁଭବ କରିଥିଲେ। ମାତ୍ର ବିଧିର ବିଧାନ ଥିଲା ଅଲଗା। ଘରେ ପହଞ୍ଚିବାର କେଇ ଘଣ୍ଟା ପରେ ଯନ୍ତ୍ରଣା ଅନୁଭବ କରିବାରୁ ପୁଣି ଚିକିତ୍ସା ପାଇଁ ନେଇ ଯାଉଥିବାବେଳେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ସମିତିସଭ୍ୟ ଡ଼ଃ ଶିଶିର କୁମାର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ କୁଳମଣି ମିଶ୍ର, ରାଜକିଶୋର ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ସମାଜସେବୀ ସୁବାସ ଚନ୍ଦ୍ର ମହାପାତ୍ର, କାଳନ୍ଦୀ ଚରଣ ମହାପାତ୍ର, ଶ୍ରୀକାନ୍ତ ବାହିନୀପତି ଓ ଡ଼ଃ ବିଦ୍ୟାଧର ମହାରଣା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ବରିଷ୍ଠ ପୁଲିସ ଅଧିକାରୀଙ୍କ ନାଁରେ ନକଲି ଆଇଡି କରି ଠକେଇ ଉଦ୍ୟମ

ଅସ୍ତରଙ୍ଗ,୨୬।୫(ସମିସ): ଅସ୍ତରଙ୍ଗ କାକଟପୁର ଅଞ୍ଚଳରେ ଏକ ଘଟଣା ପୂରା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଜଣେ ଦକ୍ଷ ସଚ୍ଚୋଟ ବରିଷ୍ଠ ପୁଲିସ ଅଧିକାରୀଙ୍କ ଫଟୋ ଆଉ ନାଁକୁ ନେଇ ଫେକ୍ ଆଇଡି ବନାଇ ସାଇବର ଅପରାଧୀ କିଛି ସାଧାରଣ ଲୋକଙ୍କୁ ଠକିବାକୁ ଉଦ୍ୟମ କରିଛନ୍ତି। କାକଟପୁର ଥାନାର ପୂର୍ବତନ ଅଧିକାରୀ ରବି ନାରାୟଣ ଭଞ୍ଜ ଯିଏକି ବର୍ତ୍ତମାନ ପୁରୀ ଜିଲ୍ଲା ସଦର ଡିଏସ୍‌ପି ଅଛନ୍ତି ତାଙ୍କ ନାମରେ ଫେସ୍‌ବୁକ୍ ମେସେଞ୍ଜରରୁ ଅସ୍ତରଙ୍ଗ ଅଞ୍ଚଳର ଜଣେ ଯୁବକ ପ୍ରକାଶ ଚନ୍ଦ୍ର ବେହେରା (ବାବୁଲି ବେହେରା) ଙ୍କୁ ତାଙ୍କ ଫୋନ୍ ନମ୍ବର ମାଗିବା ସହ "ମୋର ଜଣେ ବନ୍ଧୁ ସିଆର୍‌ପିଏଫ୍ ଯବାନଙ୍କର ବଦଳି ହୋଇଛି, ତାଙ୍କ ଫର୍ଣ୍ଣିଚର ସାମଗ୍ରୀ ସବୁ ୬୦ ହଜାର ଟଙ୍କାରେ ବିକ୍ରି କରିବାକୁ ଏକ ହ୍ୱାଟ୍ସଆପ୍ ନମ୍ବର ୯୫୩୨୬୦୧୧୦୪ରୁ କଲ୍ ଆସିଥିଲା। ଏହି ଘଟଣା ଅସ୍ତରଙ୍ଗ କାକଟପୁର ଅଞ୍ଚଳରେ ଏକ ବିସ୍ମୟ ରୂପକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣା କେବଳ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ନୁହେଁ ବରଂ କାକଟପୁର ଅଞ୍ଚଳର ଜଣେ ବରିଷ୍ଠ ସାମ୍ବାଦିକଙ୍କ ସହିତ ମଧ୍ୟ ସମାନ ଧାରଣରେ ଘଟିଛି। ଏଭଳି ସାଇବର ଲୁଟେରାଙ୍କୁ ତୁରନ୍ତ ଧରି ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଅନ୍ୟ ପଟେ ବରିଷ୍ଠ ପୁଲିସ ଅଧିକାରୀ ଶ୍ରୀ ଭଞ୍ଜ ଏହାର ତଦନ୍ତ କରି ତୁରନ୍ତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ପ୍ରକାଶ କରିଛନ୍ତି।

## ତମ୍ପ ସାପ ସହ ୧୯ ଅଣ୍ଡା ଉଦ୍ଧାର





ନିରାକାରପୁର,୨୬।୫(ସମିସ): ଖୋର୍ଦ୍ଧା ଜିଲ୍ଲା ବଘେଇପୁଟ ଗ୍ରାମର ସ୍ନେକ୍ ହେଲ୍‌ପ ଲାଇନ ସଦସ୍ୟ ବସନ୍ତ କୁମାର ବେହେରା ଆଜି ଏକ ୫ ଫୁଟିଆ ତମ୍ପ ସାପ ଓ ୧୯ ଅଣ୍ଡା ଉଦ୍ଧାର ଉଦ୍ଧାର କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କି ନିକଟସ୍ଥ ତେଲେଙ୍ଗାପଡ଼ା ଗ୍ରାମର ଜ୍ଞାନ ମାର୍ଥା ନିଜର ନୂତନ ଗୃହ ନିର୍ମାଣ କରିବାକୁ ପଥର ରଖିଥିବାବେଳେ ଉକ୍ତ ପଥର ତଳେ ଏକ ସାପ ରହି ଗର୍ଜନ କରୁଥିବା ଶୁଣିବାକୁ ପାଇଥିଲେ। ପରେ ସେମାନେ ସ୍ନେହ ହେଲ୍ପ ଲାଇନ ସଦସ୍ୟ ବସନ୍ତଙ୍କୁ ଜଣାଇଥିଲେ। ପରେ ବସନ୍ତ ସେଠାରୁ ବିଷାକ୍ତ ତମ୍ପ ସାପଟିକୁ ଉଦ୍ଧାର କରିବା ସହିତ ୧୯ ଟି ସାପ ଅଣ୍ଡା ଉଦ୍ଧାର କରିଛନ୍ତି। ସାପଟିକୁ ଜଙ୍ଗଲରେ ଛାଡ଼ି ଦେଇଥିବାବେଳେ ସୁରକ୍ଷିତ ୧୬ ଟି ଅଣ୍ଡାକୁ ରଖି ଛୁଆ ଦେଲା ପରେ ତାଙ୍କୁ ଜଙ୍ଗଲରେ ଛାଡ଼ି ଦେବେ ବୋଲି ସୂଚନା ଦେଇଛନ୍ତି।

**ଖୋର୍ଦ୍ଧାରେ ପାଇକ ସ୍ମାରକୀ ନିର୍ମାଣ ପ୍ରସଙ୍ଗ**

# ସ୍ମାରକୀସ୍ଥଳରେ ବକ୍ସି ଜଗବନ୍ଧୁଙ୍କ ଛୋଟ ପ୍ରତିମୂର୍ତ୍ତିକୁ ନେଇ ବିବାଦ

ଖୋର୍ଦ୍ଧା,୨୬।୫(ସମିସ): ଭାରତର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାର ବରୁଣେଇଠାରେ ନିର୍ମାଣାଧୀନ ପାଇକ ସ୍ମାରକୀ ପରିସରରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଉଚ୍ଚତାକୁ ନେଇ ତେଜିଛି ବିବାଦ। ଏଥିସହିତ

### ଚାରିପଟେ ଅଣଓସାରିଆ ରାସ୍ତାକୁ ନେଇ ତେଜୁଛି ଅସନ୍ତୋଷ

ସ୍ମାରକୀ ଚତୁଃପାର୍ଶ୍ୱର ରାସ୍ତା ଅଣଓସାରିଆକୁ ନେଇ ତେଜିଲାଣି ଅସନ୍ତୋଷ। ସୋମବାର ଏହି ମର୍ମରେ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି।

ମଞ୍ଚର ଅଭିଯୋଗ ଅନୁସାରେ, ବିଗତ ସପ୍ତାହରେ ଇଣ୍ଡିଆନ ଅଏଲ୍ ଫାଉଣ୍ଡେସନ୍ ଦ୍ୱାରା ଡକାଯାଇଥିବା ଟେଣ୍ଡରରେ ବକ୍ସି ଜଗବନ୍ଧୁଙ୍କର ବ୍ରୋଞ୍ଜ୍ ପ୍ରତିମୂର୍ତ୍ତିଟି ୧୫ ଫୁଟ୍ ହେବା ପାଇଁ ନିର୍ଦ୍ଦେଶ ରହିଛି। ଏଥିରୁ ଜଣାପଡୁଛି ଯେ ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ତଥା ଭାରତ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସଂଗ୍ରାମସ୍ଥଳ ଖୋର୍ଦ୍ଧାଠାରେ ପ୍ରାୟ ୧୦ ଏକର ଜାଗାରେ ୧୫ ଫୁଟ୍‌ର ଛୋଟ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ଏହା ପାଇକମାନଙ୍କର ବୀରତ୍ୱର ହୀନମନ୍ୟତା ପ୍ରକାଶ କରିବ। ଫଳରେ ଏଠାକୁ ପର୍ଯ୍ୟଟକମାନେ ଆସିବାକୁ ବିମୁଖ ହେବେ ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏଭଳି ଏକ ଚିନ୍ତାଧାରା ସମଗ୍ର ପାଇକ ସମାଜ ପ୍ରତି ଅସମ୍ମାନ ହୋଇଛି। ଏହି ପ୍ରତିମୂର୍ତ୍ତିଟି ୩୦ ମିଟର ବା ୧୦୦ ଫୁଟ୍ ଉଚ୍ଚତା କରିବା ପାଇଁ ମଞ୍ଚ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସେହିପରି ୨୦୧୭ରେ ପାଇକ ବିଦ୍ରୋହର ୨୦୦ ବର୍ଷର ପୂର୍ତ୍ତିକୁ ସମ୍ମାନ ଜଣାଇ ବରୁଣେଇ ଓ ଖୋର୍ଦ୍ଧାଗଡ଼କୁ ସଂଯୋଗ କରି ଏକ ୩୦ ଫୁଟ୍‌ର ରାସ୍ତା ତିଆରି କରାଯାଇଥିଲା। ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବରୁଣେଇକୁ ଯେଉଁ ପର୍ଯ୍ୟଟକ ଆସିବେ ସେମାନେ ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼କୁ ପରିଦର୍ଶନରେ ଯିବାର ସୁଯୋଗ ପାଇବେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ରାସ୍ତା ଉପରେ ପାଇକ ସ୍ମାରକୀ ତିଆରି ହେବ ବୋଲି ନିଷ୍ପତ୍ତି ନିଆଗଲା ଓ ସ୍ମାରକୀ ପରିସର ଚାରିପଟେ ପାଚେରି ନିର୍ମାଣ କରାଗଲା। ମାତ୍ର ଏହି ପାଚେରି ଚାରିପଟେ ପର୍ଯ୍ୟଟକମାନଙ୍କ ଯାତାୟାତ ପାଇଁ ଏକ ୭ ଫୁଟିଆ ଅଣଓସାରିଆ ରାସ୍ତା ତିଆରି କରାଗଲା। ଯେଉଁଥିରେ କୌଣସି ଯାନବାହନ ଯିବାଆସିବା କରିବା ସମ୍ଭବପର ନୁହେଁ। ଏହି ଅଣ ଓସାରିଆ ରାସ୍ତାର ଗୋଟିଏ ପାର୍ଶ୍ୱ ଓସାର ୫ଫୁଟ୍ ଥିବାବେଳେ ଅନ୍ୟ ପାର୍ଶ୍ୱଟି ୭ ଫୁଟ୍ ରହିଛି। ଯାହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି।

ପ୍ରକାଶ ଥାଉକି, ଏହି ରାସ୍ତା କଡ଼େ କଡ଼େ ରବିବାର ପ୍ରାୟ ୧.୫କୋଟି ଟଙ୍କାର ଟେଣ୍ଡର କରାଯାଇଥିବା ଟଙ୍କାରେ ଡ୍ରେନ୍ ନିର୍ମାଣ କରାଯାଉଥିବାବେଳେ ବିରୋଧ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ଏକ ଦାବିପତ୍ର ଖୋର୍ଦ୍ଧା ବିଧାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

**■ ଆସୁଛି ଲଘୁଚାପ, ମୌସୁମୀ; ଚିନ୍ତାରେ ଅଞ୍ଚଳବାସୀ**

# ବାହ୍ୟଜଗତରୁ ବିଚ୍ଛିନ୍ନ ହେବ ଟାଙ୍ଗୀ-କାଳୁପଡ଼ା !



ଟାଙ୍ଗୀ,୨୬।୫(ସମିସ): ବହୁ ଅଭିଯୋଗ ପରେ ଟାଙ୍ଗୀ କାଳୁପଡ଼ା ରାସ୍ତା ସମ୍ପ୍ରସାରଣ ସହ ବଡ଼ଶଙ୍ଖ ନବୀକରଣ ପାଇଁ ବ୍ୟୟ ମଞ୍ଜୁରିପରେ ଠିକାଦାରଙ୍କୁ ମଧ୍ୟ କାର୍ଯ୍ୟାଦେଶ ପ୍ରଦାନ କରାଗଲା। ତେବେ ଠିକାଦାରଙ୍କ ମନ୍ଥର କାର୍ଯ୍ୟ ଯୋଗୁ ହେଉ ଅବା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ଯୋଗୁ ଆଗକୁ ଆସୁଥିବା ଲଘୁଚାପ ଓ ମୌସୁମୀ ବର୍ଷା ଯୋଗୁ ଟାଙ୍ଗୀ-କାଳୁପଡ଼ା ପୂର୍ତ୍ତ ବିଭାଗ ରାସ୍ତା ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ଆଶଙ୍କା ଦେଖାଦେଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି।

ସୂଚନାଯୋଗ୍ୟ ଯେ, ଟାଙ୍ଗୀ କାଳୁପଡ଼ାଘାଟ ପୂର୍ତ୍ତ ବିଭାଗ ରାସ୍ତା ଦେଇ ପ୍ରତିଦିନ ଚିଲିକା ବ୍ଲକ ଜରିପଡା, କଳକଳେଶ୍ୱର ପଞ୍ଚାୟତ, କାଳୁପଡ଼ାପେଣ୍ଠକୁ ଶତାଧିକ ମାଛ ବେପାରୀ, ବିଭିନ୍ନ ରାଜ୍ୟ, ଜିଲ୍ଲା ଓ ରାଜ୍ୟ ବାହାରକୁ ମାଛ ରପ୍ତାନୀ ସହ ଶହ ଶହ ଛୋଟ ବଡ଼ ଗାଡ଼ି ମୋଟର ଏପରିକି ପ୍ରତିଦିନ ସହସ୍ରାଧିକ ରେଳଯାତ୍ରୀ କାଳୁପଡା ଷ୍ଟେସନକୁ ଯିବା ପାଇଁ ଏକମାତ୍ର ରାସ୍ତା। ରାସ୍ତା ପ୍ରଶସ୍ତ ସହ ଶଙ୍ଖ ନିର୍ମାଣ ବି ଦୀର୍ଘଦିନ ହେଲା ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଦିଆଯାଇଛି। ଯାତାୟତ ପାଇଁ ଶଙ୍କ ପାଶ୍ୱର୍ରେ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତା ଅତ୍ୟନ୍ତ ନିଚା, ପାଣି ନିଷ୍କାସନ ପାଇଁ ପକାଯାଇଥିବା ପାଇପ ଛୋଟ, ତଥା ରାସ୍ତାଟି ପୁଣି ସମ୍ପୂର୍ଣ୍ଣ ଅସୁରକ୍ଷିତ। ଶଙ୍ଖ କାମ ସରୁନଥିବାବେଳେ ଆସୁଥିବା ସମ୍ଭାବ୍ୟ ଲଘୁଚାପ ଲଗାଣ ବର୍ଷା ଓ ମୌସୁମି ପ୍ରଭାବରେ ବର୍ଷା ହେଲେ ଏହି ଅସ୍ଥାୟୀ ରାସ୍ତା ଧୋଇଯିବା ନିଶ୍ଚିତ। ଆଉ ଏହି ରାସ୍ତା ଧୋଇଗଲେ

### କାଲି ହେବ ବଡ଼ଶଙ୍ଖରେ ବନ୍ୟା ଜଳ ପ୍ରବେଶ

ଟାଙ୍ଗୀ-କାଳୁପଡ଼ାଘାଟ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାକୁ ଏଡ଼ାଇ ଦିଆଯାଇନପାରେ। ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହି ଶଙ୍ଖ କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ନଚେତ୍ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।




# ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ମୁଥ ମାରିଲେ ପତ୍ନୀ



ହନୋଇ, ୨୬।୫ (ଏଜେନ୍ସି): ଭିଏତନାମା ଗସ୍ତରେ ପହଞ୍ଚି ଥିବା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ନୋଇ ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅସହଜ ସ୍ଥିତିର ସମ୍ମୁଖୀନ ହେବାକୁ ପଡିଛି। ଏଠାରେ ମାକ୍ରନ ଏବଂ ତାଙ୍କ ପତ୍ନୀ ବ୍ରିଗିଟ ମାକ୍ରନଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ସ୍ଥିତି ଏଭଳି ହୋଇଥିଲା ଯେ ମାକ୍ରନଙ୍କ ମୁହଁକୁ ପତ୍ନୀ ମୁଥମାରି ଦେଇଥିଲେ। ଏବେ ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଆସୋସିଏଟେଡ ପ୍ରେସ ରବିବାର ଏହି ଭିଡିଓ ରେକର୍ଡ କରିଥିଲା। ଉଭୟେ ପତିପତ୍ନୀ ବିମାନରୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏହି ଘଟଣା ଘଟିଥିଲା। ଭିଡିଓରେ ଦେଖିବାକୁ ମିଳୁଛି ଯେ ମାକ୍ରନ ବିମାନର ଫାଟକ ଖୋଲିବା ପରେ ବ୍ରିଗିଟ ତାଙ୍କ ମୁହଁକୁ ମୁଥ ମାରି ଠେଲି ଦେଉଛନ୍ତି। ଏହା ଦେଖିବା ପରେ ମାକ୍ରନ ଚକିତ ହେଇ ଯାଉଛନ୍ତି। ପରେ ନିଜକୁ ସମ୍ଭାଳି ବାହାରେ ଛିଡ଼ା ହୋଇଥିବା ଲୋକଙ୍କୁ ଅଭିବାଦନ କରିବା ପାଇଁ ହାତ ହଲାଉଛନ୍ତି। ଏହା ପରେ ବିଗ୍ରିଟ ସ୍ୱାମୀଙ୍କ ସହ ବାହାରକୁ ଆସୁଛନ୍ତି। ମାକ୍ରନଙ୍କ ସହ ବିମାନରୁ ଓହ୍ଲାଉଛନ୍ତି। ଏହି ସମୟରେ ମାକ୍ରନ ନିଜ ହାତ ତାଙ୍କ ଅଭିମୁଖେ ବଢାଇବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ସେ ଏହାକୁ ଅଣଦେଖା କରିଦେଉଛନ୍ତି।

ପ୍ରଥମେ ମାକ୍ରନଙ୍କ ଅଫିସ ପକ୍ଷରୁ ଏହା ଉପରେ କୌଣସି ଟିପ୍ପଣୀ ଦେବାକୁ ମନା କରିଦିଆଯାଇଥିଲା। ପରେ ଉଭୟଙ୍କ ମଧ୍ୟରେ ସାମାନ୍ୟ ବିବାଦ ଥିବା ସ୍ୱୀକାର କରାଯାଇଥିଲା। ତେବେ ମାକ୍ରନ ଏହାକୁ ଥଟ୍ଟା ପରିହାସ କହିଥିଲେ।

# ପୁଟିନ ପାଗଳ ହୋଇଯାଇଛନ୍ତି: ଟ୍ରମ୍ପ

## ବିନା କାରଣରେ ଲୋକଙ୍କ ଜୀବନ ନେଉଛନ୍ତି

ୱାଶିଂଟନ, ୨୬।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜରୁଷ୍‌ସମକକ୍ଷଭ୍ଲାଦିମିରପୁଟିନଙ୍କଉପରେଭୀଷଣରାଗିଯାଇଛନ୍ତି। ପୁଟିନ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ୟୁକ୍ରେନ ଉପରେ ରଷର ଘନଘନ ବୋମାମାଡ଼କୁ ନେଇ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି। ସୋସିଆଲ ମିଡିଆରେ କହିଛନ୍ତି ଯେ ସେ ପୁଟିନଙ୍କ ସହ ସର୍ବଦା ଭଲ ସମ୍ବନ୍ଧ ରଖିଛନ୍ତି। ପୁଟିନଙ୍କ ସହ କିଛି ତ ଘଟିଛି, ଯେଉଁଥିପାଇଁ ସେ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଛନ୍ତି। ପୁଟିନ ବିନା କାରଣରେ ୟୁକ୍ରେନ ସହର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରୁଛନ୍ତି। ଏଥିରେ ଅନେକ ନିରୀହ ଲୋକଙ୍କ ଜୀବନ ଯାଉଛି। ସେ କିଛି ଅଂଶ ନୁହେଁ, ବରଂ ସମ୍ପୂର୍ଣ୍ଣ ୟୁକ୍ରେନ ଚାହୁଁଥିବା ଆଶଙ୍କା ଏବେ ସତ୍ୟ ସାବ୍ୟସ୍ତ ହେବା ପରି ଲାଗୁଛି। ଯଦି ଏପରି ହୁଏ ତେବେ ରୁଷ୍‌ର ପତନ ହୋଇଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ଆଉ ନୂଆ କଟକଣା ଲଗାଇବାକୁ କହିଛନ୍ତି। ୟୁକ୍ରେନ ଉପରେ ରୁଷ୍‌ର ସବୁଠୁ ପ୍ରଚଣ୍ଡ ଆକ୍ରମଣ ପରେ ଟ୍ରମ୍ପ ଏହି ଟିପ୍ପଣୀ ଦେଇଛନ୍ତି।

ଏହା ପୂର୍ବରୁ ଶନିବାର ରାତିରେ ରୁଷ୍ ମସ୍କୋ ଉପରେ ୯ଟି ବାଲିଷ୍ଟିକ ମିସାଇଲ, ୬୦ କ୍ରୁଜ ମିସାଇଲ ଏବଂ ୨୯୮ ଡ୍ରୋନରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ୧୩ ଜଣ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଥିଲେ। ଏହି ଯୁଦ୍ଧକୁ ନେଇ ଟ୍ରମ୍ପ ୟୁକ୍ରେନକୁ ମଧ୍ୟ ସମାଲୋଚନା କରିଛନ୍ତି। ସେ




କହିଛନ୍ତି ଯେ ଭୋଲ୍‌ଡାମିର ଜେଲେଁସ୍କି ୟୁକ୍ରେନର ଭଲ ଚାହୁଁ ନାହାନ୍ତି। ତାଙ୍କ ମୁହଁରୁ ବାହାରୁଥିବା ପ୍ରତ୍ୟେକ ଶବ୍ଦ ସମସ୍ୟା ସୃଷ୍ଟି କରୁଛି। ଭଲ ହେବ ଏହି ଯୁଦ୍ଧକୁ ବନ୍ଦ କରିଦିଆଯାଉ।

# ପାକିସ୍ତାନ ପାଇଁ ଗୁଇନ୍ଦାଗିରି, ସିଆରପିଏଫ ଯବାନ ଗିରଫ

ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ)କୁ ବଡ଼ ସଫଳତା ମିଳିଛି। ଜ୍ୟୋତି ମଲହୋତ୍ରାଙ୍କୁ ନେଇ ଦେଶରେ ଚର୍ଚ୍ଚା ଜାରି ରହିଥିବାବେଳେ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଜଣେ ସିଆରପିଏଫ ଯବାନଙ୍କୁ ସୋମବାର ଦିଲ୍ଲୀରୁ ଏନଆଇଏ ଗିରଫ କରିଛି। ତେବେ ଗତ ୨୧ ତାରିଖରୁ ଏହି ଯବାନ ମୋତିରାମ ଜାଟ୍‌ଙ୍କୁ ଅଟକ ରଖା ଯାଇଥିଲା। ଗିରଫ ପରେ ତାଙ୍କୁ ଦିଲ୍ଲୀର ସ୍ୱତନ୍ତ୍ର ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ଜୁନ ୬ ଯାଏ ଏନଆଇଏ ହେପାଜତକୁ ପଠାଇ ଦେଇଛନ୍ତି।ଏହି ଯବାନ ମୋତିରାମ ଜାଟ୍ ଭାରତର ସୁରକ୍ଷା ବ୍ୟବସ୍ଥା ସହ ଜଡ଼ିତ ଥାଇ ଅନେକ ସମ୍ବେଦନଶୀଳ ତଥ୍ୟ ପାକିସ୍ତାନ ଗୁଇନ୍ଦା ଅଫିସର୍ସ ବା ପିଆଇଓମାନଙ୍କୁ ଦେଇଛନ୍ତି। ୨୦୨୩ରୁ ସେ ଏପରି କରି ଚାଲିଥିଲେ। ଏଥିପାଇଁ ମୋତି ରାମଙ୍କୁ ପରୋକ୍ଷ ଚ୍ୟାନେଲ ମାଧ୍ୟମରେ ମୋଟା ଅଙ୍କର ଅର୍ଥ ମିଳୁଥିଲା। ଏହାପୂର୍ବରୁ ଭାରତ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ହରିୟାଣା, ପଞ୍ଜାବ, ଉତ୍ତର ପ୍ରଦେଶରୁ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସମେତ ଏକାଧିକ ସ୍ୱାସ୍ଥ୍ୟକର୍ମୀ, ବ୍ୟବସାୟୀ, ଶିକ୍ଷାର୍ଥୀ ଓ ଅନ୍ୟମାନଙ୍କୁ ଗିରଫ କରାଯାଇଥିଲା। ଏମାନେ ସାମରିକ ଏବଂ ରଣନୈତିକ ସୂଚନା ପାକିସ୍ତାନକୁ ପ୍ରଦାନ କରୁଥିଲେ।

# କାର୍ଯ୍ୟାନୁଷ୍ଠାନ ପୂର୍ବରୁ ପାକିସ୍ତାନକୁ ସୂଚନା ଦିଆଯାଇ ନ ଥିଲା: ମନ୍ତ୍ରୀ



ନୂଆଦିଲ୍ଲୀ, ୨୬।୫: ପହଲଗାମରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାଲାଗି ଉଦ୍ଦିଷ୍ଟ ଅପରେସନ ସିନ୍ଦୂର ସଂପର୍କରେ ପାକିସ୍ତାନକୁ ଆଗରୁ କୌଣସି ସୂଚନା ଦିଆଯାଇନଥିଲା। ସାମରିକ କାର୍ଯ୍ୟାନୁଷ୍ଠାନର ଅଧ ଘଣ୍ଟା ପରେ ପାକିସ୍ତାନକୁ ଜଣାଇ ଦିଆଯାଇଥିଲା ଯେ କେବଳ ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରାଯାଇଛି ଏବଂ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଇ ନାହିଁ। ଯଦି ପାକିସ୍ତାନ ଭାରତ ଉପରେ ଆକ୍ରମଣ କରେ, ଏହାର ଦୃଢ଼ ଜବାବ ଦିଆଯିବ। ଭାରତର ସାମରିକ ଅଧିକାରୀ ଡିଜିଏମ୍‌ଓ ତାଙ୍କ ପାକିସ୍ତାନୀ ପ୍ରତିପକ୍ଷଙ୍କୁ ଏହା ଜଣାଇଥିଲେ। ଆଜି ଏଠାରେ ଅନୁଷ୍ଠିତ ସଂସଦୀୟ କମିଟିରେ ହାଜର ହୋଇ ଏହା କହିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର। ଅପରେସନ ସିନ୍ଦୂର ପୂର୍ବରୁ ପାକିସ୍ତାନକୁ ଭାରତ ସରକାର ଆଗୁଆ ସୂଚନା ଦେଇଥିଲେ ବୋଲି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କରିଥିବା ଅଭିଯୋଗକୁ ଖଣ୍ଡନ କରି ସେ କହିଲେ, ଏଥିରେ କୌଣସି ସତ୍ୟତା ନାହିଁ। ସେ କିମ୍ବା ଅନ୍ୟ କୌଣସି ଅଧିକାରୀ ଏସଂପର୍କରେ ପାକିସ୍ତାନୀ ଅଧିକାରୀ କି ମନ୍ତ୍ରୀଙ୍କ ସହିତ କେବେହେଲେ କଥା ହୋଇ ନାହାନ୍ତି। କେବଳ ଡିଜିଏମ୍‌ଓ ହିଁ କଥା ହୋଇଛନ୍ତି।

■ **ଅପରେସନ ସିନ୍ଦୂର ସଂପର୍କରେ ବିଦେଶ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ**

ଅସ୍ତ୍ରବିରତିରେ ଆମେରିକାର ଭୂମିକା ନେଇ ଜୟଶଙ୍କର କହିଲେ ଯେ ଏଥିରେ ଆମେରିକାର କୌଣସି ଭୂମିକା ନଥିଲା। ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଲାଗି ପାକିସ୍ତାନର ଡିଜିଏମ୍‌ଓ ଅନୁରୋଧ କରିବାରୁ ଭାରତ ରାଜି ହୋଇଥିଲା। ପାକିସ୍ତାନ ସହିତ କଥା ହେବାଲାଗି ଆମେରିକା ପଟୁ ଚାପ ପଡୁଥିଲା, କିନ୍ତୁ ଭାରତ ରାଜି ହୋଇନଥିଲା। ଭାରତ ଆମେରିକାକୁ ଜଣାଇଥିଲା, 'ପାକିସ୍ତାନ ଆକ୍ରମଣ କଲେ, ଆମେ ଏହାର ଜବାବ ଦେବୁ। ସେମାନେ ଆକ୍ରମଣ ବନ୍ଦ କଲେ, ଆମେ ବି ବନ୍ଦ କରିବୁ। ଭାରତ ଉପରେ ପାକିସ୍ତାନ ବଡ଼ ଧରଣର ଆକ୍ରମଣ କରିବାକୁ ଯୋଜନା କରୁଥିବା ନେଇ ଗୁଇନ୍ଦା ଖବର ମିଳିଛି ବୋଲି ଆମେରିକାର ବୈଦେଶିକ ମନ୍ତ୍ରୀ ସୂଚନା ଦେବାରୁ ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଥିଲା ଯେ ଭାରତ ମଧ୍ୟ ଏହାର କଡ଼ା ଜବାବ ଦେବାକୁ ପ୍ରସ୍ତୁତ ଅଛି। ବୈଠକରେ ସବୁ ଦଳର ସାଂସଦ ଉପସ୍ଥିତ ଥିଲେ। ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ପାକିସ୍ତାନର ମୁଖା ଖୋଲିବା ଲାଗି ଭାରତ ପକ୍ଷରୁ ବିଶ୍ୱବ୍ୟାପୀ ଅଭିଯାନ ଆରମ୍ଭ ହୋଇଛି ଏବଂ ସର୍ବଦଳୀୟ ପ୍ରତିନିଧି ଦଳ ବିଭିନ୍ନ ଦେଶକୁ ଯାଇଛନ୍ତି। ଆତଙ୍କବାଦ ବିରୋଧରେ ଆମେ ଏକ ଅଛୁ ବୋଲି ବିଶ୍ୱକୁ ବାର୍ତ୍ତା ଦେଇଛୁ। ଏକ୍ଷେତ୍ରରେ ସେ ସମସ୍ତ ସାଂସଦଙ୍କ ସହଯୋଗ ଲୋଡ଼ିଥିଲେ। ବୈଦେଶିକ ସଚିବ ବିକ୍ରମ ମିସ୍ରି ଅପରେସନ ସିନ୍ଦୂର ସଂପର୍କରେ ସୂଚନା ଦେଇଥିବା ବେଳେ ଜୟଶଙ୍କର ସାଂସଦଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଶେଷ କରି ଅପରେସନ ସିନ୍ଦୂର ପରେ ଚୀନ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ସଂପର୍କକୁ ନେଇ କଂଗ୍ରେସ ସାଂସଦ ଚିନ୍ତା ପ୍ରକଟ କରିବା ସହିତ ସରକାରଙ୍କୁ ସତର୍କ କରାଇଥିଲେ। ଜୟଶଙ୍କର ଆହୁରି କହିଥିଲେ ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧର ଟିକିଏ ବି ସମ୍ଭାବନା ନଥିଲା।

# ଗୌରବ ଗୋଗୋଇ ଆସାମ କଂଗ୍ରେସର ନୂଆ ସଭାପତି



ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ସାଂସଦ ଗୌରବ ଗୋଗୋଇଙ୍କୁ ଆସାମ ପ୍ରଦେଶ କଂଗ୍ରେସର ସଭାପତି ନିଯୁକ୍ତ କରାଯାଇଛି। ଆସନ୍ତା ବର୍ଷ ଆରମ୍ଭରେ ଆସାମରେ ହେବାକୁ ଯାଉଥିବା ରାଜ୍ୟ ବିଧାନସଭା ନିର୍ବାଚନ ଗୋଗୋଇଙ୍କ ନେତୃତ୍ୱରେ କଂଗ୍ରେସ ଲଢ଼ିବ। ଏହାସହିତ ଜାକିର ହୁସେନ, ରୋସେଲିନା ତିର୍କି ଏବଂ ପ୍ରଦୀପ ସର୍କାରଙ୍କୁ କାର୍ଯ୍ୟକାରୀ ସଭାପତି କରାଯାଇଛି। ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ପୁତ୍ର ଗୌରବ ଏବେ ଲୋକସଭାରେ କଂଗ୍ରେସ ସଂସଦୀୟ ଦଳର ଉପନେତା ଅଛନ୍ତି।

# ଜୁନ ୧୯ରେ ୮ ରାଜ୍ୟସଭା ଆସନ ପାଇଁ ନିର୍ବାଚନ

ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଆସନ୍ତା ଜୁନ ୧୯ ତାରିଖରେ ରାଜ୍ୟସଭାର ୮ଟି ଆସନ ପାଇଁ ନିର୍ବାଚନ ହେବ। ଭାରତର ନିର୍ବାଚନ କମିସନ ଆଜି ଏହି ଘୋଷଣା କରି କହିଛନ୍ତି ଯେ ଭୋଟ୍ ଦିନ ହିଁ ଗଣତି ଓ ଫଳାଫଳ ଘୋଷଣା କରାଯିବ। ତାମିଲନାଡୁର ୬ଟି ଆସନ ଏବଂ ଆସାମରୁ ଦୁଇଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଜୁନ ଓ ଜୁଲାଇରେ ଏହି ଆସନଗୁଡ଼ିକ ଖାଲି ପଡ଼ିବ। ଆସାମରୁ ଦୁଇ ଜଣ ବିଜେପି ସଭ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ତାମିଲନାଡୁରେ ଡିଏମକେର ଦୁଇ ଜଣ, ଆନ୍ନାଡିଏମକେ, ଏମଡିଏମକେ ଓ ପିଏମକେର ଜଣେ ଲେଖାଏଁ ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେବ।

**ପାକିସ୍ତାନକୁ ମୋଦୀଙ୍କ ଚେତାବନୀ**

# ଭାରତ ଉପରେ ଆଖି ଉଠାଇଲେ ଛାଡ଼ିବୁ ନାହିଁ



ଭୁଜ୍, ୨୬।୫ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦୁଇ ଦିନିଆ ଗୁଜରାଟ ଗସ୍ତରେ ଯାଇଛନ୍ତି। ସେ ଭୁଜ୍‌ରୁ ଭାରତ ଶତ୍ରୁ ରାଷ୍ଟ୍ରଙ୍କୁ ଚେତାବନୀ ଦେଇଛନ୍ତି। ଭାରତ ଉପରେ ଆଖି ଉଠାଇଲେ ଛାଡିବୁ ନାହିଁ ବୋଲି ମୋଦୀ କହିଛନ୍ତି। ପାକିସ୍ତାନକୁ ମଧ୍ୟ ଧମକ ଦେଇଛନ୍ତି। ଶାନ୍ତିରେ ବଞ୍ଚ ଏବଂ ନିଜ ଭାଗର ଖାଦ୍ୟ ଖାଅ, ନଚେତ୍ ମୋ ପାଖରେ ଗୁଳି ଅଛି ବୋଲି ମୋଦୀ କହିଛନ୍ତି। ଏହା ପୂର୍ବରୁ ମୋଦୀ ଦାହୋଦରେ ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ୧୪୦ କୋଟି ଭାରତୀୟଙ୍କୁ ଆହ୍ୱାନ ଦେଇଥିଲେ। ସେହି ଆହ୍ୱାନର ଆମେ ଜବାବ ଦେଇଛୁ। ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ମଧ୍ୟ ଧ୍ୱଂସ କରିଛୁ। ଏପରି ପରିସ୍ଥିତିରେ ମୋଦୀ ଚୁପ୍ ରହିପାରିବେ ନାହିଁ। କେହି ଆମ ଭଉଣୀମାନଙ୍କର ସିନ୍ଦୁର ଲିଭାଇ ଦେଲେ ତେବେ ତାଙ୍କୁ ମଧ୍ୟ ମିଟାଇ ଦିଆଯିବ। ଯେଉଁମାନେ ଆତଙ୍କବାଦକୁ ପାଳୁଛନ୍ତି ସେମାନେ ମୋଦୀ ସହିତ ପ୍ରତିଯୋଗିତା କରିବା ଏତେ କଷ୍ଟକର ହେବ ବୋଲି ଭାବି ନ ଥିଲେ।

ସୂଚନାଯୋଗ୍ୟ ଯେ ମୋଦୀ ସକାଳେ ପ୍ରଥମେ ଭଦୋଦରା, ତା'ପରେ ଦାହୋଦ ଏବଂ ପରେ ଭୁଜରେ ପହଞ୍ଚିଥିଲେ। ସେ ତିନୋଟି ସ୍ଥାନରେ ରୋଡ୍ ଶୋ କରିଥିଲେ। ଦାହୋଦ ଏବଂ ଭୁଜରେ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ ଭୁଜରେ ୫୩, ୪୦୦ କୋଟି ଟଙ୍କାର ୩୧ ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ ମଧ୍ୟ କରିଥିଲେ।

■ **ତ୍ରୁଟି ପ୍ରତିରୋପଣ**

# ୨ ଇଞ୍ଜିନିୟରଙ୍କ ଜୀବନ ନେଇ ଡାକ୍ତର ଗିରଫ



କାନପୁର, ୨୬।୫ (ଏଜେନ୍ସି): ତ୍ରୁଟି ପ୍ରତିରୋପଣ ନାମରେ ୨ ଇଞ୍ଜିନିୟରଙ୍କ ଜୀବନ ନେଇଥିବା ଅଭିଯୁକ୍ତ ମହିଳା ଡାକ୍ତର ଅନୁଷ୍କା ତିୱାରୀ ସୋମବାର କାନପୁରର ଏକ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେ ୧୮ ଦିନ ହେଲା ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ପୁଲିସ ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ ସମେତ ଅନେକ ରାଜ୍ୟରେ ଚଢ଼ଉ କରିଥିଲା। ଅନୁଷ୍କା ଇଞ୍ଜିନିୟର ଭିନୀତ ଦୁବେ ଏବଂ ମୟଙ୍କ କଟିୟାରଙ୍କ ତ୍ରୁଟି ପ୍ରତିରୋପଣ କରିଥିଲେ। ତେବେ ପ୍ରତିରୋପଣର କିଛି ଘଣ୍ଟା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଥିଲା। ଦୁଇ ଜଣଙ୍କ ମୁହଁ ଫୁଲି ଯାଇଥିଲା। ଏହାର ୨୪ ଘଣ୍ଟା ମଧ୍ୟରେ ଉଭୟେ ପ୍ରାଣ ହରାଇ ଥିଲେ।

ଭିନୀତ ଦୁବେଙ୍କ ପତ୍ନୀ ମୁଖ୍ୟମନ୍ତ୍ରୀ ପୋର୍ଟାଲରେ ଅଭିଯୋଗ କରିବାରୁ ଏହି ମାମଲା ସାମ୍ନାକୁ ଆସିଥିଲା। ଏହା ପରେ ପୁଲିସ ଅଧିକାରୀ ସକ୍ରିୟ ହୋଇ ଡାକ୍ତର ଅନୁଷ୍କାଙ୍କ ବିରୋଧରେ ଏତଲା ରୁଜୁ କରିଥିଲେ। ଆଜି ଡାକ୍ତର ଅନୁଷ୍କା ପୁଲିସକୁ ଚକମା ଦେଇ ସିଜେଏମ (ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ) ସୂରଜ ମିଶ୍ରଙ୍କ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଅନୁଷ୍କା ତାଙ୍କ ସ୍ୱାମୀ ସୌରଭ ତ୍ରିପାଠିଙ୍କ ସହ କୋର୍ଟରେ ପହଞ୍ଚିଥିଲେ। ତାଙ୍କ ସହିତ ଦୁଇଜଣ ଓକିଲ ମଧ୍ୟ ଥିଲେ। ଅନୁଷ୍କା ତାଙ୍କ ମୁହଁକୁ ଓଢଣୀରେ ଘୋଡ଼ାଇ ଦେଇଥିଲେ। ପରେ କୋର୍ଟ ତାଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଥିଲେ। କୋର୍ଟରେ ହାଜର ହେବାଠାରୁ ଜେଲ ଯିବା ପର୍ଯ୍ୟନ୍ତ ଅନୁଷ୍କା କାନ୍ଦି ଚାଲିଥିଲେ। ଏହି ସମୟରେ ସ୍ୱାମୀ ସୌରଭ ତାଙ୍କୁ ଆଶ୍ୱାସନା ଦେଉଥିଲେ। ଶୀଘ୍ର ଜାମିନରେ ଜେଲରୁ ମୁକୁଳିବେ ବୋଲି କହିଥିଲେ। ସ୍ୱାମୀଙ୍କ ବ୍ୟତୀତ, ପରିବାରର ଅନ୍ୟ ସଦସ୍ୟମାନେ ଅନୁଷ୍କାଙ୍କୁ ଜେଲରେ ଛାଡ଼ିବାକୁ ମଧ୍ୟ ଆସିଥିଲେ।

# ଗାଜା ସ୍କୁଲରେ ଇସ୍ରାଏଲର ଆକ୍ରମଣ, ୩୬ ପିଲା ନିହତ

ଗାଜା, ୨୬।୫: ଗାଜାରେ ଆଜି ଇସ୍ରାଏଲ ବଡ଼ ଧରଣର ଆକ୍ରମଣ କରିଛି। ଏଥିରେ ୫୨ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ଗୋଟିଏ ସ୍କୁଲର ୩୬ ଜଣ ପିଲା ଅଛନ୍ତି। ଇସ୍ରାଏଲ ପକ୍ଷରୁ ସ୍କୁଲ ସମେତ ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ବୋମାମାଡ଼ କରାଯାଇଛି। ଏହାସହିତ କ୍ଷେପଣାସ୍ତ୍ର ଆକ୍ରମଣ ମଧ୍ୟ ହୋଇଛି।

୨୦୨୩ରେ ଇସ୍ରାଏଲରେ ହମାସ ଆକ୍ରମଣ ପରେ ଇସ୍ରାଏଲ ଗାଜାରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୪୦ ହଜାରରୁ ଅଧିକ ପାଲେଷ୍ଟାଇନୀୟଙ୍କ ମୃତ୍ୟୁ ଘଟିଲାଣି। ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବାପରେ ଇସ୍ରାଏଲ ଓ ହମାସ ମଧ୍ୟରେ କିଛି ଦିନ ପାଇଁ ଅସ୍ତ୍ରବିରତି ହୋଇଥିଲା। ମାତ୍ର ଅସ୍ତ୍ରବିରତି ଶେଷ କରି ଇସ୍ରାଏଲ ଗତ ମାର୍ଚ୍ଚରୁ ଗାଜା ଉପରେ ପୁଣି ଆକ୍ରମଣ ଚଳାଇଛି।

ଆଜିର ଆକ୍ରମଣରେ ସ୍କୁଲ ପିଲାଙ୍କ ସମେତ ଜଣେ ସାମ୍ବାଦିକ ଓ ତାଙ୍କ ପରିବାରର ଅନେକ ସଭ୍ୟ



ତଥା ଏମରଜେନ୍ସି ଅଧିକାରୀ ମଧ୍ୟ ନିହତ ହୋଇଛନ୍ତି। ଆକ୍ରମଣରେ ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ସ୍କୁଲ ମାଟିରେ ମିଶିଯାଇଥିବା ବେଳେ ଅନେକ କୋଠା ମଧ୍ୟ ଧୂଳିସାତ ହୋଇଯାଇଛି। ଇସ୍ରାଏଲ ପକ୍ଷରୁ ଦାବି କରାଯାଇଛିଯେହମାସ୍‌ରକମାଣ୍ଡଓକଂଟ୍ରୋଲବ୍ୟବସ୍ଥାକୁ ଧ୍ୱଂସ ନକରିବା ପର୍ଯ୍ୟନ୍ତ ଆକ୍ରମଣ ବନ୍ଦ ହେବନାହିଁ।

**ପାକିସ୍ତାନ ପାଇଁ ଗୁଇନ୍ଦାଗିରି ମାମଲା**

# ୧୪ ଦିନ ପାଇଁ ଜେଲ୍ ଗଲେ ଜ୍ୟୋତି

ହିସାର, ୨୬।୫ (ଏଜେନ୍ସି): ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ୟୁଟ୍ୟୁବର ଜ୍ୟୋତି ମଲହୋତ୍ରାଙ୍କୁ ହିସାର କୋର୍ଟ ସୋମବାର ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ତାଙ୍କୁ ହିସାର ୨ ନମ୍ବର କେନ୍ଦ୍ରୀୟ ଜେଲ୍‌ରେ ରଖାଯିବ। ଏଠାରେ କେବଳ ମହିଳା କଏଦୀ ରହୁଛନ୍ତି। ଏହା ମଧ୍ୟରେ ଜ୍ୟୋତିଙ୍କ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ସେ ପାକିସ୍ତାନ ବଜାରରେ ବୁଲୁଥିବାର ଦେଖାଯାଉଛି। ଏହି ସମୟରେ ତାଙ୍କୁ ଗାର୍ଡମାନେ ସୁରକ୍ଷା ଦେଉଛନ୍ତି।

# ଡିଆରଡିଓ ମୁଖ୍ୟଙ୍କ କାର୍ଯ୍ୟକାଳ ବଢ଼ିଲା

ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ପ୍ରତିଷ୍ଠାନ (ଡିଆରଡିଓ) ମୁଖ୍ୟ ସମୀର ଭି କାମାତଙ୍କ କାର୍ଯ୍ୟକାଳଙ୍କୁ ସରକାର ବର୍ଷେ ପାଇଁ ବୃଦ୍ଧି




କରିଦେଇଛନ୍ତି। ଏବେ ସେ ୨୦୨୬ ମେ' ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ଦ୍ୱିତୀୟ ଥର ପାଇଁ ତାଙ୍କ କାର୍ଯ୍ୟକାଳକୁ ସରକାର ବଢ଼ାଇଛନ୍ତି। ୨୦୨୨ ଅଗଷ୍ଟ ୨୫ରେ କାମାତଙ୍କୁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ବିଭାଗ (ଡିଡିଆରଆଣ୍ଡ ଡି) ସଚିବ ଏବଂ ରେ ଡିଆରଡିଓ ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ଗତ ବର୍ଷ ମେ ୨୭ ରେ ଏକ ବର୍ଷ ପାଇଁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଥିଲା। ଏହା ଚଳିତ ମାସରେ ଶେଷ ହେଉଥିଲା।



# ନାଟକ କରୁଛି ଲାଲୁ ପରିବାର: ଐଶ୍ୱର୍ଯ୍ୟା

ପାଟନା, ୨୬।୫ (ଏଜେନ୍ସି): ବିହାର ନିର୍ବାଚନ ପୂର୍ବରୁ ରାଜ୍ୟରେ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ନେଇ ଝଡ଼ ସୃଷ୍ଟି ହୋଇଛି। ନିଜ ସୋସିଆଲ ମିଡିଆ ସାଇଟ୍‌ରେ ଅନୁଷ୍କା ଯାଦବଙ୍କ ସହ ଲାଲୁଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ଫଟୋ ପୋଷ୍ଟ କରିବା ପରେ ଏହି ପରିବାରର ମୁଖା ଖୋଲି ଯାଇଥିଲା। ପୁଅ ନିଜେ ଅନୁଷ୍କାଙ୍କ ସହ ୧୨ ବର୍ଷ ହେଲା ସମ୍ବନ୍ଧରେ ଥିବା ସ୍ୱୀକାର କରିଥିଲେ। ତେବେ ଏହା ଦ୍ୱାରା ପରିବାରର ଛବି ଖରାପ ହୋଇ ରାଜନୈତିକ କ୍ଷତି ଘଟିବା ଆଶଙ୍କା କରିଥିଲା ଲାଲୁ ପରିବାର। ସେଥିପାଇଁ କ୍ଷତିକୁ ଭରଣା କରିବା ନିମନ୍ତେ ଆରମ୍ଭ ହୋଇଥିଲା ରାଜନୈତିକ ଡ୍ରାମା। ପୁଅ ଆକାଉଣ୍ଟ ହ୍ୟାକ୍‌ର ବାହାନ କରିଥିଲେ। କିନ୍ତୁ ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିବା ପରେ ଫସି ଯାଇଥିଲେ। ଏହା ପରେ ବାପା ସମ୍ଭାଳି ଥିଲେ ମୋର୍ଚ୍ଚା। ଦଳ ଏବଂ ପରିବାରରୁ ପୁଅକୁ ୬ ବର୍ଷ ପାଇଁ ବିଦା କରି ଲାଲୁ ଖେଳିଥିଲେ ଆଉ ଏକ ନାଟକ। ଆଉ ଏହି ନାଟକର କଳାକାର ସାଜିଛନ୍ତି ଲାଲୁ ପରିବାରର ସବୁ ସଦସ୍ୟ। ଏହା ପଛରେ ରହିଛି କେବଳ ଜନତାଙ୍କୁ ଭୂଆଁ ବୁଲାଇବାର ଉଦ୍ଦେଶ୍ୟ। ତେଜ୍‌ପ୍ରତାପଙ୍କ ପ୍ରଥମ ପତ୍ନୀ ଐଶ୍ୱର୍ଯ୍ୟା ରାୟ ଲଗାଇଛନ୍ତି ଏଭଳି ସଙ୍ଗୀନ ଅଭିଯୋଗ। ଯଦି ପରିବାର ସବୁ ସଦସ୍ୟ ପୁଅର ପ୍ରେମ ବ୍ୟାପାର ସମ୍ପର୍କରେ ଜାଣିଥିଲେ ତେବେ କାହିଁକି ମୋ ଜୀବନ ବର୍ବାଦ କରିଦେଲେ? ପୁଅର ବିବାହ କାହିଁକି କରାଇଲେ? ମୋତେ ବାଡେଇଲେ କାହିଁକି? ମୋ ସହ ମାରପିଟ୍ କରିବାବେଳେ କୁଆଡେ ଯାଇଥିଲା ସାମାଜିକ ନ୍ୟାୟ ବୋଲି ପଚାରିଛନ୍ତି ଐଶ୍ୱର୍ଯ୍ୟା।

କୋର୍ଟରେ ଛାଡ଼ପତ୍ର ମାମଲା ଚାଲିଥିବାବେଳେ ଐଶ୍ୱର୍ଯ୍ୟା କହିଛନ୍ତି ଯେ ପୁଅକୁ ଘରୁ ବାହାର କରିଦେବା ବେଦଖଲ କରିବା ହୋଇ ନ ଥାଏ। କାଲି ତେଜପ୍ରତାପଙ୍କ ଘରକୁ ଯାଇ ରାବଡୀ ଦେବୀ ତାଙ୍କୁ ବୁଝାଇ ଥିବେ। ସମସ୍ତେ ମିଳିମିଶି ଏହି ଡ୍ରାମା କରୁଛନ୍ତି। ରାବଡୀ ଦେବୀ ପୁଅର ଲୁହ ପୋଛି ଦେଇଥିବେ। ଆଉ ଚୁପ ହୋଇଯା ସବୁ କିଛି ଠିକ୍ କରିଦେବି ବୋଲି କହିଥିବେ। ଖାଲି ସୋସିଆଲ ମିଡିଆରୁ ବାହାର କରିଦେଲେ କିଛି ହୋଇଯିବ ନାହିଁ। ସମ୍ପୂର୍ଣ୍ଣ ପରିବାର ମିଶି ମୋ ଜୀବନକୁ ନର୍କ କରିଦେଲେ। ସମସ୍ତେ ମିଳିମିଶି ଏପରି କରୁଛନ୍ତି। ଏହା ହେଉଛି ନିର୍ବାଚନୀ ଡ୍ରାମା। ଅନୁଷ୍କାଙ୍କ ବିଷୟରେ ସେ ପୂର୍ବରୁ ଜାଣି ନ ଥିଲେ। ଏବେ ମୁଁ କ'ଣ କରିବି? କୋର୍ଟରେ ଏହି ପ୍ରସଙ୍ଗ ଉଠାଯିବ। ପୁଅର ଭୁଲ୍‌କୁ ଲୁଚାଇବା ପାଇଁ ସବୁ ଦୋଷ ମୋ ଉପରେ ଲଦି ଦିଆଯାଉଥିଲା। ଏମାନେ ମୋ ପାଇଁ କିଛି କରିନାହାନ୍ତି। ମୋ ସହ ଏଭଳି ଭାବେ ଖେଳିଲେ କାହିଁକି? ଲାଲୁ ପରିବାର ଏହାର ଉତ୍ତର ଦେଉ। ସେହିପରି ଅନୁଷ୍କା ଏବଂ ସିହ୍ନା ନାମକ ଯୁବତୀ ବିଷୟରେ ଐଶ୍ୱର୍ଯ୍ୟା କିଛି ଜାଣି ନ ଥିବା କହିଛନ୍ତି। ସେ ଦିଅର ତେଜସ୍ୱୀଙ୍କୁ ମଧ୍ୟ ପ୍ରଶ୍ନ କରିଛନ୍ତି। ଏ ପର୍ଯ୍ୟନ୍ତ ଉଭୟଙ୍କ ଛାଡ଼ପତ୍ର ହୋଇ ନାହିଁ। ଏପରି ସ୍ଥିତିରେ ସେ କ'ଣ କରିବେ ବୋଲି ଐଶ୍ୱର୍ଯ୍ୟା ପ୍ରଶ୍ନ କରିଛନ୍ତି।



## ଅନୁଷ୍କା ଯାଦବ କିଏ

ଏବେ ଲାଲୁ ପରିବାରକୁ ନେଇ ବିହାର ରାଜନୀତି ଉଠୁଛି ଆଉ ପଡୁଛି। ସମସ୍ତେ ତେଜପ୍ରତାପଙ୍କ ସହ ଫଟୋଥିବା ଅନୁଷ୍କା ଯାଦବଙ୍କ ବିଷୟରେ ଜାଣିବାକୁ ଚାହୁଁଛନ୍ତି। କଣ ତାଙ୍କ ପରିଚୟ ? ତେଜ ପ୍ରତାପ ଯାଦବଙ୍କ ପ୍ରେମରେ ସେ କେମିତି ପଡ଼ିଲେ ? ୧୨ ବର୍ଷ ହେଲା ଉଭୟେ ପ୍ରେମ ସମ୍ବନ୍ଧରେ ଥିବା ସତ୍ତ୍ୱେ ତେଜପ୍ରତାପ ଐଶ୍ୱର୍ଯ୍ୟାଙ୍କୁ କାହିଁକି ବାହାହେଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି। ସୂଚନା ଅନୁଯାୟୀ ପାଟ୍‌ନାର ଲଙ୍ଗରଟୋଲି ଅଞ୍ଚଳରେ ବସବାସ କରିଥିବା ମନୋଜ ଯାଦବଙ୍କ ଝିଅ ତଥା ଆର୍‌ଜେଡିର ଛାତ୍ର ଶାଖାର ପ୍ରଦେଶ ଅଧ୍ୟକ୍ଷ ଆକାଶ ଯାଦବଙ୍କ ଭଉଣୀ ହେଉଛନ୍ତି ଅନୁଷ୍କା। ତେଜ ପ୍ରତାପ ହିଁ ଆକାଶଙ୍କୁ ଏହି ପଦବୀରେ ନିଯୁକ୍ତ କରିଥିଲେ। କିନ୍ତୁ ଏବେ ଆକାଶଙ୍କୁ ପଦରୁ ହଟାଇ ଦିଆଯାଇଛି। ଆକାଶଙ୍କୁ ହଟାଇବାକୁ ନେଇ ଆର୍‌ଜେଡି ପ୍ରଦେଶ ଅଧ୍ୟକ୍ଷ ଜଗଦାନନ୍ଦ ଯାଦବଙ୍କ ସହ ତେଜ ପ୍ରତାପଙ୍କ ବିବାଦ ବି ହୋଇଥିଲା। ଏହାକୁ ନେଇ ଜଗଦାନନ୍ଦ ପାର୍ଟି ଛାଡ଼ିବାକୁ ବି ନିଷ୍ପତ୍ତି ନେଇଥିଲେ। ତେବେ ଲାଲୁଙ୍କ ହସ୍ତକ୍ଷେପ ପରେ ଜଗଦାନନ୍ଦଙ୍କ ମନ ପରିବର୍ତ୍ତନ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୯୨୭-ଜାପାନ ସେନା ଚୀନ୍ ଗୃହଯୁଦ୍ଧରେ ହସ୍ତକ୍ଷେପ କଲା।
- ୧୯୫୭- ଭାରତରେ କପିରାଇଟ୍ ବିଲ୍‌କୁ ମଞ୍ଜୁରି ମିଳିଲା।
- ୧୯୬୪- ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦେହାନ୍ତ।
- ୧୯୯୧-ଅଷ୍ଟ୍ରିଆର ବୋଇଂ ବିମାନରେ ବିସ୍ଫୋରଣ ଯୋଗୁଁ ୨୨୩ ଯାତ୍ରୀଙ୍କ ପ୍ରାଣହାନି।
- ୨୦୦୬- ଇଣ୍ଡୋନେସିଆରେ ଭୂମିକମ୍ପ ଯୋଗୁଁ ୬,୬୦୦ ଲୋକଙ୍କ ମୃତ୍ୟୁ।

## ଇଣ୍ଟରନେଟ୍ ବିନା ରହିବାକୁ ଚାହୁଁଛନ୍ତି ଯୁବପିଢ଼ି

ଟ୍ରେନ୍‌ରେ ସିଟ୍ ବୁକିଂଠାରୁ ଆରମ୍ଭ କରି ବିଲ୍ ପଇଠ ଇଣ୍ଟରନେଟ୍ ମାଧ୍ୟମରେ ଲୋକେ ଘରେ ବସି ସବୁକାମ କରିପାରୁଛନ୍ତି। ଅବଶ୍ୟ ଏହି ଟେକ୍ନିକ୍ ମଣିଷଙ୍କ ଜୀବନକୁ ସହଜ ଓ ସରଳ କରିଥିଲେ ବି କୋଉଠି ନା କୋଉଠି ସେମାନଙ୍କୁ ଅଳସୁଆ ବି କରୁଛି। ଏବେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସାରାଦିନ ମୋବାଇଲରେ ବ୍ୟସ୍ତ ରହୁଛନ୍ତି। ଏହି କ୍ରମରେ ବ୍ରିଟେନର ଏକ ସର୍ଭେରୁ ଜଣାପଡ଼ିଛି ଯେ, ଅଧିକାଂଶ ଯୁବପିଢ଼ି ଏମିତି ଏକ ଦୁନିଆରେ ରହିବାକୁ ଚାହିଁଛନ୍ତି, ଯେଉଁଠି ଇଣ୍ଟରନେଟ୍ ସେବା ନ ଥିବ। କହିବାକୁ ଗଲେ ଇଣ୍ଟରନେଟ୍ ବ୍ୟବହାର ପ୍ରତି ଯୁବିପିଢ଼ିଙ୍କ ମୋହଭଙ୍ଗ ହେଲାଣି। ଏହି ସର୍ଭେରୁ ଏକଥା ମଧ୍ୟ ସାମ୍ନାକୁ ଆସିଛି ଯେ, ୧୬ରୁ ୨୧ ବର୍ଷ ବୟସ୍କ ପ୍ରାୟ ୭୦ ପ୍ରତିଶତ ଯୁବପିଢ଼ି ସାମାଜିକ ଗଣମାଧ୍ୟମରେ ସମୟ ଅତିବାହିତ କରିବା ପରେ ପଶ୍ଚାତାପ କରିଥାନ୍ତି। ସେହିପରି ୫୦ ପ୍ରତିଶତ ଡିଜିଟାଲ କର୍ଫ୍ୟୁକୁ (ଏଥିରେ ରାତି ୧୦ଟା ପରେ ୱେବସାଇଟ୍ ଓ ଆପ୍ଲିକେସନ୍ ଦେଖିବାକୁ ବାରଣ ରହିଥାଏ) ସମର୍ଥନ କରିଛନ୍ତି। ତେବେ ୧୨୯୩ ଯୁବକଯୁବତୀଙ୍କ ଉପରେ ଏହି ସର୍ଭେ କରାଯାଇଥିଲା। ସେହିଭଳି ସର୍ଭେରୁ ଆଉ କିଛି ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ଏଥିରୁ ୨୭ ପ୍ରତିଶତ ଯୁବପିଢ଼ି ଅଜଣା ଲୋକଙ୍କ ସହ ତଥ୍ୟ ସେୟାର୍ କରିଥିବା ଜଣାପଡ଼ିଛି। ତିନି-ଚତୁର୍ଥାଂଶ ମହାମାରୀ ପରେ ଅନଲାଇନ୍‌ରେ ଅଧିକ ସମୟ ଅତିବାହିତ କରିଥିବା ସ୍ୱୀକାର କରିଥିଲେ। ୬୮ ପ୍ରତିଶତ ଯୁବପିଢ଼ି ମତ ଦେଇଥିଲେ ଯେ, ଅନ୍‌ଲାଇନ୍‌ରେ ସମୟ ଅତିବାହିତ କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଥିଲା। ଅନ୍ୟପଟେ ସର୍ଭେରେ ସାମିଲ ଯୁବପିଢ଼ିଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ସାମାଜିକ ଗଣମାଧ୍ୟମରେ ଦିନରେ ୪ରୁ ଅଧିକ ଘଣ୍ଟା ଅତିବାହିତ କରୁଥିବା କହିଥିଲେ। ୪୨ ପ୍ରତିଶତ ଏକଥା ସ୍ୱୀକାର କଲେ ଯେ, ସେମାନେ ବାପା ମା'ଙ୍କୁ ମିଛ କହି ଇଣ୍ଟରନେଟ୍ ବ୍ୟବହାର କରିଥାନ୍ତି। ସେହିପରି ୪୨ ପ୍ରତିଶତଙ୍କ ମତରେ ଆଇଡି ତିଆରି ଲାଗି ନିଜ ବୟସ ସମ୍ପର୍କରେ ମିଛ କହିଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ପ୍ରତିଶତଙ୍କ ପାଖରେ ନକଲି ଆକାଉଣ୍ଟ ଅଛି ଏବଂ ୨୭ ପ୍ରତିଶତ ନିଜକୁ ଜଣେ ଭିନ୍ନ ମଣିଷ ବୋଲି ଅନ୍ୟମାନଙ୍କୁ ଦେଖାଉଥିବା ସ୍ୱୀକାର କରିଥିଲେ।



## ଏଆଇ କଲା ସମ୍ଭବ

ଏବେ ଏଆଇ ଟେକ୍ନିକ୍ ଦ୍ୱାରା ମୃତ ବ୍ୟକ୍ତି ଜୀବିତ ଥିବା ଭଳି ତାଙ୍କ ପରିବାର ଲୋକେ ଅନୁଭବ କରିପାରୁଛନ୍ତି। ଏମିତି ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ସାମାଜିକ ଗଣମାଧ୍ୟମରେ ଏହି ବାହାଘରର ଭିଡିଓ ଭାଇରାଲ ହୋଇଛି। ଏଥିରେ ବର-କନିଆଙ୍କ ସମେତ ପରିବାର ସଦସ୍ୟ, ସାଙ୍ଗସାଥୀ ଏବଂ ବନ୍ଧୁବାନ୍ଧବ ସମସ୍ତେ ଏକାଠି ଛିଡ଼ା ହୋଇଛନ୍ତି। ବାହାଘରରେ ସମସ୍ତେ ଉପସ୍ଥିତ ଥିଲେ ହେଁ ବରଙ୍କ ପିତା ନ ଥିଲେ। କାରଣ ତାଙ୍କ ବାପାଙ୍କର ପୂର୍ବରୁ ଦେହାନ୍ତ ହୋଇଯାଇଛି। ହେଲେ ଏଆଇ ଟେକ୍ନିକ୍ ତାଙ୍କୁ ଜୀବିତ କରାଇ ସମସ୍ତଙ୍କ ସାମ୍ନାରେ ଛିଡ଼ା କରାଇଛି। ବାହାଘରରେ ଏକ ବଡ଼ ସ୍କ୍ରିନ୍‌ରେ ସେସବୁ ପ୍ରଦର୍ଶନ କରାଯାଇଛି। ସ୍କ୍ରିନ୍‌ରେ ପ୍ରଦର୍ଶନ କରାଯାଇଥିବା ଭିଡିଓରୁ ଦେଖିବାକୁ ମିଳିଛି ଯେ, ସମ୍ପୃକ୍ତ ବରଙ୍କ ଦିବଂଗତ ବାପା ସ୍ୱର୍ଗରୁ ଶିଢ଼ିରେ ଓହ୍ଲାଉଛନ୍ତି। ତା'ପରେ ପୁଅ-ବୋହୂଙ୍କୁ ଆଶୀର୍ବାଦ ଦେବା ଲାଗି ମଣ୍ଡପକୁ ଆସିଛନ୍ତି। ପରିବାର ସହିତ ଫଟୋ ଉଠାଇବା ସହ ପୁଅକୁ ଆଲିଙ୍ଗନ କରୁଛନ୍ତି। ଶେଷରେ ସେ ସ୍ୱର୍ଗକୁ ଫେରି ଯାଉଛନ୍ତି। ଏହି ଭିଡିଓଟିକୁ ଦେଖି କେବଳ ବର ଜଣକ ଭାବବିହ୍ୱଳ ହୋଇ ନାହାନ୍ତି, ବରଂ ସେଠାରେ ଉପସ୍ଥିତ ଅନ୍ୟ ଅତିଥିଙ୍କ ଆଖିରେ ମଧ୍ୟ ଲୁହ ଆସି ଯାଇଥିଲା। ତେବେ ଏହି ଭିଡିଓଟିକୁ ଦେଖି ଅନେକ ମତ ଦେଇଛନ୍ତି ଯେ, ଟେକ୍ନିକ୍‌ର ଠିକ୍ ଭାବେ ଉପଯୋଗ କରାଗଲେ, ସମ୍ପର୍କ ଆହୁରି ନିବିଡ଼ ହୋଇପାରିବ।



## 'ସ୍ପିରିଟ୍'ରୁ ହଟିଲେ ଦୀପିକା



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ଓ ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଏକାଠି 'କଲ୍କି ୨୮ ୯୮ ଏଡି' ଫିଲ୍ମରେ ନଜର ଆସିଥିଲେ। ଏହାପରେ ଉଭୟ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସ୍ପିରିଟ୍'ରେ ନଜର ଆସିବେ ବୋଲି କୁହାଯାଉଥିଲା। କିନ୍ତୁ ଇତିମଧ୍ୟରେ ଏହି ଫିଲ୍ମରୁ ଦୀପିକାଙ୍କୁ ବାଦ୍ ଦିଆଯାଇଥିବା ନେଇ ଖବର ଆସିଛି। ଦୀପିକାଙ୍କ କିଛି ସର୍ତ୍ତ ପାଇଁ ସନ୍ଦୀପ ତାଙ୍କୁ ଏଥିରୁ ବାଦ୍ ଦେଇଥିବା କୁହାଯାଉଛି। ତେବେ ଦୀପିକା ୮ ଘଣ୍ଟା ସୁଟିଂକୁ ଦେବେ ବୋଲି ସର୍ତ୍ତ ରଖିଥିଲେ। ଏହାସହ ସେ ତେଲୁଗୁରେ ଡାଇଲଗ୍ କହିବାକୁ ମଧ୍ୟ ମନା କରି ଦେଇଥିଲେ। ତେବେ ଦୀପିକାଙ୍କୁ ଏହି ଫିଲ୍ମ ପାଇଁ ପାରିଶ୍ରମିକ ବାବଦରେ ୨୦ କୋଟି ମିଳିଥାନ୍ତା। କିନ୍ତୁ ଦୀପିକାଙ୍କ ସର୍ତ୍ତରେ ସନ୍ଦୀପ ଅସନ୍ତୁଷ୍ଟ ହୋଇ ତାଙ୍କୁ ଏଥିରୁ ବାଦ୍ ଦେଇଥିବା ଜଣାପଡ଼ିଛି। ଏବେ ଏକ ନୂଆ ନାୟିକା ସନ୍ଧାନରେ ସେ ଅଛନ୍ତି। ଦୀପିକା ଶେଷ ଥର ପାଇଁ ରୋହିତ୍ ସେଟ୍ଟୀଙ୍କ ଫିଲ୍ମ 'ସିଂଘମ୍ ଏଗେନ୍'ରେ ଦେଖାଯାଇଥିଲେ। ଅବଶ୍ୟ ଏଥିରେ ସେ ଅତିଥି କଳାକାର ଭାବେ ନଜର ଆସିଥିଲେ। ଏଯାବତ୍ ସେ ତାଙ୍କର କୌଣସି ନୂଆ ଫିଲ୍ମ ବିଷୟରେ ଘୋଷଣା କରିନାହାନ୍ତି।




## ପିଆଜ ଚାରା ରୋପଣ ମେସିନ୍



ଦିନ ଥିଲା ଚାଷୀମାନେ ଜମି ହଳ କରିବାକୁ ବଳଦ ବା ଟ୍ରାକ୍ଟରର ସାହାଯ୍ୟ ନେଉଥିଲେ। ଏହାଦ୍ୱାରା ଗୋଟିଏ ଜମିରେ ବିହନ ବୁଣାବୁଣି କରିବାକୁ ଦୀର୍ଘ ସମୟ ଲାଗି ଯାଉଥିଲା। ହେଲେ ଏବେ ଚାଷୀଭାଇଙ୍କ କାମକୁ ସହଜ କରୁଛି ବିଭିନ୍ନ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି। ଏହି କ୍ରମରେ କମ୍ ସମୟ ମଧ୍ୟରେ ଅଧିକ ପିଆଜ ଚାରା ଲଗାଇବାକୁ ଚାଷୀମାନେ ଟ୍ରାନ୍ସପ୍ଲାଣ୍ଟର ମେସିନ୍ ବ୍ୟବହାର କରୁଛନ୍ତି। ଏହା ଟ୍ରାକ୍ଟର ଦ୍ୱାରା ଚାଳିତ। ଆଠଧାଡ଼ିଆ ଏହି ରୁଆଯନ୍ତ୍ର ବ୍ୟବହାର କରି ପିଆଜ ରୁଆ କାମ ସଅଳ କରିହେବ। ଏହି ମେସିନ୍‌ଟି ଶୁଷ୍କ, ସମତଳ ତଥା ଭଲ ଭାବେ ପ୍ରସ୍ତୁତ କରାଯାଇଥିବା ଜମିରେ ପିଆଜ ରୋଇଥାଏ। ମେସିନ୍‌ରେ ଚେନ୍ ଲାଗିଥିବାରୁ ଏହା ଏକାସାଙ୍ଗେ ପିଆଜ ବଲ୍‌ବକୁ ୧୫୦ ମିମି ଅନ୍ତରାଳରେ ଆଠ ଧାଡିରେ ଲଗାଇପାରେ। ତେଣୁ ଚାଷୀଭାଇ ପ୍ରତିଦିନ ଏହି ମେସିନ୍ ଜରିଆରେ ଦୁଇ ଏକର ଜମିରେ ପିଆଜ ଲଗାଇ ପାରିବେ। ଏହାଦ୍ୱାରା ମଜୁରୀ ଓ ସମୟ ବଞ୍ଚିପାରେ। ଅନ୍ୟପଟେ ବିଭିନ୍ନ ବ୍ରାଣ୍ଡ ଅନୁସାରେ ଏହି ମେସିନ୍‌ର ମୂଲ୍ୟ ନିର୍ଦ୍ଧାରିତ ରହିଛି।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଅନେକ ସ୍ଥାନରେ, ବର୍ଷା ହୋଇଯାଇଥିବାରୁ ଜମିର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ।
- କଟା ଧାନ ଅମଳ ପାଇଁ ଖଳାରେ ଥିଲେ ସୁରକ୍ଷିତ ସ୍ଥାନକୁ ନେଇ ଯାଆନ୍ତୁ। ପାଲ ଢାଙ୍କି ରଖନ୍ତୁ।
- ଖରାଟିଆ ଚାଷ କରି ଜମିରେ ସବୁଜ ସାର ହିସାବରେ ଧଣିଚା ବିହନକୁ ଏକର ପ୍ରତି ୧୦ କିଗ୍ରା ହିସାବରେ ବୁଣନ୍ତୁ।
- ବର୍ଷା ସମୟରେ କୀଟନାଶକ ସିଞ୍ଚନ ଓ ଜଳସେଚନ ବନ୍ଦ ରଖନ୍ତୁ।
- ବୃଷ୍ଟିପୁଷ୍ଟ ଢିପ ଜମିମାନଙ୍କରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ ଯଥା – ଡାଲି ଫସଲ, ତୈଳବିଜ ଫସଲ, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବେ ଅଥବା ମିଶ୍ରିତ ଫସଲ ଭାବେ ଚାଷ କରନ୍ତୁ।
- ପବନରୁ ଆମ୍ବକୁ ରକ୍ଷା କରିବା ପାଇଁ ଗଛରେ ଜାଲ ଲଗାନ୍ତୁ।
- ଭେଣ୍ଡିରେ ଶୋଷକଜାତୀୟ କୀଟ ଲାଗିବାର ସମ୍ଭାବନା ରହିଛି। ବର୍ଷା ଛାଡ଼ିଗଲା ପରେ, ଏହି ପୋକ ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ହରଡର ଉନ୍ନତ ସଅଳ କିସମ ହେଲା ପିଆର.ଜି-୧୭୬, ପିଆର୍.ଜି-୨୩୫, ଭି.ଏଲ-ଅରହର, ଟି-ଅରହର ଇତ୍ୟାଦି।



## ବଜାରଭିତ୍ତିକ କୃଷି





**କଠିନ ପରିସ୍ଥିତିର ମୁକାବିଲା କରୁଥିବା କୃଷକମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଏବଂ ସେମାନଙ୍କ ଆୟକୁ ଦ୍ୱିଗୁଣିତ କରିବାର ଦାୟିତ୍ୱ ବହନ କରିଥାନ୍ତି କୃଷକ ଉତ୍ପାଦକ ସଂଗଠନମାନେ। ସାମୂହିକ ଭାବେ ଉତ୍ପାଦଗୁଡ଼ିକର ମୂଲଚାଲ କରିବାର କ୍ଷମତା ବୃଦ୍ଧି, ବୈଷୟିକ ଜ୍ଞାନ ଏବଂ ବଜାର ସହିତ ସମ୍ପର୍କକୁ ମଜଭୁତ କରିବା ଦିଗରେ ଏହି ସଂଗଠନଗୁଡ଼ିକ ଅଗ୍ରଣୀ ଭୂମିକା ତୁଲାଇ ଥାଆନ୍ତି। ତେବେ ସେହି ସଂଗଠନମାନଙ୍କ ମଧ୍ୟରୁ କୋଠବାଡ଼ ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଅନ୍ୟତମ।**

୨୦୧୮ ମସିହାରେ ଗଠିତ ହୋଇଥିବା ଏହି କମ୍ପାନୀ କୁକୁଡ଼ା ପାଳନ, ଭର୍ମି କମ୍ପୋଷ୍ଟ, ମାଛ ଚାଷ ଭଳି ଉତ୍ପାଦନ, ପ୍ରକ୍ରିୟାକରଣ ମାଧ୍ୟମରେ ମସଲା, ହରଡ଼ ଡାଲି, ଗୋଲମରିଚ ଗୁଣ୍ଡ ଆଦି ପ୍ରସ୍ତୁତ କରିବା ଦିଗରେ ଅଗ୍ରସର ହୋଇଥିଲା। ଜଳବାୟୁ ଆଧାରିତ ଚାଷକୁ ପ୍ରୋତ୍ସାହିତ କରିବା, ସିଧାସଳଖ ଭାବେ ବିହନ ଧାନ, ଦେଶୀ ଧାନ ଚାଷ ଭଳି କାର୍ଯ୍ୟକ୍ରମ କରିବାରେ ଏହି କମ୍ପାନୀଟି ପାରଦର୍ଶିତା ହାସଲ କରିସାରିଛି। ୨୦୨୪-୨୫ ବେଳକୁ ଏହାର ବାର୍ଷିକ କାରବାର ପ୍ରାୟ ୬୨.୫୬ ଲକ୍ଷ ଟଙ୍କା ଥିବାବେଳେ ବର୍ତ୍ତମାନ ଏହି କମ୍ପାନୀର କାରବାର ୨.୪ କୋଟିରେ ପହଞ୍ଚି ସାରିଛି। କମ୍ପାନୀ ମାଧ୍ୟମରେ ପିପିଲି ଏବଂ ଡେଲାଙ୍ଗ ଅଞ୍ଚଳରେ ଡିଏସଆର ପ୍ରଣାଳୀର ଉନ୍ନତି ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି। ଏହା ଜଳ ସଂରକ୍ଷଣ ଓ ଶ୍ରମ ହ୍ରାସ ସହିତ ଧାନ ଚାଷୀଙ୍କୁ ଉତ୍ସାହିତ କରୁଛି। ସେହିପରି ଢେଙ୍କାନାଳ ଜିଲ୍ଲା, କଙ୍କାଡହାଡରେ ଜଳବାୟୁ ମୁକାବିଲା କରିପାରୁଥିବା ପଦ୍ଧତିରେ ପ୍ରାୟ ୭୦୦ ହେକ୍ଟର ଜମିରେ କମ୍ପାନର ଉଦ୍ୟମରେ ଧାନ ଚାଷ କରାଯାଇଛି। ଅନୁକୂଳ ଉପକରଣ ସହିତ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବା, ସ୍ୱଦେଶୀ ଧାନ ଉତ୍ପାଦନ ଏବଂ ଏହାର ବିପଣନକୁ ବୃଦ୍ଧି ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରିବାର ଯୋଜନା ରଖିଛି। ଏହି ଉତ୍ପାଦଗୁଡ଼ିକୁ ନିଜସ୍ୱ ବ୍ରାଣ୍ଡ ସୃଷ୍ଟି କରିବା ଉପରେ ପ୍ରୟାସ କରାଯିବ, ଯାହାଦ୍ୱାରା ବାଣିଜ୍ୟ କାରବାରକୁ ସହଜ କରାଯାଇପାରିବ ଏବଂ ଉତ୍ପାଦଗୁଡ଼ିକର ଉଚିତ ମୂଲ୍ୟ ମିଳିବା ସହିତ ଉତ୍ପାଦକ ଗୋଷ୍ଠୀଗୁଡ଼ିକର କ୍ଷମତାକୁ ସୁଦୃଢ଼ ମଧ୍ୟ କରାଯାଇପାରିବ। ଏହା ସହିତ ପନିପରିବା ଏକତ୍ରୀକରଣକୁ ବୃଦ୍ଧି କରିବା, ବିହନ ଏବଂ ସାର ବ୍ୟବସାୟ ଆରମ୍ଭ କରିବା, ବିଭିନ୍ନ ଉତ୍ପାଦ ପାଇଁ ଏକ ନିୟମିତ ବଜାର ଶୃଙ୍ଖଳା ସ୍ଥାପନ କରିବାର ଯୋଜନା ରଖିଛି ଏହି କମ୍ପାନୀ। ବୈଷୟିକ ସହାୟତା ଏବଂ ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନକେନ୍ଦ୍ର, ମାଧ୍ୟମରେ 'କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର'ର ସହଯୋଗର ଆଶା ରଖିଛି ଏହି କୃଷକ ଉତ୍ପାଦକ କମ୍ପାନୀ। ଏହି କମ୍ପାନୀ ଉଦ୍ୟମରେ ଧାନ ଚାଷ ତା' ସହିତ ଚାଷୀ ଏବଂ ଗ୍ରାହକଙ୍କ ମଧ୍ୟରେ ଦଳରୁ ପ୍ରସ୍ତୁତ ଭର୍ମିକମ୍ପୋଷ୍ଟ ବ୍ୟବହାରକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରିଛି ଏବଂ ମାଟିର ଉର୍ବରତାକୁ ଉନ୍ନତ କରିବାରେ ସହାୟକ ହୋଇପାରିଛି।

ଏହା ବ୍ୟତୀତ ୨୮ ଜଣ କୃଷକଙ୍କ ମଧ୍ୟରେ ଛତୁ ଚାଷ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆବଶ୍ୟକୀୟ ସହଯୋଗ ଓ ପ୍ରଶିକ୍ଷଣ ଯୋଗାଇବା ସହ ଏହି କମ୍ପାନୀ ଜରିଆରେ ଉଦ୍ୟାନ ବିଭାଗ ସହିତ ଏମାନଙ୍କୁ ସଂଯୁକ୍ତ କରାଯାଇଛି।

ଏହି କମ୍ପାନୀ ଚାଷୀମାନଙ୍କ ମଧ୍ୟରେ ଏକତା, ମହିଳା ଚାଷୀମାନଙ୍କୁ ବ୍ୟାପକ ଭାବରେ କୃଷି କାର୍ଯ୍ୟକଳାପରେ ସାମିଲ କରିବା ପାଇଁ ଏକ ଭିତ୍ତିଭୂମି ସୃଷ୍ଟି କରିବାରେ ସହାୟକ ହୋଇପାରିଛି। ରାଜ୍ୟ ଭିତରେ ଏବଂ ବାହାରେ ବିପଣନ ମାଧ୍ୟମ ସ୍ଥାପନ କରିବା ସହିତ ସ୍ୱଦେଶୀ ଧାନ, ରାସାୟନିକ ମୁକ୍ତ ଉତ୍ପାଦ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରାଇବାରେ ମଧ୍ୟ ଅଗ୍ରଣୀ ଭୂମିକା ତୁଲାଇଛି ଏହି କମ୍ପାନୀ।

## ପ୍ଲେ-ଅଫ୍‌ରେ ପ୍ରବେଶ ପରେ ପରାଜୟ

ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୧୮ତମ ସଂସ୍କରଣରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ଲିଗ୍ ପର୍ଯ୍ୟାୟ ମଙ୍ଗଳବାର ଶେଷ ହେବାକୁ ଥିବାବେଳେ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିବା ୪ଟି ଯାକ ଦଳ ଗୁଜରାଟ ଟାଇଟନ୍ସ, ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍‌ସ ଅତିକମ୍‌ରେ ଗୋଟିଏ ଲେଖାଏ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ପ୍ଲେ-ଅଫ୍‌କୁ ପ୍ରବେଶ କରିବା ପରେ ପ୍ରଥମ ଦଳ ଭାବେ ଗୁଜରାଟ ୩୩ ରନରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ନିକଟରୁ ହାରିଥିଲା। ଏହାପରେ ବେଙ୍ଗାଲୁରୁ ୪୨ ରନରେ ସନରାଇଜର୍ସ ହାଇଦରାବାଦ୍ ନିକଟରୁ, ପଞ୍ଜାବ ୬ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସଠୁ ଏବଂ ମୁମ୍ବାଇ ୭ ୱିକେଟରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଛି। ତେବେ ପ୍ଲେ-ଅଫ୍‌ରେ ପ୍ରବେଶ ପରେ ଗୁଜରାଟ ଦୁଇଟି ମ୍ୟାଚ୍ ହାରିଥିଲା। ସୁପର୍ ଜାଏଣ୍ଟ୍‌ସ ସମେତ ଚେନ୍ନାଇଠାରୁ ମଧ୍ୟ ଗୁଜରାଟ ହାରିଥିଲା।

## ଟି-୨୦ରେ ପାଣ୍ଡ୍ୟାଙ୍କ ୩୦୦ ମ୍ୟାଚ୍

ଜୟପୁର,୨୬।୫ (ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ବିଶ୍ୱର ୭୮ତମ କ୍ରିକେଟର୍ ଭାବେ ୩୦୦ କିମ୍ବା ଏହାଠାରୁ ଅଧିକ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସୋମବାର ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମୁକାବିଲା ପାଣ୍ଡ୍ୟାଙ୍କ ଓଭରଅଲ୍ ଟି-୨୦ କ୍ୟାରିୟରର ୩୦୦ତମ ମ୍ୟାଚ୍ ଥିଲା। ଅନ୍ତର୍ଜାତୀୟ, ଲିଗ୍‌ଭିତ୍ତିକ ଓ ଜାତୀୟ ଟି-୨୦କୁ ମିଶାଇ ୩୦୦ ମ୍ୟାଚ୍ ଖେଳିଥିବା ପାଣ୍ଡ୍ୟା ପାଖାପାଖି ୩୦ ହାରରେ ମୋଟ୍ ୫୫୩୮ ରନ ସଂଗ୍ରହ କରିଛନ୍ତି। ସେହିଭଳି ପାଣ୍ଡ୍ୟାଙ୍କ ନାମରେ ୨୦୩ ୱିକେଟ୍ ମଧ୍ୟ ଲିପିବଦ୍ଧ ରହିଛି। ପାଣ୍ଡ୍ୟା ଭାରତୀୟ ଦଳ ସମେତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ, ଗୁଜରାଟ ଟାଇଟନ୍ସ ଓ ଘରୋଇ କ୍ରିକେଟ୍‌ରେ ବରୋଦା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ୧୩ତମ ଭାରତୀୟ ଭାବେ ସେ ୩୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସର୍ବାଧିକ ଟି-୨୦ ମ୍ୟାଚ୍ ଖେଳିଥିବା ଭାରତୀୟ କ୍ରିକେଟର୍‌ଙ୍କ ମଧ୍ୟରେ ରୋହିତ୍ ଶର୍ମା (୪୬୧), ଦୀନେଶ କାର୍ତ୍ତିକ (୪୧୨), ବିରାଟ କୋହଲି (୪୧୧), ମହେନ୍ଦ୍ର ସିଂ ଧୋନି (୪୦୫) ଓ ରବୀନ୍ଦ୍ର ଜାଡେଜା (୩୪୬) ତାଲିକାର ପ୍ରଥମ ୫ଟି ସ୍ଥାନରେ ରହିଛନ୍ତି।

■ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍

## ୧୮ଟି ଟେଷ୍ଟ ଖେଳିବ ଭାରତ

ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଜୁନ୍ ୧୧ରୁ ୧୫ ତାରିଖଯାଏ ହେବାକୁ ଥିବା ଫାଇନାଲ ମୁକାବିଲା ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣ ଶେଷ ହେବ। ଏହା ମଧ୍ୟରେ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଖେଳସୂଚୀ ପ୍ରକାଶ କରିଛି ଆଇସିସି। ଏହି ସୂଚୀ ଅନୁଯାୟୀ ଉପରୋକ୍ତ ଟେଷ୍ଟ ସରଇକଲରେ ଭାରତ ୧୮ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ୬ଟି ଦେଶ ସହ ବିଦେଶରେ ଓ ଘରୋଇ ମାଟିରେ ଏହି ମ୍ୟାଚ୍ ଖେଳିବ ଭାରତ। ଏହା ମଧ୍ୟରୁ ପ୍ରଥମ ସିରିଜ୍ ବିଦେଶରେ ଖେଳାଯିବ। ଜୁନ୍ ୨୦ରୁ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଖେଳାଯିବ। ଏହା ପରେ ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ଓ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ସହ ୨ଟି ଲେଖାଏଁ ଟେଷ୍ଟ ଖେଳିବ। ୨୦୨୬ ଅଗଷ୍ଟରେ ଶ୍ରୀଲଙ୍କା ସହ ୨ଟି ଟେଷ୍ଟ ଖେଳିବାକୁ ଯିବ। ଅକ୍ଟୋବର ଓ ଡିସେମ୍ବର ୨୬ରେ ମଧ ଭାରତ ନ୍ୟୁଜିଲାଣ୍ଡରେ ୨ଟି ଟେଷ୍ଟ ଖେଳିବ। ଶେଷରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ସହ ୫ଟି ଟେଷ୍ଟ ଖେଳି ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ସାଇକଲ ଶେଷ ହେବ। ଏହି ସମୟ ମଧ୍ୟରେ ଖେଳିବାକୁ ଥିବା ୧୮ଟି ଟେଷ୍ଟ ମଧ୍ୟରୁ ଭାରତ ଉଭୟ ବିଦେଶରେ ଓ ଦେଶରେ ୯ଟି ଲେଖାଏଁ ଟେଷ୍ଟ ଖେଳିବ।

● ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍

## ଜିଓ-ହଟ୍‌ଷ୍ଟାରକୁ ଡିଜିଟାଲ୍ ପ୍ରସାରଣ ଅଧିକାର

ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଜୁନ୍ ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଡିଜିଟାଲ ପ୍ରସାରଣ ଅଧିକାର ଜିଓହଟ୍‌ଷ୍ଟାରକୁ ମିଳିଛି। ନିକଟରେ ଜିଓ ସହ ଷ୍ଟାରର ରାଜିନାମା ହେବା ପରେ ଜିଓ ହଟ୍‌ଷ୍ଟାର ଭାରତ ଖେଳୁଥିବା ସମସ୍ତ ଅନ୍ତର୍ଜାତୀୟ ମ୍ୟାଚ୍‌ର ଡିଜିଟାଲ ପ୍ରସାରଣ କରିଆସୁଛି। ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ର ସିଧାସଳଖ ପ୍ରସାରଣ ସୋନି ଏଣ୍ଟରଟେନ୍‌ମେଣ୍ଟ ନେଟ୍‌ୱର୍କରେ ପ୍ରସାରିତ ହେବ। ଡିଜିଟାଲ ପ୍ରସାରଣ ଲାଗି ଜିଓ ହଟଷ୍ଟାର ଓ ସୋନି ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ଟେଷ୍ଟ ଲିଡ୍‌ସରେ ଜୁନ ୨୦ରୁ, ଦ୍ୱିତୀୟ ଟେଷ୍ଟ ଏଜ୍‌ବାଷ୍ଟନରେ ଜୁଲାଇ ୨ରୁ, ତୃତୀୟ ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ, ଚତୁର୍ଥ ଟେଷ୍ଟ ମାଞ୍ଚେଷ୍ଟରରେ ଜୁଲାଇ ୨୩ରୁ ଓ ପଞ୍ଚମ ତଥା ଟେଷ୍ଟ ଟେଷ୍ଟ ଓଭାଲରେ ଜୁଲାଇ ୩୧ରୁ ଆରମ୍ଭ ହେବ। ଆସନ୍ତାବର୍ଷ ଇଂଲଣ୍ଡ ଗସ୍ତରେ ଆସି ଭାରତ ୩ ଦିନିକିଆ ଓ ୫ ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ଆଇପିଏଲ୍ ୧୮ : ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ ବେକାର

# ମୁମ୍ବାଇକୁ ହରାଇ ଶୀର୍ଷରେ ପଞ୍ଜାବ



ପ୍ରିୟାଂଶ ଆର୍ଯ୍ୟ ଓ ଜୋଶ ଇଂଲିଶ

ଜୟପୁର,୨୬।୫ (ଏଜେନ୍ସି)

୩୦ ବର୍ଷୀୟ ଅଷ୍ଟ୍ରେଲୀୟ ଜୋଶ ଇଂଲିଶ ଓ ୨୩ ବର୍ଷୀୟ ଦିଲ୍ଲୀ ଖେଳାଳି ପ୍ରିୟାଂଶ ଆର୍ଯ୍ୟଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗସ ୭ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଆଇପିଏଲ୍-୧୮ ପଏଣ୍ଟ ଟେବଲର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି। ଏଠାରେ ସୋମବାର ଖେଳାଯାଇଥିବା ମ୍ୟାଚ୍ ସହ ପଞ୍ଜାବ ୧୪ଟି ମ୍ୟାଚ୍‌ରୁ ୧୯ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ସେହିପରି ୧୪ଟି ମୁକାବିଲାରୁ ୬ଷ୍ଠ ପରାଜୟ ବରଣ କରି ମୁମ୍ବାଇ ପୂର୍ବପରି ଚତୁର୍ଥ ସ୍ଥାନରେ ରହିଛି। ଦଳ ଏବେ ଏଲିମିନେଟର ଖେଳିବ। ଅନ୍ୟପକ୍ଷରେ ପଞ୍ଜାବ ମେ ୨୯ରେ ଖେଳାଯିବାକୁ ପ୍ରଥମ କ୍ୱାଲିଫାୟରରେ ଗୁଜରାଟ ଟାଇଟନ୍ସ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ମୁକାବିଲା କରିବ। ଉଭୟ ମ୍ୟାଚ୍ ଚଣ୍ଡିଗଡ଼ର ନୂଆ ଷ୍ଟାଡିୟମ୍ ମୁଲାନପୁରରେ ଖେଳାଯିବ।

- ପ୍ରଥମଦଳ ଭାବେ ପଞ୍ଜାବ ଖେଳିବ କ୍ୱାଲିଫାୟର-୧
- ଗୁଜରାଟ କିମ୍ବା ବେଙ୍ଗାଲୁରୁ ହେବେ ପ୍ରତିଦ୍ୱନ୍ଦ୍ୱୀ
- ମେ ୨୯ରେ ଖେଳାଯିବ ପ୍ରଥମ କ୍ୱାଲିଫାୟର

ଜୟପୁରର ସୱାଇ ମାନସିଂ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ଧୈର୍ଯ୍ୟପୂର୍ଣ୍ଣ ୫୭ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ୍ କରିଥିଲା। ଜବାବରେ ପଞ୍ଜାବ ୧୮.୩ ଓଭରରେ ୩ ୱିକେଟ ହରାଇ ୧୮୭ ରନ୍ କରି ୭ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦଳ ୩୪ ରନ୍‌ରେ ପ୍ରଭସିମରନ ସିଂହଙ୍କ ୱିକେଟ ହରାଇଥିଲା। କିନ୍ତୁ ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟଙ୍କ ସହ ଜୋଶ ଇଂଲିଶ ଯୋଗ ଦେଇ ଦ୍ୱିତୀୟ ୱିକେଟ୍‌ରୁ ୫୯ ବଲ୍‌ରେ ୧୨୧ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ପ୍ରିୟାଂଶ ୩୫ ବଲ୍‌ର ସମ୍ମୁଖୀନ ହୋଇ ୯ ଚୌକା ଓ ୨ଛକା ସହ ୬୨ ରନ୍‌ରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ଦମ୍‌ଦାର ବ୍ୟାଟିଂ କରିଥିବା ଇଂଲିଶ ୪୨ ବଲ୍ ଖେଳି ୯ ଚୌକା ଓ ୩ ଛକା ସହ ୭୩ ରନ୍‌ରେ ଆଉଟ ହୋଇଥିଲେ। ଏମାନଙ୍କ ଆଉଟ ପରେ ପଞ୍ଜାବ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦଳକୁ ବିଜୟୀ କରାଇଥିଲେ।

ପୂର୍ବରୁ ଟସ୍ ହାରିବା ପରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା। ପଞ୍ଜାବର ବୋଲରମାନେ ଭଲ ପ୍ରଦର୍ଶନ କରିବା ଫଳରେ ଦଳ ପାୱାର ପ୍ଲେ'ରେ ୧ ୱିକେଟ ହରାଇ ମାତ୍ର ୫୨ ରନ୍ କରିଥିଲା। ୪୫ ରନ୍‌ରେ ରିୟାନ ରିକେଲଟନ ୨୭ ରନ୍ କରି ଆଉଟ ହେବା ପରେ ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ଇନିଂସ ସଜାଡିଥିଲେ। ସେ ୩୯ ବଲ୍‌ରୁ ୬ ଚୌକା ଓ ୨ଛକା ସହ ୫୭ ରନ୍ କରି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ। ଦଳ ଏକଦା ୧ ୱିକେଟରେ ୮୧ ରନ୍ କରି ଭଲ ସ୍ଥିତିରେ ଥିଲା। ଏହି ସମୟରେ ରୋହିତ ୨୪, ତିଲକ ବର୍ମା ୧ ଓ ୱିଲ ଜ୍ୟାକ୍ସ ୧୭ ରନ୍‌ରେ ଆଉଟ ହୋଇଥିଲେ। ଫଳରେ ମୁମ୍ବାଇ ମିଡଲ ଅର୍ଡରରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦୬ ରନ୍‌ରେ ୪ ୱିକେଟ ହରାଇଥିଲା। ଏହି ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ୧୫ ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ବଳରେ ୨୬ ଏବଂ ନମନ ଧୀର ୧୨ ବଲ୍‌ରେ ୨ ଛକା ସହ ୨୦ ରନ୍ କରିବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା।

**ଆଇପିଏଲ୍‌ରେ ଆଜି**

**ଲକ୍ଷ୍ନୌ ବନାମ ବେଙ୍ଗାଲୁରୁ**

ଲକ୍ଷ୍ନୌ / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ପଞ୍ଜାବ | ୧୪ | ୯ | ୪ | ୧ | ୧୯ | +୦.୩୭୨ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୪ | ୮ | ୬ | ୦ | ୧୬ | +୧.୧୪୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ହାଇଦରାବାଦ୍ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା | ୧୪ | ୫ | ୭ | ୨ | ୧୨ | +୦.୩୦୫ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

## ପ୍ରୀତୀଶଙ୍କୁ ୭ ୱିକେଟ୍; ବରଗଡ଼ ବିଜୟୀ

କଟକ,୨୬।୫(ସମିସ): ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ଆଜି ଠାରୁ ଆରମ୍ଭ ହୋଇଛି। ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ବରଗଡ ୨ ୱିକେଟରେ ଗଞ୍ଜାମକୁ ପରାସ୍ତ କରିଛି। ବରଗଡ ଟସ୍ ଜିତି ଗଞ୍ଜାମକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଆଦର୍ଶ ପଟ୍ଟନାୟକଙ୍କ ୪୩ରନ ସହାୟତାରେ ଗଞ୍ଜାମ ସମସ୍ତ ୱିକେଟ ହରାଇ ୧୧୭ରନ କରିଥିଲା। ବରଗଡର ପ୍ରୀତିଶ କୁମାର ଦାଶ ୧୩ରନ ବିନିମୟରେ ୭ଟି ୱିକେଟ ଅକ୍ତିଆର କରି ଗଞ୍ଜାମର ମୂଳଦୁଆ ଭୁଷୁଡାଇ ଦେଇଥିଲେ। ୨୫ ଓଭରରେ ୮ ୱିକେଟ ହରାଇ ବରଗଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ନିର୍ମଳ ସୁନା ୨୨ରନ ଏବଂ ଅଜୟ ଉପ୍ରେତି ୧୩ରନର ଅପରାଜିତ ପାଳି ଖେଳି ଦଳକୁ ଜିତାଇଥିଲେ। ପ୍ରୀତିଶଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ ନୂଆପଡା ୫ ୱିକେଟରେ ପାରାଦ୍ୱୀପକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାଦ୍ୱୀପ ୧୭୮ ରନରେ ଅଲଆଉଟ ହୋଇଥିଲା। ଅର୍ପିତ ମହାନ୍ତି ସର୍ବାଧିକ ୮୩ରନ କରିଥିଲେ। ନୂଆପଡାର ସ୍ୱୟଂ ମେହେର ୪ଟି ଏବଂ ଲେଲିନ ମାଝୀ ୩ଟି ୱିକେଟ ଦଖଲ କରିଥିଲେ। ନିଖିଳ ଚନ୍ଦ୍ରପାଉ ଏବଂ ଅର୍ମାନ ପତି ଯଥାକ୍ରମେ ୫୮ରନ ଏବଂ ୫୫ରନର ଅପରାଜିତ ପାଳି ଖେଳି ନୂଆପଡାକୁ ସହଜ ବିଜୟ ପ୍ରଦାନ କରିଥିଲେ। ପାରାଦ୍ୱୀପର ଅର୍ପିତ ୩ଟି ୱିକେଟ ହାସଲ କରିଥିଲେ। ନୂଆପଡାର ସ୍ୱୟଂଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅଡଶପୁର ଗ୍ରାଉଣ୍ଡରେ କନ୍ଧମାଳ ୨ ୱିକେଟରେ ପୁରୀକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଦୁଇ ମ୍ୟାଚ୍‌ରେ କଟକ-ଏ ୧୬୩ରନରେ କେନ୍ଦୁଝରକୁ ଏବଂ ବାଲେଶ୍ୱର ୯୨ରନରେ ଢେଙ୍କାନାଳକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୫ ୱିକେଟ୍ ନେଇଥିବା କୌଶଲ ପେରିୱାଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ପ୍ରୀତିଶ ଦାଶ



କୌଶଲ ପେରିୱାଲ୍

## କାଶିକାଙ୍କୁ ନବୀନଙ୍କ ଅଭିନନ୍ଦନ



ଭୁବନେଶ୍ୱର, ୨୬।୫ (ସମିସ): ଦେଶର ୧ ନମ୍ବର ଆମେଚର୍ ମହିଳା ଗଲ୍ଫର ହେବାର ସୌଭାଗ୍ୟ ଲାଭ କରିଥିବା ଓଡ଼ିଆ ଝିଅ କାଶିକା ମିଶ୍ରଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। 'ଓଡ଼ିଶାର କାଶିକା ମିଶ୍ରଙ୍କୁ ତାଙ୍କ ସ୍ଥିର ପ୍ରଦର୍ଶନ ସହ ଭାରତର ମହିଳା ଆମେଚର୍ ଗଲ୍ଫରଙ୍କ ମଧ୍ୟରେ ୧ ନମ୍ବର ସ୍ଥାନ ହାସଲ କରିଥିବାରୁ ଅଭିନନ୍ଦନ। ସେ ତାଙ୍କ କ୍ରୀଡ଼ା କ୍ୟାରିୟରରେ ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖି ଓଡ଼ିଶାକୁ ଆହୁରି ଗର୍ବିତ କରନ୍ତୁ' ବୋଲି ଏକ୍ସ'ରେ ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, କାଶିକା ବ୍ରହ୍ମପୁରର ମୂଳବାସିନ୍ଦା ହୋଇଥିବାବେଳେ ତାଙ୍କ ବାପାଙ୍କ ନାମ ବ୍ରିଗେଡିୟର ତାପସ ମିଶ୍ର ଓ ମା' ଅନିତ୍ୟ ଚାନ୍ଦ। କାଶିକା ଗତ ଏକ ବର୍ଷ ହେବ କ୍ରମାଗତ ଶ୍ରେଷ୍ଠ ପ୍ରଦର୍ଶନ କରି ୪ର୍ଥରୁ ସଦ୍ୟ ଏକ ନମ୍ବର ସ୍ଥାନକୁ ଉଠିଛନ୍ତି। ସେ ଉଚ୍ଚଶିକ୍ଷା ଓ ଗଲ୍ଫ କ୍ୟାରିୟର ଲାଗି ଆଗାମୀ ଦିନରେ ଆମେରିକାରେ ଏକ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ।

**ଫ୍ରେଞ୍ଚ ଓପନ୍**

# ଆଲ୍‌କାରାଜ୍‌ଙ୍କ ବିଜୟ ଅଭିଯାନ

ପ୍ୟାରିସ, ୨୬।୫ (ଏଜେନ୍ସି)

ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନର ଦ୍ୱିତୀୟ ଦିବସରେ ସୋମବାର ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ଏକକର ପ୍ରଥମ ରାଉଣ୍ଡରେ ସ୍ପେନର ଆଲ୍‌କାରାଜ ୬-୩, ୬-୪, ୬-୨ ସିଧାସଳଖ ସେଟ୍‌ରେ ଇଟାଲୀର ଯୋଗ୍ୟତା ଅର୍ଜନକାରୀ ଖେଳାଳି ଗିଉଲିଓ ଜେପିଏରିଙ୍କୁ ହରାଇଛନ୍ତି। ଚାରିଥରର ଗ୍ରାଣ୍ଡସ୍ଲାମ ବିଜେତା ଆଲ୍‌କାରାଜ ନିକଟରେ ମୋଣ୍ଟେ କାର୍ଲୋ ମାଷ୍ଟର୍ସ ଓ ଇଟାଲିଆନ୍ ଓପନ୍‌ରେ ଚାମ୍ପିଅନ ହୋଇଥିବାରୁ ଏଠାରେ ମଧ୍ୟ ଟାଇଟଲ୍ ଫେଭରାଇଟ୍ ରହିଛନ୍ତି। ସେହିଭଳି ଅନ୍ୟତମ ଟାଇଟଲ୍ ଦାବିଦାର ଗ୍ରୀକର ଷ୍ଟିଫାନୋସ ସିତ୍‌ସିପାସ ମଧ୍ୟ ସହଜ ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ୨୦ତମ ସିଡ୍ ସିତ୍‌ସିପାସ ୭-୫, ୬-୩, ୬-୪ ସିଧାସଳଖ ସେଟ୍‌ରେ ଆର୍ଜେଣ୍ଟିନାର ତୋମାସ ମାର୍ଟିନଙ୍କୁ ହରାଇଛନ୍ତି। ସୋମବାର ବିଜୟ ହାସଲ କରିଥିବା ଅନ୍ୟତମ ପୁରୁଷ ଖେଳାଳିଙ୍କ ମଧ୍ୟରେ ନରୱେର ୭ମ ସିଡ୍ କାସ୍ପର ରୁଡ୍ ୬-୩, ୬-୪, ୬-୨ ସିଧାସଳଖ ସେଟ୍‌ରେ ସ୍ପେନର ଆଲବର୍ଟ ରାମୋସଙ୍କୁ ପରାସ୍ତ କରିଛନ୍ତି।



### ୨ୟ ରାଉଣ୍ଡରେ ସ୍ୱିଆଟେକ୍

ମହିଳା ଏକକରେ ମଧ୍ୟ ଡିଫେଣ୍ଡିଂ ଚାମ୍ପିଅନ ଇଗା ସ୍ୱିଆଟେକ୍ ସହଜ ବିଜୟରୁ ଫ୍ରେଞ୍ଚ ଓପନ୍‌ରେ ଅଭିଯାନ ଆରମ୍ଭ କରିଛନ୍ତି। ପଞ୍ଚମ ସିଡ୍ ପୋଲାଣ୍ଡ ତାରକା ଖେଳାଳି ସ୍ୱିଆଟେକ ପ୍ରଥମ ରାଉଣ୍ଡରେ ୬-୩, ୬-୩ ସିଧାସଳଖ ସେଟ୍‌ରେ ସ୍ଲୋଭାକିଆର ରେବେକା ସ୍ରାମକୋଭାଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ମାତ୍ର ୪୪ ମିନିଟ୍ ସମୟ ଲାଗିଥିଲା। ଯଦି ସ୍ୱିଆଟେକ୍ ଏଥର ଚାମ୍ପିଅନ ହୁଅନ୍ତି ତେବେ ବିଗତ ୬ଷ୍ଠ ବର୍ଷରେ ପଞ୍ଚମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର ଟ୍ରଫି ଜିତିବେ। ଦ୍ୱିତୀୟ ରାଉଣ୍ଡରେ ସ୍ୱିଆଟେକ ବ୍ରିଟେନର ଇମା ରାଡୁକାନୁଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚରେ ରାଡୁକାନୁ ୭-୫, ୪-୬, ୬-୩ ସେଟ୍‌ରେ ଚାଇନାର ୱାଙ୍ଗ ଜିନ୍ୟୁଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ସ୍ପେନର ପାଉଲୋ ବାଡୋସା, କ୍ରୋଏସିଆର ବ୍ରେନାର୍ଡ ପେରେ, କାଜାଖସ୍ତାନର ଏଲିନା ରିବାକିନା ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## ଦୌଡ଼କୁଦ ସଂଘ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




କଟକ,୨୬।୫(ସମିସ): ଓଡ଼ିଶା ଆଥଲେଟିକ ସଂଘ(ଓଏଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୧୦୦ ଆଥଲେଟ ଭାଗ ନେଇଥିଲେ। ବିଭିନ୍ନ ଜିଲ୍ଲାର ୧୨ରୁ ୧୬ବର୍ଷ ବୟସର ଖେଳାଳି ଏଥିରେ ସାମିଲ ହୋଇଥିଲେ। ଶିବିରରୁ ପ୍ରତିଭାବାନ ଖେଳାଳି ବଛାଯାଇଛନ୍ତି। ସଂଘ ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା ଆବାସିକ ଏକାଡେମୀରେ ଏହି ଖେଳାଳିଙ୍କୁ ସ୍ଥାନ ମିଳିବ। ରହଣୀ ଓ ପ୍ରଶିକ୍ଷଣ ସମେତ ପୋଷଣଯୁକ୍ତ ଖାଦ୍ୟ ଓ ଶିକ୍ଷାଦାନ ବ୍ୟବସ୍ଥା ମଧ୍ୟ ଏଠାରେ ଉପଲବ୍ଧ କରାଯିବ। ଓଏଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସଭାପତି ଜି.ଏସ୍ ପଟ୍ଟନାୟକ, ଅନ୍ତର୍ଜାତୀୟ ମାରାଥନ ଧାବକ ଡଃ ବିବେକାନନ୍ଦ ତ୍ରିପାଠୀ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଫାଓ କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଓଏଏ ଯୁଗ୍ମ ସମ୍ପାଦକ ରବି ନାଏକ, ବୈଷୟିକ କମିଟି ଅଧ୍ୟକ୍ଷ ଅଭୟ ଦାସଙ୍କ ସମେତ ଅରୁଣ ଦାଶ, ଚିତ୍ତରଞ୍ଜନ ମହାପାତ୍ର, ନୀଳମାଧବ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS